୬
ଏସିଆନ ଗେମ୍ସରୁ ବାଦ୍ ପଡ଼ିଲେ ଭିନେଶ ଫୋଗଟ : ଡବ୍ଲୁଏଫଆଇ ହାଇକୋର୍ଟଙ୍କ ଭର୍ତ୍ସନା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୧୨ ● ୨୩ ମଇ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-112 ● 23rd May 2026, Saturday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ଭାରତ-ସାଇପ୍ରସ୍ ସମ୍ପର୍କକୁ ରଣନୈତିକ ଭାଗିଦାରୀର ମାନ୍ୟତା

# ନିବେଶକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ

**ନୂଆଦିଲ୍ଲୀ, ୨୨।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର କହିଛନ୍ତି ଯେ, ଭାରତ ଏବଂ ସାଇପ୍ରସ୍ ମଧ୍ୟରେ ବୃଦ୍ଧି ପାଉଥିବା ବିଶ୍ୱାସ ଏବଂ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍. ଟି. ଏ.) ରୁ ନୂତନ ସମ୍ଭାବନା ସୃଷ୍ଟି ହୋଇଛି ଏବଂ ଉଭୟ ଦେଶ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ସାଇପ୍ରସ୍ ଠାରୁ ଭାରତକୁ ପୁଞ୍ଜି ନିବେଶକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ନେଇ ଆଗକୁ ବଢ଼ିବେ।

ସାଇପ୍ରସ୍ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୋଉଲିଡ୍ସଙ୍କ ସହ ଆଲୋଚନା ପରେ ଏକ ମିଳିତ ପ୍ରେସ ବିବୃତିରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଆଜି ଭାରତ ଏବଂ ସାଇପ୍ରସ୍ ସେମାନଙ୍କର ବିଶ୍ୱସନୀୟ ସମ୍ପର୍କକୁ ଏକ ରଣନୈତିକ ଭାଗିଦାରୀ ସ୍ତରକୁ ଉନ୍ନୀତ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହା ଦ୍ୱିପାକ୍ଷିକ ସମ୍ପର୍କକୁ ନୂତନ ଗତି ଏବଂ ଏକ ନୂତନ ଦିଗ ଦେବ।



ଭାରତ ଏବଂ ସାଇପ୍ରସ୍ ମଧ୍ୟରେ ବନ୍ଧୁତ୍ୱ ସୁଦୃଢ଼ ଏବଂ ଭବିଷ୍ୟତ-ଭିତ୍ତିକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଗଣତନ୍ତ୍ର, ଆଇନର ଶାସନ ଏବଂ ସମସ୍ତ ଦେଶର ସାର୍ବଭୌମତ୍ୱ ତଥା ଆଞ୍ଚଳିକ ଅଖଣ୍ଡତା ପ୍ରତି ସମ୍ମାନ ଭଳି ସହଭାଗୀ ମୂଲ୍ୟବୋଧ ହେଉଛି ଦୁଇ ଦେଶ ମଧ୍ୟରେ ଭାଗିଦାରୀର ମୂଳଦୁଆ। ସେ କହିଥିଲେ ଯେ ଭାରତ ଏହି ନୀତିଗୁଡ଼ିକ ପ୍ରତି ସମ୍ପୂର୍ଣ୍ଣ ଭାବେ ପ୍ରତିବଦ୍ଧ ଏବଂ ଏହା ଜାରି ରହିବ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗତ ଦଶନ୍ଧି ମଧ୍ୟରେ ସାଇପ୍ରସରୁ ଭାରତକୁ ନିବେଶ ପ୍ରାୟ ଦ୍ୱିଗୁଣିତ ହୋଇଛି, ଯାହା ଦୁଇ ଦେଶ ମଧ୍ୟରେ ବୃଦ୍ଧି ପାଇଥିବା ବିଶ୍ୱାସର ପ୍ରତୀକ। ସେ କହିଥିଲେ ଯେ, ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା ନୂଆ ଆର୍ଥିକ ସୁଯୋଗ ସୃଷ୍ଟି କରିଛି ଏବଂ ଏହି ସୁଯୋଗର ଲାଭ ଉଠାଇ ଉଭୟ ଦେଶ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ନିବେଶକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ନେଇ ଆଗକୁ ବଢ଼ିବେ।

## ଭୟଙ୍କର ଦୁର୍ଘଟଣା : ଯାତ୍ରୀବାହୀ ବସ୍ ଧକ୍କାରେ ଦୁଇ ଶିଶୁ ସମେତ ୬ ଶ୍ରଦ୍ଧାଳୁ ମୃତ

**ବ୍ରହ୍ମପୁର/ପୁରୁଷୋତ୍ତମପୁର, ୨୨।୫**
**ନ୍ୟୁଜ୍ ବ୍ୟୁରୋ**

ଠାକୁରାଣୀଙ୍କ ଦର୍ଶନ କରିବେ। ଶ୍ରଦ୍ଧାରେ ମା'ଙ୍କୁ ମୁଣ୍ଡିଆ ମାରିବେ। ମନର କଥା କହି ଆଶୀର୍ବାଦ ନେବେ। ଏମିତି ମନେମନେ ଚିନ୍ତା କରି ମା' ସିଂହାସନୀ ପୀଠ ଅଭିମୁଖେ ଅଗ୍ରସର ହେଉଥିବା ଶ୍ରଦ୍ଧାଳୁମାନଙ୍କର ଏକ ଅଟୋକୁ ଶୁକ୍ରବାର ପୂର୍ବାହ୍ଣରେ ପଛପଟୁ ଆସୁଥିବା ଯାତ୍ରୀବାହୀ ବସ୍ ଧକ୍କା ଦେଇଥିଲା। ବସର ଚାଳକ ଭାରସାମ୍ୟ ହରାଇଥିବାରୁ ଅଟୋକୁ ଘୋଷାଡ଼ି ନେଇ ଗଛରେ ପିଟିଥିଲା। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ଜଣ ଶିଶୁ ସମେତ ୬ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଅଞ୍ଚଳରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ ଏରେଣ୍ଡା ଗ୍ରାମର ମାଳି ବେହେରା (୭୫), ନୃସିଂହ ବେହେରା (୪୩), ଜରଡ଼ା ଥାନା ସାମନ୍ତରାପୁର ଗ୍ରାମର ଲୀଳାବତୀ ବେହେରା (୪୫), ପୁରୁଷୋତ୍ତମପୁରର ନେହା ବେହେରା (୧୦) ଓ କିରଣ ବେହେରା (୮) ପ୍ରମୁଖ।



ସୂଚନା ଅନୁସାରେ ଶୁକ୍ରବାର ସକାଳୁ ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକର କେ ନୂଆଗାଁ ଥାନା ଅଧୀନ ଏରେଣ୍ଡା ଗ୍ରାମରୁ ପ୍ରାୟ ୧୦ ଜଣ ଶ୍ରଦ୍ଧାଳୁ ପୋଲସରା ଥାନା ଅଧୀନ ସିଂହାସନୀ ପୀଠକୁ ଯାଉଥିଲେ। ପୁରୁଷୋତ୍ତମପୁର ଥାନା ଅଧିନ ଲଡକାପଲ୍ଲୀ ଛକ ନିକଟରେ ଏକ ଯାତ୍ରୀବାହୀ ବସ ପଛ ପଟୁ ଆସି ଅଟୋକୁ ପ୍ରଥମେ ଧକ୍କା ଦେଇଥିଲା। ତାପରେ ଅଟୋକୁ ଘୋଷାଡ଼ି ନେଇ ଗଛରେ ପିଟିଥିଲା।

ଦୁର୍ଘଟଣାର ଶିକାର ହେଲା ପରେ ଅଟୋରେ ଥିବା ସମସ୍ତ ଯାତ୍ରୀ ଗୁରୁତର ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକଙ୍କର ସହାୟତାରେ ଉଦ୍ଧାର କରାଯାଇ ପ୍ରଥମେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୬ଜଣଙ୍କୁ ଡାକ୍ତର *(ପୃଷ୍ଠା ୭ରେ)*

### ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

**ଭୁବନେଶ୍ୱର, ୨୨।୫**
**ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରଠାରେ ଦୁଃଖଦ ସଡ଼କ ଦୁର୍ଘଟଣାରେ ୬ ଜଣଙ୍କର ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ଏହି ଦୁର୍ଘଟଣାରେ ଆହତମାନଙ୍କ ଉତ୍ତମ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରାଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସରେ ଏହି ସୂଚନା ଜାରି କରାଯାଇଛି।

### ଭୁବନେଶ୍ୱର ବିମାନବନ୍ଦରରେ ଇବୋଲା ସତର୍କତା ଜାରି

**ଭୁବନେଶ୍ୱର, ୨୨।୫**
**ନ୍ୟୁଜ୍ ବ୍ୟୁରୋ**

ବିଶ୍ୱରେ ଇବୋଲା ସଂକ୍ରମଣ ସ୍ଥିତିରେ ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷ ସତର୍କତା ଜାରି କରିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ଯାତ୍ରୀଙ୍କର ଥର୍ମାଲ ସ୍କ୍ରିନିଂ ହେବ। ଏହାସହ ସେମାନଙ୍କର ୨୧ ଦିନର ଟ୍ରାଭେଲ୍ ହିଷ୍ଟ୍ରି ଯାଞ୍ଚ କରାଯିବ। କାହା ଉପରେ ସନ୍ଦେହ ହେଲେ ନିର୍ଦ୍ଦିଷ୍ଟ ଗାଇଡଲାଇନ୍ ଆଧାରରେ ପରୀକ୍ଷା ହେବ *(ପୃଷ୍ଠା ୭ରେ)*

## ସମସ୍ତଙ୍କ ସହଯୋଗରେ ରଥଯାତ୍ରାକୁ ଶୃଙ୍ଖଳିତ କରିବା ଉପରେ ଆଇନ ମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୨୨।୫**
**ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟେକ ଯାନିଯାତ୍ରା ଓ ଉତ୍ସବ ପ୍ରତ୍ୟେକ ଓଡ଼ିଶାବାସୀ ଓ ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଜଡ଼ିତ। ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ହେବାକୁ ଥିବା ସ୍ନାନଯାତ୍ରା, ରଥଯାତ୍ରା, ଆଡ଼ପ ମଣ୍ଡପ ବିଜେ, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଏବଂ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ଉତ୍ସବର ଶୃଙ୍ଖଳିତ ଆୟୋଜନ ଆମ ସମସ୍ତଙ୍କ ପାଇଁ ଆହ୍ୱାନ। ଏଥିପାଇଁ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିଭାଗ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଦଇତାପତି ନିଯୋଗଠାରୁ ଆରମ୍ଭ କରି ସମସ୍ତ ସେବାୟତ, ନିଯୋଗ ଏବଂ ରାଜ୍ୟବାସୀଙ୍କ ଏକାନ୍ତ ସହଯୋଗର ଆବଶ୍ୟକତା ରହିଛି । ସମସ୍ତଙ୍କ ସହଯୋଗରେ ଚଳିତ ରଥଯାତ୍ରା ଓ ଅନ୍ୟାନ୍ୟ ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁତ୍ୱ ଦେଇଛନ୍ତି ।



ଶୁକ୍ରବାର ରାଜ୍ୟ ଅତିଥି ଭବନଠାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଚଳିତ ରଥଯାତ୍ରାର ଶୃଙ୍ଖଳିତ ଆୟୋଜନ ନେଇ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୁରୀ ଜିଲ୍ଲା ପୋଲିସ, ଦଇତାପତି ନିଯୋଗ ଏବଂ ଅନ୍ୟ ସଂପୃକ୍ତ ସଂସ୍ଥାର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ଏଥିରେ ଶୃଙ୍ଖଳିତ ନୀତିକାନ୍ତି ସହ ନିର୍ଦ୍ଧାରିତ ସମୟରେ ପହଣ୍ଡି, ରଥଟଣା, ଆଡ଼ପ ମଣ୍ଡପ ବିଜେ, ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ବ୍ୟବସ୍ଥା, ଭକ୍ତଙ୍କ ସୁବିଧା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା, ନୀତିନିର୍ଘଣ୍ଟ ନେଇ ଆଗୁଆ ସୂଚନା, *(ପୃଷ୍ଠା ୭ରେ)*

## ବିଦ୍ୟୁତ୍ କ୍ଷେତ୍ରରେ ୬ ମାସ ପାଇଁ ଧର୍ମଘଟ ଅସିଦ୍ଧ

**ଭୁବନେଶ୍ୱର, ୨୨।୫**
**ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମ ଏସିଆର ଯୁଦ୍ଧସ୍ଥିତି ଗମ୍ଭୀର ହେଉଥିବା ବେଳେ ଦେଶରେ ତେଲ ସଙ୍କଟର ଚାପ ଦିନକୁ ଦିନ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର 'ଇନ୍ଧନ ଖର୍ଚ୍ଚର ସଂଯମତା' ରକ୍ଷା କରିବା ଆରମ୍ଭ କରିଥିବା ବେଳେ ଶକ୍ତିକ୍ଷେତ୍ର ସହ ଜଡ଼ିତ ସଂସ୍ଥାଗୁଡ଼ିକରେ ସମସ୍ତ ପ୍ରକାର ଧର୍ମଘଟକୁ ୬ ମାସ ପାଇଁ ନିଷିଦ୍ଧ ଘୋଷଣା କରିଛନ୍ତି।

ଗୃହ ବିଭାଗ ପକ୍ଷରୁ ଶୁକ୍ରବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ଅତ୍ୟାବଶ୍ୟକ ସେବା (ପରିଚାଳନା) ଆଇନ ୧୯୮୮ ବଳରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।




ନୂତନ ଆଦେଶ ଅନୁସାରେ, ଗ୍ରିଡକୋ, ଓପିଟିସିଏଲ୍, ଓଏଚପିସି, ଓପିଜିସି, ଟିପିସିଓଡିଏଲ୍, ଟିପିଏନ୍ଓଡିଏଲ୍, ଟିପିଏସ୍ଓଡିଏଲ୍, ଟିପିଡବ୍ଲୁଓଡିଏଲ୍ ଭଳି ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକୁ ମଧ୍ୟ ଏହି ନିଷେଧାଦେଶର ପରିସରକୁ ଅଣାଯାଇଛି। ଏଥିସହ ରାଜ୍ୟର ଅନ୍ୟାନ୍ୟ ଶକ୍ତି ଉତ୍ପାଦନ ସଂସ୍ଥାମାନଙ୍କ କ୍ଷେତ୍ରରେ ମଧ୍ୟ ଏହି କଟକଣା ଲାଗୁ ହେବ।

ଏହାର ଫଳରେ ଏହି ସଂସ୍ଥାଗୁଡ଼ିକର କର୍ମଚାରୀ, ଇଞ୍ଜିନିୟର ଓ ଅନ୍ୟ ସଂପୃକ୍ତ ସେବାକର୍ମୀମାନେ ଧର୍ମଘଟ କିମ୍ବା କାମ ବନ୍ଦ ଆନ୍ଦୋଳନ କରିପାରିବେ ନାହିଁ। ଅନଧିକୃତ ଭାବେ କାର୍ଯ୍ୟରୁ ଅନୁପସ୍ଥିତ ରହିବାକୁ ମଧ୍ୟ ଏହି ଆଇନ ଅନୁଯାୟୀ ଧର୍ମଘଟର ଶ୍ରେଣୀରେ ଗଣାଯିବ ବୋଲି ଆଦେଶରେ ସ୍ପଷ୍ଟ କରାଯାଇଛି।

### ଆଜିର ମୁଖ୍ୟ ଖବର

- ମେ' ଶେଷ ସୁଦ୍ଧା ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ସମ୍ଭାବନା : ଆଇଏମ୍ଡି
- ଅବୈଧ ନିଶାଦ୍ରବ୍ୟ ବ୍ୟବସାୟ ବିରୋଧରେ କମିଶନରେଟ୍ ପୋଲିସ୍‌ର 'ଅପରେସନ୍ ପ୍ରହାର' ପୁନରାମ୍ଭ।
- ଚନ୍ଦ୍ରଯାନ-୩କୁ ଅନ୍ତର୍ଜାତୀୟ ଅନ୍ତରୀକ୍ଷ ସମ୍ମାନ ପୁରସ୍କାର ମିଳିଲା।
- ୭୫ ଲକ୍ଷ ଟଙ୍କା ଅର୍ଥ ଆତ୍ମସାତ୍ ମାମଲାରେ ସମବାୟ ସମିତିର ଏମ୍ଡି ଗିରଫ

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୯୪୯ (-୪୪)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୨୦ (-୪୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୬୨ (-୩୩)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୮୫ (+୦)

### ୨୪ ରାଜ୍ୟସଭା ଆସନ ପାଇଁ ନିର୍ବାଚନ

**ନୂଆଦିଲ୍ଲୀ, ୨୨।୫**

ନିର୍ବାଚନ ଆୟୋଗ ଜୁନ୍-ଜୁଲାଇରେ ଅବସର ନେଉଥିବା ରାଜ୍ୟସଭା ସଦସ୍ୟଙ୍କ ୨୪ଟି ଆସନ ପାଇଁ ଦ୍ୱିବାର୍ଷିକ ନିର୍ବାଚନ ଏବଂ ମହାରାଷ୍ଟ୍ର ଓ ତାମିଲନାଡୁର ଦୁଇଟି ଖାଲି ଥିବା ଆସନରେ ଉପ-ନିର୍ବାଚନ ଘୋଷଣା କରିଛନ୍ତି। ସମସ୍ତ ଆସନ ପାଇଁ ମତଦାନ ଜୁନ୍ ୧୮ ରେ ଅନୁଷ୍ଠିତ ହେବ ଏବଂ ସେହି ଦିନ ଫଳାଫଳ ପ୍ରକାଶ ପାଇବ।

ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ, ୧୦ଟି ରାଜ୍ୟର ୨୪ଟି ରାଜ୍ୟସଭା ଆସନ ପାଇଁ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେବ। ଏହି ଆସନଗୁଡ଼ିକରେ ବର୍ତ୍ତମାନର ସଦସ୍ୟମାନଙ୍କ କାର୍ଯ୍ୟକାଳ ଜୁନ୍ ଏବଂ ଜୁଲାଇରେ ସମାପ୍ତ ହେବାକୁ ଯାଉଛି। ଏହା ବ୍ୟତୀତ ମହାରାଷ୍ଟ୍ର ଏବଂ ତାମିଲନାଡୁରୁ ଗୋଟିଏ ଲେଖାଏଁ ରାଜ୍ୟସଭା ଆସନ ଖାଲି ଥିବାରୁ ଉପ-ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ। ମଇ ୬ ତାରିଖରେ *(ପୃଷ୍ଠା ୭ରେ)*

## ରାଜ୍ୟ କର୍ମଚାରୀଙ୍କ ପାଇଁ ସଂଶୋଧିତ ବଦଳି ନୀତି

**ଭୁବନେଶ୍ୱର, ୨୨।୫**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରୀ କର୍ମଚାରୀଙ୍କ ବଦଳି ଓ ନିଯୁକ୍ତି ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସୁସଙ୍ଗତ ଓ ଶୃଙ୍ଖଳିତ କରିବା ପାଇଁ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ପ୍ରଚଳିତ ବଦଳି ନୀତିରେ ବଡ଼ ସଂଶୋଧନ କରି ଏଥିରେ ଥିବା ଗଳାବାଟକୁ ବନ୍ଦ କରିବା ସହ ରାଜନୀତିକ ଚାପ ହ୍ରାସ ପାଇଁ ମଧ୍ୟ ପଦକ୍ଷେପ ନେଇଛନ୍ତି। ସରକାରୀ କର୍ମଚାରୀଙ୍କ ପାଇଁ ଜାରି ସାମଗ୍ରିକ ବଦଳି ନୀତିକୁ କଡ଼ାକଡ଼ି ପାଳନ କରିବାକୁ ସମସ୍ତ ବିଭାଗର ସଚିବ, ବିଭାଗୀୟ ମୁଖ୍ୟ, ଆରଡିସି ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟରେ କର୍ମଚାରୀଙ୍କ ବଦଳି ପାଇଁ ଉଦ୍ଦିଷ୍ଟ ୧୯୬୭ ମସିହାର ବୁକ୍ ସର୍କୁଲାର ନଂ-୪୨ ଓ ବିଭିନ୍ନ ସମୟରେ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ପ୍ରଶାସନିକସ୍ତରରେ ସଠିକ୍ ଭାବେ ଅନୁପାଳନ କରାଯାଉନଥିବା ସରକାରଙ୍କ ଦୃଷ୍ଟିକୁ ଆସିଥିଲା। ଯାହାକୁ ଦୃଷ୍ଟିରେ ରଖି ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି ୩ପୃଷ୍ଠା ବିଶିଷ୍ଟ ସଂଶୋଧିତ ବଦଳି ନୀତି ଜାରି କରାଯାଇଛି।



ଏହି ସଂଶୋଧିତ ବଦଳି ନୀତିରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ପୋଷଣ କରି କର୍ମଚାରୀମାନଙ୍କୁ ସେମାନଙ୍କ ବଦଳି ଆଦେଶ ପ୍ରକାଶ ପାଇବା ପରେ ତୁରନ୍ତ ଏହାକୁ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାରର ବିଳମ୍ବ, ଟାଳଟୁଳ ନୀତି ଓ ରାଜନୀତିକ ଚାପ ପ୍ରୟୋଗ ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇବାକୁ ସରକାର ପଦକ୍ଷେପ ନେଇଛନ୍ତି। ସେଥିପାଇଁ ଏଣିକି ପ୍ରତ୍ୟେକ ବଦଳି ଅର୍ଡରରେ ହିଁ ସମ୍ପୃକ୍ତ କର୍ମଚାରୀଙ୍କ ରିଲିଭିଂ ଓ ନୂଆ ସ୍ଥାନରେ ଜଏନିଂ ସମୟସୀମା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବ।

ବଦଳି ଅର୍ଡରରେ କେଉଁ କର୍ମଚାରୀ ବା ଅଧିକାରୀ କାହାକୁ ଦାୟିତ୍ୱ ହସ୍ତାନ୍ତର କରିବେ ତାହା ମଧ୍ୟ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବ। ଯଦି କୌଣସି ବିଶେଷ କାରଣରୁ ତାହା ଉଲ୍ଲେଖ ନଥିବ, ତା'ହେଲେ ସମ୍ପୃକ୍ତ କର୍ମଚାରୀ ନିଜର ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ଅନ୍ୟ ଜଣେ ସମପଦବୀର ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନୂଆ ସ୍ଥାନକୁ ଯିବାକୁ ବାଧ୍ୟ ହେବେ। ଯାହାଫଳରେ ବଦଳିକୁ ଏଡ଼ାଇବାର ସମସ୍ତ ଗଳାବାଟ ବନ୍ଦ ହୋଇଯିବ ବୋଲି ଏହି ସଂଶୋଧିତ ଗାଇଡଲାଇନରେ ଦର୍ଶାଯାଇଛି। ବୁକ୍ ସର୍କୁଲାର-୧୯୬୭ରେ ଉଲ୍ଲେଖ ଅଛି ଯେ, ଅଫିସରମାନେ ବଦଳି ଅଟକାଇବା ପାଇଁ ରାଜନୈତିକ ନେତାଙ୍କ *(ପୃଷ୍ଠା ୭ରେ)*




### ଏକାଳ ପଖାଳ



ବଡଠୁ ଛୋଟ ସଭିଏଁ କହିଲେ
ନାହିଁ ଆଉ କଟାକଟି
ଘୋଷଣା ନକରି ବିଜୁଳି କାଟିଲେ
ଦେବେ ପୁରାପୁରି ଘାଣ୍ଟି
କଥା କୁହା ଖାଲି ପାଟି
ବିଭାଗ ମାନୁନି ଇନ୍ଦ୍ରଚନ୍ଦ୍ର
ସବୁହନ୍ତି ଛାଟିପିଟି।

## ଜୈବବିବିଧତା ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ



**ଭୁବନେଶ୍ୱର, ୨୨।୫**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ଷ୍ଟେଟ୍ କନଭେନସନ୍ ସେଣ୍ଟରରେ ରାଜ୍ୟସ୍ତରୀୟ "ଅନ୍ତର୍ଜାତୀୟ ଜୈବବିବିଧତା ଦିବସ" ଉତ୍ସାହ ଓ ଆଡମ୍ବର ସହ ପାଳନ କରାଯାଇଛି। ଚଳିତ ବର୍ଷର ମୂଳ ବିଷୟବସ୍ତୁ ଥିଲା — "ସ୍ଥାନୀୟ ପଦକ୍ଷେପର ବିଶ୍ୱସ୍ତରୀୟ ପ୍ରଭାବ"। ଏହି ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ଅଭିଭାଷଣରେ କହିଥିଲେ ଯେ, ଜୈବବିବିଧତା ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ଆଜି ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ। ଶିମିଳିପାଳ ବାଘ ସଂରକ୍ଷଣ, ହାତୀ କରିଡର ସୁରକ୍ଷା, ଭିତରକନିକାରେ କୁମ୍ଭୀର ପ୍ରଜନନ କାର୍ଯ୍ୟକ୍ରମ, ଅଲିଭ୍-ରିଡ୍‌ଲେ କଇଁଛ ସୁରକ୍ଷା, ହେନ୍ତାଳ ବନର ପୁନରୁଦ୍ଧାର, ସମୁଦାୟ ଭିତ୍ତିକ ବନ ସୁରକ୍ଷା, ବନାଗ୍ନି ପୂର୍ବ ସଚେତନତା ବ୍ୟବସ୍ଥା ଏବଂ ବ୍ୟାପକ ବୃକ୍ଷରୋପଣ ଭଳି ପଦକ୍ଷେପ ଓଡ଼ିଶାକୁ "ଲୋକକେନ୍ଦ୍ରିକ ସଂରକ୍ଷଣ ମଡେଲ୍" ଭାବେ ସ୍ୱତନ୍ତ୍ର ପରିଚୟ ଦେଇଛି।

ଏହି ଅବସରରେ ପୂର୍ବରୁ ଆୟୋଜିତ ବିତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ *(ପୃଷ୍ଠା ୭ରେ)*

## ତାପମାତ୍ରାଠୁ ଢେର ଆଗରେ ହିଟ୍ ଇଣ୍ଡେକ୍ସ, ସତର୍କ ରହିବାକୁ ପରାମର୍ଶ

**ଭୁବନେଶ୍ୱର, ୨୨।୫**
**ନ୍ୟୁଜ୍ ବ୍ୟୁରୋ**

ଗରମରେ ଜଳୁଛି ରାଜଧାନୀ ଭୁବନେଶ୍ୱର। ପ୍ରଚଣ୍ଡ ଖରା ତାତି ସହ କଲବଲ କରୁଛି ଗୁଳୁଗୁଳି । ଅଧିକ ତାପମାତ୍ରା ସହ ଉଚ୍ଚ ଆର୍ଦ୍ରତା ଯୋଗୁଁ ବଢୁଛି ହିଟ୍ ଇଣ୍ଡେକ୍ସ । ଆଉ ଏଥିଯୋଗୁଁ ଝାଳନାଳ ହୋଇପଡୁଛନ୍ତି ରାଜଧାନୀବାସୀ। ଗତ କିଛି ଦିନ ହେବ ଭୁବନେଶ୍ୱରେ ବଢ଼ି ଚାଲିଛି ହିଟ୍ ଇଣ୍ଡେକ୍ସ। ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗର ବିଜ୍ଞାନୀ ଉମାଶଙ୍କର ଦାସଙ୍କ ସୋସିଆଲ୍ ମିଡିଆ ପୋଷ୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଶୁକ୍ରବାର ଦିନର ବିଭିନ୍ନ ସମୟରେ ସର୍ବୋଚ୍ଚ ତାପମାତ୍ରା ଓ ହିଟ୍ ଇଣ୍ଡେକ୍ସ କିଭଳି ଥିଲା । ଦିନ ୨ଟା ୩୦ରେ ସର୍ବୋଚ୍ଚ ତାପମାତ୍ରା ଥିଲା ୩୭ ଡିଗ୍ରୀ, କିନ୍ତୁ ଲାଗୁଥିଲା ୫୪ ଡିଗ୍ରୀ ଭଳି । ସେହିପରି ଦିନ ୧୧ଟା ୩୦ରେ ତାପମାତ୍ରା ୩୫ ଡିଗ୍ରୀ ରେକର୍ଡ ହୋଇଥିଲା ବେଳେ ୪୯ ଡିଗ୍ରୀ ଭଳି ଅନୁଭୂତ ହୋଇଥିଲା । ସକାଳ *(ପୃଷ୍ଠା ୭ରେ)*







# ପାହାଡ଼ ପାଦଦେଶରେ ବେଆଇନ ଗୃହ ନିର୍ମାଣ ଅଭିଯୋଗ

**ଦାରିଙ୍ଗବାଡ଼ି, ନ୍ୟୁଜ୍ ବ୍ୟୁରୋ**



କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଞ୍ଚାୟତରେ ରହିଥିବା ଐତିହ୍ୟ ତୀର୍ଥକ୍ଷେତ୍ର ଋଷିମାଳରେ ସଂରକ୍ଷିତ ଜଙ୍ଗଲକୁ ସାଧାରଣ ଲୋକଙ୍କ ପକ୍ଷରୁ ଜବରଦଖଲ କରାଯାଉଥିବା ନେଇ ଟ୍ରଷ୍ଟ ପକ୍ଷରୁ ତହସିଲଦାର ଧୀରଜ ପାତ୍ରଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ଉକ୍ତ ଜମି ରାଜସ୍ୱ ବିଭାଗ ନା ବନ ବିଭାଗର ସଂରକ୍ଷିତ ଜଙ୍ଗଲ ରହିଛି କିମ୍ବା ଯେଉଁ ବ୍ୟକ୍ତି ଜବରଦଖଲ କରିଛନ୍ତି ତାଙ୍କ ନାମରେ ସରକାରୀ କାଗଜପତ୍ର ରହିଛି କି ନାହିଁ ସେ ନେଇ ତଦନ୍ତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

ପ୍ରକାଶ ଯେ, ଋଷିମାଳ ପାହାଡ଼ ଦେବଭୂମି ଭାବେ ପରିଚିତ ପ୍ରତ୍ୟେକ ବର୍ଷ ସେଠାରେ ବାରୁଣୀ ବୁଡ଼ ସହ ବିଭିନ୍ନ ପ୍ରକାର ପର୍ବ ପାଳନ କରାଯାଉଛି। ଏବେ ସରକାର ଉକ୍ତ ଋଷିମାଳ ପାହାଡ଼କୁ କାଟି ରାସ୍ତା ସମ୍ପ୍ରସାରଣ ସହ ଉନ୍ନୟନ କାର୍ଯ୍ୟ କରୁଛନ୍ତି। ଦୈନିକ ଶହଶହ ପର୍ଯ୍ୟଟକ ରାଜ୍ୟ ତଥା ରାଜ୍ୟ ବାହାରୁ ସେଠାକୁ ଆସୁଛନ୍ତି। ତୀର୍ଥକ୍ଷେତ୍ର ଋଷିମାଳର ବିକାଶ ପାଇଁ ଲକ୍ଷାଧିକ ଟଙ୍କା ସରକାର ବ୍ୟୟ କରିଛନ୍ତି। ଏହାର ସୁଯୋଗ ନେଇ ଉକ୍ତ ପାହାଡ଼ର ପାଦଦେଶରେ ରହୁଥିବା କିଛି ବ୍ୟକ୍ତି ବେଆଇନ ଭାବେ ଗୃହ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଯାଇଛି। ପୂର୍ବରୁ ମଧ୍ୟ ଏଭଳି ବେଆଇନ ଗୃହ ନିର୍ମାଣ ଚାଲିଥିବା ବେଳେ ପ୍ରଶାସନ ପହଞ୍ଚି ତାକୁ ବନ୍ଦ କରିଥିବା ଅଞ୍ଚଳବାସୀ କହିଛନ୍ତି। ତେବେ ଯେଉଁ ଘର ନିର୍ମାଣକୁ ନେଇ ବିବାଦ ବଢ଼ିଛି ତା'ର ସଠିକ ତଦନ୍ତ ପରେ ହିଁ ତାହା ବେଆଇନ କି ନାହିଁ ଜଣାପଡ଼ିବ ବୋଲି ତହସିଲଦାର ଧୀରଜ ପାତ୍ର ଏବଂ ବନାଞ୍ଚଳ ଅଧିକାରୀ ହରିହର ବେହେରା କହିଛନ୍ତି। ସୂଚନାଯୋଗ, ତୀର୍ଥକ୍ଷେତ୍ର ଋଷିମାଳ ପାହାଡ଼ରୁ ଋଷିକୁଲ୍ୟା ନଦୀର ପ୍ରାରମ୍ଭ ହୋଇଥିବା ଓ ଏହା ଗଙ୍ଗା ନଦୀଠାରୁ ୧ ହଜାର ବର୍ଷ ପୁରୁଣା ବୋଲି ଲୋକକଥାରେ କୁହାଯାଉଛି। ତେଣୁ ଏହି ତୀର୍ଥକ୍ଷେତ୍ର ଅଞ୍ଚଳବାସୀଙ୍କ ଭାବାବେଗ ସହ ଜଡ଼ିତ ରହିଛି। ତେଣୁ ଏହାର ନିରପେକ୍ଷ ତଦନ୍ତ କରିବାକୁ ଅଞ୍ଚଳବାସୀ ଏବଂ ଟ୍ରଷ୍ଟ ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି।

# ଅଧାରେ ଅଟକିଲା ଧାନମଣ୍ଡି ନିର୍ମାଣ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ରାଜ୍ୟରେ ଅଧିକ ଧାନ ଉତ୍ପାଦନ ଯୋଗୁ ଜିଲାର ଏଭଳି ପରିଚୟ ରହିଛି। ହେଲେ ଏଠାରେ ଚାଷ, ଚାଷୀଙ୍କ ସମସ୍ୟା ଅସମାହିତ ରହିଛି। ଧାନ ବିକ୍ରିବଟା ସମସ୍ୟା ତ ସାଧାରଣରେ ପରିଣତ ହୋଇଛି, ଏଠାରେ ଧାନବିକ୍ରି ପାଇଁ ଆବଶ୍ୟକ ଭିତ୍ତିଭୂମି ମଧ୍ୟ ନାହିଁ।



ଭିତ୍ତିଭୂମି ନିର୍ମାଣ ପାଇଁ ସରକାର କୋଟି କୋଟି ଟଙ୍କା ଅନୁଦାନ ମଞ୍ଜୁର କଲେ ମଧ୍ୟ ତା'ର ସୁବିନିଯୋଗ ନେଇ ନାନା ସନ୍ଦେହ ଉପୁଜିଛି। ଜିଲ୍ଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମ୍ସି) ଅଧୀନ ଭେଡ଼େନ ବ୍ଲକର ନିର୍ମାଣାଧିନ ବସେଇକେଲା ମଣ୍ଡି ନିର୍ମାଣରୁ ଏହା ବାରି ହୋଇପଡୁଛି। ଦୀର୍ଘଦିନ ଧରି ଏହି ମଣ୍ଡି ନିର୍ମାଣ ଅଧାରେ ଅଟକି ରହିଥିବା ବେଳେ ମଣ୍ଡିର ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ବଢ଼ି ଚାଲିଛି। ଏପରିକି ଏଥିପାଇଁ ଏକ ଚାଷୀ ଆନ୍ଦୋଳନ ମଧ୍ୟ ମୁଣ୍ଡ ଟେକିଛି।

ସୂଚନା ଅନୁଯାୟୀ, ଅଞ୍ଚଳର ଚାଷୀ, ଜନ ପ୍ରତିନିଧି ଏବଂ ତତ୍କାଳୀନ ବିଧାୟିକାଙ୍କ ପ୍ରସ୍ତାବ ଆଧାରରେ ଜିଲା ପ୍ରଶାସନ ପକ୍ଷରୁ ଭେଡ଼େନ ବ୍ଲକ ଅନ୍ତର୍ଗତ ବସେଇକେଲା, ଗୁରୁପାଲି ଏବଂ କଟାପାଲିର ଚାଷୀଙ୍କୁ ସୁବିଧା ଦୃଷ୍ଟିରୁ ବସେଇକେଲାଠାରେ ଏହି ଧାନମଣ୍ଡି ନିର୍ମାଣ ପାଇଁ ବିଜେଡି ସରକାର ପଦକ୍ଷେପ ନେଇଥିଲେ।

ଏଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆବଶ୍ୟକ ଅର୍ଥ ମଞ୍ଜୁର ମଧ୍ୟ କରିଥିଲେ। କାର୍ଯ୍ୟାଦେଶ ପାଇବା ପରେ ଠିକାଦାର କାମ ଆରମ୍ଭ କଲେ। ନିର୍ମାଣ କାମ ମଧ୍ୟ ଦ୍ରୁତଗତିରେ ଚାଲିଥିଲା। ଫଡ୍ ନିର୍ମାଣ, ଅଫିସ୍ ନିର୍ମାଣ କାମ ହୋଇଗଲା। ହେଲେ ସରକାର ପରିବର୍ତ୍ତନ ହେବା ପରେ ମଣ୍ଡିର ବାକି ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ଯାଇଛି।

ପାଚେରୀ କାମ ଅଧାରେ ପଡ଼ିଥିବାବେଳେ ମଣ୍ଡି ପରିସରର ବିଭିନ୍ନ ସ୍ଥାନରେ ଇଟା ଗଦା ହୋଇ ପଡ଼ି ରହିଛି। ତେବେ ଦୀର୍ଘଦିନ ହେଲା ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ନାନା ସନ୍ଦେହ ଉପୁଜିଛି। କାମ ଅଧାରେ ଥିବାବେଳେ ଠିକାଦାରଙ୍କ ଅନୁପସ୍ଥିତି ଲୋକଙ୍କ ସନ୍ଦେହକୁ ଆହୁରି ଦୃଢ଼ୀଭୂତ କରିଛି।

ଅଧାକାମ ହୋଇଥିବା ବେଳେ ବିଲ୍ ଅଧା ପଇଠ ହୋଇଛି ନା ପୂରା ପଇଠ ହୋଇଛି, ତାହା ତଦନ୍ତ ସାପେକ୍ଷ ବୋଲି ସ୍ଥାନୀୟ ବିଜେଡି ନେତା ହରିଶଙ୍କର ବେହେରା କହିଛନ୍ତି। ମଣ୍ଡି ନିର୍ମାଣ କାମ ସମ୍ପୂର୍ଣ୍ଣ କରିବା ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳି ନଥିବା ସେ ଅଭିଯୋଗ କରିଛନ୍ତି।

ମଣ୍ଡିରେ ୱେ ବ୍ରିଜ୍‌ର ଆବଶ୍ୟକତା ଥିବାବେଳେ ଏପର୍ଯ୍ୟନ୍ତ ତାହା ମଧ୍ୟ ସ୍ଥାପନ ହୋଇ ପାରି ନାହିଁ। ଏଭଳି ଅବ୍ୟବସ୍ଥା ଏବଂ ଅର୍ଦ୍ଧନିର୍ମିତ ଅବସ୍ଥାରେ ଦୀର୍ଘଦିନ ଧରି ଏହି ଧାନମଣ୍ଡି ପଡ଼ି ରହିଥିବା ବେଳେ ଏଥିପ୍ରତି ବିଭାଗୀୟ ଅଧିକାରୀ ଏବଂ ଜନ ପ୍ରତିନିଧି ନୀରବଦ୍ରଷ୍ଟା ସାଜିଥିବା ଯୋଗୁ ଚାଷୀ ମହଲରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

## ଚାଷୀଙ୍କୁ ଡବା ଓ ଜାର୍କିନରେ ଡିଜେଲ ଯୋଗାଣ ଦାବି

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଅନ୍ତର୍ଗତ ରେଙ୍ଗାଲବେଡାସ୍ଥିତ ଚନ୍ଦ୍ରଶେଖର ଫିଲିଙ୍ଗ ଷ୍ଟେସନରୁ ବ୍ଲକର ଚାଷୀମାନଙ୍କୁ ଚାଷ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଡିଜେଲ ଯୋଗାଇବାକୁ ଦାବି ଜୋର ଧରିଛି। ଏନେଇ ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଚାଷୀମାନଙ୍କ କହିବା ଅନୁଯାୟୀ, ଲଇକେରା ବ୍ଲକରେ ଚନ୍ଦ୍ରଶେଖର ଫିଲିଙ୍ଗ ଷ୍ଟେସନ ହେଉଛି ଏକମାତ୍ର ପେଟ୍ରୋଲ ପମ୍ପ। ଗ୍ରାମୀଣ ଅଞ୍ଚଳର ଚାଷୀମାନଙ୍କୁ ମୁଖ୍ୟତଃ ଡିଜେଲ ଯୋଗାଣ ସୁବିଧା ଦେବା ଉଦ୍ଦେଶ୍ୟରେ ଏହି ପମ୍ପକୁ ସରକାରୀ ଅନୁମୋଦନ ମିଳିଥିଲା। କିନ୍ତୁ ବର୍ତ୍ତମାନ ଚାଷୀମାନଙ୍କୁ ଡିଜେଲ ଦେବାରେ ବିଭିନ୍ନ କଟକଣା କରାଯାଉଥିବା ଅଭିଯୋଗ ହୋଇଛି।

ଅନ୍ୟପଟେ ବିଭିନ୍ନ ଠିକା ସଂସ୍ଥା ଓ ଶିକ୍ଷ ପ୍ରତିଷ୍ଠାନକୁ ବିନା କଟକଣାରେ ସହଜରେ ଡିଜେଲ ଯୋଗାଇ ଦିଆଯାଉଥିବା ବେଳେ ଚାଷୀମାନଙ୍କୁ ଡବା କିମ୍ବା ଜାର୍କିନ୍‌ରେ ଡିଜେଲ ଦିଆଯାଉନାହିଁ। ଡିଜେଲ ନେବା ପାଇଁ ଟ୍ରାକ୍ଟର, ପାୱାର ଟିଲର ଭଳି ଯାନବାହନକୁ ପମ୍ପକୁ ଆଣିବାକୁ କୁହାଯାଉଛି।

ବ୍ଲକର ୧୧ଟି ପଞ୍ଚାୟତର ଚାଷୀମାନେ ଏହି ପେଟ୍ରୋଲ ପମ୍ପ ଉପରେ ନିର୍ଭରଶୀଳ ଥିବା ବେଳେ ଛୋଟ ଚାଷ ଯନ୍ତ୍ରାଂଶକୁ ପମ୍ପ ପର୍ଯ୍ୟନ୍ତ ଆଣିବା ଅନେକ ସମୟରେ ସମ୍ଭବ ହୋଇପାରୁନାହିଁ। ଏଥିପାଇଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ସହ ଚାଷୀମାନେ ହଇରାଣ ହେଉଛନ୍ତି।

ଏଣୁ ଚାଷ କାର୍ଯ୍ୟର ସୁବିଧା ଓ ସମୟ ସଞ୍ଚୟ ଦୃଷ୍ଟିରେ ରଖି ଚାଷୀମାନଙ୍କୁ ଡବା ଓ ଜାର୍କିନରେ ଡିଜେଲ ଯୋଗାଇବାକୁ ଦାବି କରାଯାଇଛି। ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିରରେ ଚାଷୀ ପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

# ମଦ୍ୟପଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଅଭିଯାନ : ୨୦ରୁ ଉର୍ଦ୍ଧ୍ୱ ଅଟକ



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ପୋଲିସ ସର୍ବସାଧାରଣ ସ୍ଥାନରେ ଖୋଲାଖୋଲି ମଦ୍ୟପାନ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଏକ କାର୍ଯ୍ୟାନୁଷ୍ଠାନ ଅଭିଯାନ ଆରମ୍ଭ କରିଛି। ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ଅଭିଯାନ ଆରମ୍ଭ ହୋଇଛି।

ଏସ୍‌ଡିପିଓଙ୍କ ସୂଚନା ଅନୁସାରେ ଏହି ଅଭିଯାନ ସମୟରେ, ଅନେକ ଉଲ୍ଲଙ୍ଘନକାରୀଙ୍କୁ ଅଟକ ରଖାଯାଇ ଥିଲା। ସର୍ବସାଧାରଣ ସ୍ଥାନରେ ମଦ୍ୟପାନର ଆଇନଗତ ପରିଣାମ ବିଷୟରେ ସେମାନଙ୍କୁ ସଚେତନ କରାଯିବା ଏବଂ ଭବିଷ୍ୟତରେ ଏଭଳି ଅବୈଧ ଓ ଅଶାନ୍ତିକର ଆଚରଣରୁ ଦୂରେଇ ରହିବା ପାଇଁ କଡ଼ା ଚେତାବନୀ ଦିଆଯାଇଥିଲା। ପରେ ଅଟକ ବ୍ୟକ୍ତିମାନଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ଭବିଷ୍ୟତରେ ଏପରି ନ କରିବାକୁ ସତର୍କ କରାଯାଇଛି। ଏସ୍‌ଡିପିଓ କମଳ କୁମାର ପଣ୍ଡା କହିଛନ୍ତି ଯେ ସାର୍ବଜନୀନ ଶାଳୀନତା ବଜାୟ ରଖିବା, ଶାନ୍ତି ଓ ସୁଶୃଙ୍ଖଳା ସୁନିଶ୍ଚିତ କରିବା ଏବଂ ଉପଖଣ୍ଡ ଅଞ୍ଚଳରେ ଆଇନର ଶାସନ ବଜାୟ ରଖିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଆଗକୁ ଏହି ଅଭିଯାନ ଅଧିକ କ୍ରିୟାଶୀଳ ହେବ ବୋଲି କହିଛନ୍ତି।

## ବୀମା ନାଁରେ ବଡ଼ ଠକେଇ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଗରଦପୁର ଅଞ୍ଚଳରେ କିଛି ଲୋକଙ୍କ ପାଖକୁ ଫୋନ କଲ୍ ଯାଇ କେୱାଇସି ଅପଡେଟ୍ ନାଁରେ ବ୍ୟାଙ୍କକୁ ଡକାଯାଉଥିବା ଅଭିଯୋଗ ଆସୁଛି। ହେଲେ ବ୍ୟାଙ୍କକୁ ପହଞ୍ଚିବା ପରେ କେୱାଇସି ନୁହେଁ, ବରଂ ବୀମା ପଲିସି କରାଇବାକୁ ଚାପ ପକାଯାଉ ଥିବା କୁହାଯାଉଛି। ଅଭିଯୋଗ ଅନୁସାରେ, ବର୍ଷକୁ ୫୦ ହଜାର ଟଙ୍କା ୭ ବର୍ଷ ଦିଅନ୍ତୁ, ୧୫ ବର୍ଷ ପରେ ୮ ଲକ୍ଷ ମିଳିବ ଏବଂ ୧୦ ଲକ୍ଷର ବୀମା ସୁବିଧା ରହିବ ବୋଲି କହି ଲୋକଙ୍କୁ ପ୍ରଲୋଭନ ଦିଆଯାଉଛି। ଅନେକ ସମୟରେ ସାଧାରଣ ଲୋକଙ୍କୁ ଭୟ ଦେଖାଇ କିମ୍ବା ଭ୍ରମ ସୃଷ୍ଟି କରି ପଲିସି କରାଯାଉଥିବା ଚର୍ଚ୍ଚା ହେଉଛି। ସବୁଠାରୁ ଚିନ୍ତାର ବିଷୟ ହେଲା, ଗରଦପୁର ବ୍ଲକ ଅଧୀନ ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କରେ ଅନ୍ୟ ଏକ ବ୍ୟାଙ୍କର କର୍ମଚାରୀ ବସି ଏହିଭଳି କାର୍ଯ୍ୟ କରୁଥିବା ଅଭିଯୋଗ ମଧ୍ୟ ଆସୁଛି। ଦୂରଦୂରାନ୍ତରୁ ଲୋକଙ୍କୁ ଡକାଯାଉଥିଲେ ମଧ୍ୟ ପରେ କେୱାଇସି ଦରକାର ନାହିଁ ବୋଲି କୁହାଯାଉଥିବା ଲୋକଙ୍କ ସନ୍ଦେହ ବଢ଼ାଇଛି।

## ଗଞ୍ଜାମ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ

# ୧୧ ଦିନରେ ୪୪୪ ୱାରେଣ୍ଟି ଗିରଫ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**



ଗଞ୍ଜାମ ପୋଲିସ ଜିଲ୍ଲାରେ ଅପରାଧୀ ନିୟନ୍ତ୍ରଣ ଏବଂ ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏକ ସ୍ୱତନ୍ତ୍ର ଡ୍ରାଇଭ୍ ଅଭିଯାନ ଆରମ୍ଭ ହୋଇଛି। ଗଞ୍ଜାମ ଏସ୍‌ପି ସୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ସମସ୍ତ ଥାନା ଅଧିକାରୀଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇ ଚଢ଼ଉ ଜାରି ରହିଛି। ୧୧ ଦିନରେ ମୋଟ ୪୪୪ ଜଣଙ୍କୁ ୱାରେଣ୍ଟି ଧରାପଡିଛନ୍ତି। ଏହି ବ୍ୟକ୍ତିମାନେ ଅପରାଧ କରି ଦୀର୍ଘ ଦିନ ହେଲା ଫେରାର ରହିଥିଲେ।

ପୋଲସରା ଥାନା ପକ୍ଷରୁ ସର୍ବାଧିକ ୪୪, ଖଲ୍ଲିକୋଟରୁ ୩୩, ପୁରୁଷୋତ୍ତମପୁରରୁ ୩୦, ତାରସିଂରୁ ୨୯, ଗାଙ୍ଗପୁରରୁ ୨୬, ଛତ୍ରପୁରରୁ ୨୫, ହିଞ୍ଜିଳି ଥାନା ପକ୍ଷରୁ ୨୫ ଜଣ ୱାରେଣ୍ଟିଙ୍କୁ ଗିରଫ କରାଯାଇଛି। ଛତ୍ରପୁର ଉପଖଣ୍ଡ ସ୍ତରରେ ୮୯, ପୁରୁଷୋତ୍ତମପୁର ଉପଖଣ୍ଡ ସ୍ତରରେ ୧୧୧, ଆସିକା ଉପଖଣ୍ଡ ସ୍ତରରେ ୧୦୯ ଓ ଭଞ୍ଜନଗର ଉପଖଣ୍ଡ ସ୍ତରରେ ୧୩୫ ଜଣଙ୍କୁ ଗିରଫ କରାଯାଇଛି।

ଏହି ଅଭିଯାନରେ ଗିରଫ ହୋଇଥିବା ବ୍ୟକ୍ତିମାନେ ଚୋରି, ଲୁଟ୍, ମାରପିଟ୍ ଏବଂ ଅନ୍ୟାନ୍ୟ ଅପରାଧରେ ସଂପୃକ୍ତ ରହି ଫେରାର ରହିଥିଲେ। ସେହିପରି ଦୀର୍ଘ ଦିନ ଧରି କୋର୍ଟ ହାଜର ହେଉନଥିବା ଏବଂ ଅପରାଧୀଙ୍କୁ ଆଇନର ପରିସରକୁ ଆଣିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଅପରାଧୀଙ୍କ ବିରୋଧରେ ଏହି ଶୂନ୍ୟ ସହିଷ୍ଣୁତା ନୀତି ଜାରି ରହିବ। ଆଗମୀ ଦିନରେ ମଧ୍ୟ ଏହି ଅଭିଯାନ ଜାରି ରହିବା ସହ ଆହୁରି ବ୍ୟାପକ କରାଯିବ ବୋଲି ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ସୂଚନା ଦେଇଛନ୍ତି।

# ନାବାଳିକା ଦୁଷ୍କର୍ମ ମାମଲାରେ ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଞ୍ଚଳରେ ନାବାଳିକା ସହ ଦୁଷ୍କର୍ମ ଓ ଗର୍ଭବତୀ କରିବା ମାମଲା ଜୟପୁର ସ୍ୱତନ୍ତ୍ର ପକ୍ସୋ ଫାଷ୍ଟଟ୍ରାକ କୋର୍ଟରେ ଶୁଣାଣି ହୋଇଛି। ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୨ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ୨୦୨୪ ମସିହାରେ ଚିକମା ଗ୍ରାମ ବୋରିଗୁମ୍ମା ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ୭ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜୟପୁର ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟର ଆଡ଼ହକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସୁଶ୍ରୀ ପ୍ରଜ୍ଞା ନଳିନୀ ମିଶ୍ର ଚିକମା ଗ୍ରାମର ୫୨ ବର୍ଷୀୟ ବୁଢ୍ଡୁ ଅଜଗବନ୍ଧୁ ନାଗ କୁ ଭାରତୀୟ ନ୍ୟାୟ ସଂହିତାର ଧାରା ୩୫୧(୨) ସେକ୍ସନ ୪(୨) ଏବଂ (୬) ଅଫ୍ ପୋକ୍ସୋ ଆଇନର ଧାରାରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦,୦୦୦/- ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଟଙ୍କା ଅଣଦେୟ ଦୋଷୀଙ୍କୁ ୧ ଅଧିକା ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ତା ଛଡ଼ା ନାବାଳିକା ପୀଡ଼ିତାକୁ ଧମକ ଦେଇଥିବା ଅଭିଯୋଗ ରେ ୟୁ/ଏସ୍ ୩୫୧(୩) ବିଏନଏସ୍ ରେ ୧୦୦୦ ଟଙ୍କା ଜୋରିମାନା ସହ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଟଙ୍କା ଅଣଦେୟ ଦୋଷୀଙ୍କୁ ୨ମାସ ଅଧିକା ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ରାୟରେ ଦର୍ଶାଇଛନ୍ତି ଅଦାଲତ।

ଆଦାୟ ଜରିମାନା ଟଙ୍କା ସହ ସରକାରଙ୍କ ତରଫରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୬,୦୦,୦୦୦/- ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ମାନ୍ୟବର ଅଦାଲତ।

ପୀଡ଼ିତା ତାଙ୍କ ବାପା ଓ ମା' ନଥିବା ସମୟରେ ଅଭିଯୁକ୍ତ ଜଗବନ୍ଧୁ ନାଗ ପୀଡ଼ିତାଙ୍କ ଘରକୁ ଯାଇ ପୀଡ଼ିତାଙ୍କୁ ଛୁରା ଦେଖେଇ ବାରମ୍ବାର ଧର୍ଷଣ କରୁଥିଲା ଫଳରେ ପୀଡ଼ିତା ଗର୍ଭବତୀ ହେଇଥିଲେ। ପୀଡିତାଙ୍କ ବାପା ଜୟପୁର ମହିଳା ଥାନାରେ ଏକ ରିପୋର୍ଟ କରିଥିଲେ ଯାହାର କେଶ ନମ୍ବର ୧୭୨ ଡବ୍ଲ୍ୟୁ ୩୦/୦୯/୨୦୨୪ରେ ଏକ ମାମଲା ରୁଜୁ କରିଥିଲେ ମହିଳା ଥାନା ଅଧିକାରୀ ଅନିତା କୁଜୁର ମାମଲାର ତଦନ୍ତ କରି ଜଗବନ୍ଧୁ ନାଗକୁ ଗିରଫ କରି କୋର୍ଟ ଚାଲଣ କରି ତାଙ୍କ ବିରୁଦ୍ଧରେ ଚାର୍ଜସିଟ ଦାଖଲ କରିଥିଲେ। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ସୁରେଶ କୁମାର ହଡ଼ପ ମାମଲାର ପରିଚାଳନା କରିଥିଲେ।

## ଚମ୍ପୁଆ ବ୍ଲକରେ ସରକାରୀ ଅର୍ଥର ଅପବ୍ୟବହାର

# ସୂଚନା ଫଳକରେ କଂକ୍ରିଟ୍ ରାସ୍ତା, ପଡୁଛି ପେଭରବ୍ଲକ୍

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଚମ୍ପୁଆ ବ୍ଲକ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟଗୁଡ଼ିକରେ ବ୍ୟାପକ ଅନିୟମିତତା ହେଉଥିବା ଦେଖିବାକୁ ମିଳିଛି। ସରକାରୀ ନିୟମ ଅନୁଯାୟୀ ଯେକୌଣସି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ସେଠାରେ ଏକ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ। କିନ୍ତୁ ଚମ୍ପୁଆ ବ୍ଲକର ଅଧିକାଂଶ ଉନ୍ନୟନ କର୍ଯ୍ୟରେ ସରକାରୀ ନିୟମକୁ ଉଲ୍ଲଂଘନ କରା ଯାଉଛି। କେଉଁଠି ବିନା ସୂଚନା ଫଳକରେ କାର୍ଯ୍ୟ ଚାଲୁଛି ତ ଆଉ କେଉଁଠି ଏହି ସୂଚନା ଫଳକ କେବଳ ଦେଖଣାହାରୀ ସାଜିଛି। ସୂଚନା ଫଳକରେ ସିସି ରୋଡ୍ ବା କଂକ୍ରିଟ୍ କରଣ ରାସ୍ତା ନିର୍ମାଣ ପାଇଁ ଅନୁଦାନ ଆସିଥିବା ସ୍ପଷ୍ଟ ଭାବେ ଲେଖା ଯାଉଥିବାବେଳେ, କାର୍ଯ୍ୟକ୍ଷେତ୍ରରେ ତାର ଓଲଟା କରାଯାଉଛି। କଂକ୍ରିଟ୍ ବଦଳରେ ପେଭରବ୍ଲକ୍ ରାସ୍ତା କରି ଅନୁଦାନ ଟଙ୍କାକୁ ଚଳୁ କରାଯାଉଛି। ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଚମ୍ପୁଆ ବ୍ଲକ, ରଜିଆ ପଂଚାୟତ ଅନ୍ତର୍ଗତ ଶଶାଙ୍ଗ ଗ୍ରାମରେ ନିର୍ମାଣ କରାଯାଇଥିବା ପେଭରବ୍ଲକ ରାସ୍ତା। ସୂଚନା ଫଳକ ଅନୁସାରେ, ଆର୍ଥିକ ବର୍ଷ ୨୦୨୫-୨୬ ରେ ଶଶାଙ୍ଗ ଗ୍ରାମର ଜଙ୍ଗଲ ଶେଷ ଠାରୁ ଜୟଚନ୍ଦ୍ର ଘର ପର୍ଯ୍ୟନ୍ତ ରାସ୍ତାର କଂକ୍ରିଟକରଣ ନିମନ୍ତେ ଅଟକଳ ପରିମାଣ ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ତେବେ ଏହି କାର୍ଯ୍ୟର କାର୍ଯ୍ୟନିର୍ବାହୀ ସଂସ୍ଥା ଖୋଦ ପଞ୍ଚାୟତ ସମିତି ଚମ୍ପୁଆ ରହିଥିବା ବେଳେ ଏଠାରେ ରାସ୍ତାକୁ କଂକ୍ରିଟ କରଣ ନକରି ପେଭରବ୍ଲକ ବିଛାଯାଇଛି। ସୂଚନା ଫଳକରେ ଅଲଗା ଦର୍ଶାଇ ଅଲଗା କାମ କରି ବିଭାଗୀୟ ଅଧିକାରୀମାନେ ମାଲେମାଲ ହେଉଥିଲେ ମଧ୍ୟ ବ୍ଲକ୍ ପ୍ରଶାସନ ନିରବଦ୍ରଷ୍ଟା ପାଲଟିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କଂକ୍ରିଟ୍ ରାସ୍ତା ତୁଳନାରେ ପେଭର ବ୍ଲକ୍ର ସ୍ଥାୟୀତ୍ୱ କମ୍ ଏବଂ ଏଥିରେ ବ୍ୟାପକ ପିସି କାରବାରର ସୁଯୋଗ ରହୁଛି। ତେଣୁ ବିଭାଗୀୟ ଅଧିକାରୀମାନେ ଜାଣି ଶୁଣି ଚଞ୍ଚକତା କରୁଛନ୍ତି। ଗ୍ରାମାଞ୍ଚଳର ବିକାଶ ପାଇଁ ଆସୁଥିବା ସରକାରୀ ଅର୍ଥର ଏଭଳି ଅପବ୍ୟବହାର ହେଉଥିଲେ ମଧ୍ୟ ବ୍ଲକ ପ୍ରଶାସନ ସବୁ ଜାଣିଶୁଣି ନିରବଦ୍ରଷ୍ଟା ସାଜିବା ପଛର ରହସ୍ୟ କଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସାଂଘାତିକ ନିୟମ ଉଲ୍ଲଂଘନ ଏବଂ ସରକାରୀ ଅର୍ଥର ଅପବ୍ୟବହାର ସମ୍ପର୍କରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହିତ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ୯ ଲିଟର ବିଦେଶୀ ମଦ ସହିତ ବାଇକ ଜବତ : ଜଣେ ଗିରଫ

**ଭୁବନ, ନ୍ୟୁଜ୍ ବ୍ୟୁରୋ**

ଢେଙ୍କାନାଳ ଜିଲ୍ଲା ଭୁବନ ଅବକାରୀ ବିଭାଗ ୯ ଲିଟର ବିଦେଶୀ ମଦ ସହ ସ୍ପ୍ଲେଣ୍ଡର ମୋଟର ସାଇକେଲ ଜବତ କରିବା ସହ ଆସାମୀକୁ ଗିରଫ କରିଥିବା ସୂଚନା ମିଳିଛି। ଭୁବନ ଥାନା ଅନ୍ତର୍ଗତ ମାର୍ଥାପୁର ଅଞ୍ଚଳରେ ଚୋରା ବିଦେଶୀ ମଦ କାରବାର ହେଉଥିବା ଖବର ପାଇ ଅବକାରୀ ନିରୀକ୍ଷକ ବୁଲୁ ପାତ୍ର ସୋମବାର ସକାଳେ ସଦଳ ବଳେ ପାଟ୍ରୋଲିଂରେ ଯାଇଥିଲେ। ଭବାନୀ ଶଙ୍କର ମିଶ୍ର ତାଙ୍କ ସ୍ପ୍ଲେଣ୍ଡର ମୋଟର ସାଇକେଲରେ ବିଦେଶୀ ମଦ ନେଇ ବିକ୍ରୟ କରିବାକୁ ଯାଉଥିବା ସମୟରେ ଅବକାରୀ ବିଭାଗ ହାବୁଡ଼ରେ ପଡ଼ିଥିଲେ। ତାଙ୍କ ଠାରୁ ୯ ଲିଟର ବିଦେଶୀ ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା। ଭୁବନ ଅବକାରୀ ଇନ୍ସପେକ୍ଟର ବୁଲୁ ପାତ୍ର ଙ୍କ ତତ୍ତ୍ୱାବଧାନରେ କନଷ୍ଟେବଳ ଶ୍ରଦ୍ଧାଞ୍ଜଳି ସାମଲ, ସୁଜିତ ନାୟକ, ଆଲୋକ କୁମାର ଜେନାଙ୍କ ସହଯୋଗ କରିଥିଲେ। ଏ ସମ୍ପର୍କରେ କେଶ୍ ନଂ ୨୭/୨୦୨୬-୨୭ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି।

# ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ସମସ୍ୟା : ମଣ୍ଡିକୁ ଧାନ ଆସୁଛି ହେଲେ ଆସୁନାହାନ୍ତି ମିଲର୍ସ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ଏହି ପ୍ରକ୍ରିୟାକୁ ସପ୍ତାହେ ପୂରିଲାଣି। ହେଲେ ଆରମ୍ଭରୁ ଏହି ପ୍ରକ୍ରିୟାରେ ଧାନ କିଣାବିକା ମନ୍ଥର ହୋଇ ପଡ଼ିଛି। ଜିଲ୍ଲାର ମଣ୍ଡିଗୁଡ଼ିକୁ ବିକ୍ରି ପାଇଁ ହଜାର ହଜାର ବସ୍ତା ଧାନ ଆସୁଛି। ହେଲେ ସଂଗୃହୀତ ଧାନ ଅନୁପାତରେ ତାକୁ କିଣାଯାଉ ନାହିଁ। ସେହିପରି ମିଲର୍ସମାନେ ମଧ୍ୟ ନିୟମିତ ଆସୁନଥିବା ପରିଲକ୍ଷିତ ହେଉଛି। କାଁ ଭାଁ କିଛି ମିଲର୍ସ କେତେକ ନିର୍ଦ୍ଦିଷ୍ଟ ମଣ୍ଡିରୁ ଲୋକ ଦେଖାଣିଆ ଧାନ ଉଠାଉଛନ୍ତି। ଫଳରେ ମଣ୍ଡି ଗୁଡ଼ିକରେ ବିକ୍ରି ହୋଇ ନଥିବା ଧାନ ପରିମାଣ ଦିନକୁ ଦିନ ବଢ଼ି ଚାଲିଛି।

ଅପରପକ୍ଷରେ ଗୋଟିଏ ପଟେ କାଳବୈଶାଖୀ ପ୍ରଭାବରେ ମାଡ଼ି ଆସୁଥିବା ଝଡ଼ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଉଥିବାବେଳେ ଅନ୍ୟପଟେ ବେପାରୀମାନେ ସକ୍ରିୟ ହୋଇ ପଡ଼ିଛନ୍ତି। କମ୍ ଦରରେ ଧାନ କିଣିବା ପାଇଁ ସେମାନେ ମସୁଧା ଆରମ୍ଭ କରି ଦେଇଥିବା ଦେଖିବାକୁ ମିଳୁଛି। ଗାଁ ଗାଁକୁ ପହଞ୍ଚି ସମ୍ପୃକ୍ତ ବେପାରୀମାନେ ଚାଷୀଙ୍କୁ ଭେଟୁଥିବା ଏବଂ ଧାନକିଣା ମୂଲଚାଲ୍ କରିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଗତବର୍ଷ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଭଳି ଏଥର ରବି ଧାନ କିଣାବିକାରେ ମଧ୍ୟ



ଚାଷୀ ଅସନ୍ତୋଷ ତେଜିବାରେ ଲାଗିଛି। ଜିଲାରେ ଗତ ୧୧ ତାରିଖରୁ ଜିଲ୍ଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧିନରେ ୧୮୩ ମଣ୍ଡି ଖୋଲିଛି। ମଣ୍ଡି ଖୋଲିବା ପରେ ଧାନବିକ୍ରି ଟୋକନ ପାଇଥିବା ଚାଷୀମାନେ ବିକ୍ରି ପାଇଁ ନିର୍ଦ୍ଧାରୀତ ମଣ୍ଡିକୁ ଆଣୁଛନ୍ତି। ହେଲେ ଏପର୍ଯ୍ୟନ୍ତ ଧାନ ବିକ୍ରିବଟା ଆଶାନୁରୂପ ହୋଇପାରି ନାହିଁ।

ଶନିବାର ସୁଦ୍ଧା ଅତାବିରା ଆରଏମସି ଅଧିନ ମଣ୍ଡି ଗୁଡ଼ିକୁ ୭୮ହଜାର ୩୮୦ ପକେଟ୍ ଧାନ ଆସିଥିଲା। ସେଥିରୁ ମାତ୍ର ୨୭ହଜାର ୬୧୦ ପକେଟ୍ ଧାନ ବିକ୍ରି ହୋଇଛି। ଆହୁରି ୫୦ହଜାର ୭୭୦ ପକେଟ୍ ଧାନ ଅତାବିରା ଅରଏମସି ଅଧିନ ବିଭିନ୍ନ ମଣ୍ଡିଗୁଡ଼ିକରେ ବିକ୍ରି ଅପେକ୍ଷାରେ ପଡ଼ିରହିଛି। ସେହିପରି ବରଗଡ଼ ଆରଏମସି ଅଧିନ ମଣ୍ଡି ଗୁଡ଼ିକୁ ୬୧ ଜଣ ଚାଷୀ ୭୭୮୧ ପକେଟ୍ ଧାନ ବିକ୍ରି ପାଇଁ ଆଣିଛନ୍ତି। ସେମାନଙ୍କ ମଧ୍ୟରୁ ୪୬ ଜଣ ଚାଷୀଙ୍କ ୬୮୩୯ ପକେଟ୍ ଧାନ ବିକ୍ରି ହୋଇଛି। ଅନ୍ୟ ୧୫ଜଣ ଚାଷୀଙ୍କ ୯୪୨ ପକେଟ୍ ଧାନ ବିକ୍ରି ଅପେକ୍ଷାରେ ମଣ୍ଡିରେ ପଡ଼ି ରହିଥିବା ସୂଚନା ମିଳିଛି। ପଦ୍ମପୁର ଆରଏମସି ଅଧିନ ମଣ୍ଡି ଗୁଡ଼ିକରେ ମଧ୍ୟ ଧାନ ବିକ୍ରିବଟା ଶୀଥିଳ ହୋଇ ପଡ଼ିଛି। ଏଠାରେ ରହିଥିବା ବିଭିନ୍ନ ମଣ୍ଡିକୁ ୧୮ହଜାର ୨୫୭ ପକେଟ୍ ଧାନ ବିକ୍ରି ପାଇଁ ପହଞ୍ଚିଛି। କିନ୍ତୁ ମାତ୍ର ୧୫୭୫ ପକେଟ୍ ଧାନ ବିକ୍ରି ହୋଇଥିବାବେଳେ ଆହୁରି ୧୬ ହଜାର ୬୮୨ ପକେଟ୍ ଧାନ ବିକ୍ରି ନହୋଇ ପଡ଼ି ରହିଛି।

ମଣ୍ଡିକୁ ଧାନ ଆସୁଥିବାବେଳେ ଉଠାଣ ପାଇଁ ମିଲର୍ସମାନେ ଆସୁ ନାହାନ୍ତି। ଫଳରେ ଧାନ ବିକ୍ରିବଟା ଏବଂ ଧାନ ଉଠାଣ ପ୍ରକ୍ରିୟା ବିଳମ୍ବିତ ହେଉଥିବା ଅଭିଯୋଗ ହେଉଛି। ତେବେ ଏଭଳି ସ୍ଥିତି ଲାଗି ରହିଲେ ଆଗକୁ ଧାନବିକ୍ରି ସମସ୍ୟା ଆହୁରି ଜଟିଳ ହେବାର ଆଶଙ୍କା ରହିଛି। ଚାଷୀମାନେ ଧାନ ଅମଳ କରି ସାରିଛନ୍ତି। ମାତ୍ର ଅନେକ ଚାଷୀଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳି ନଥିବା ଯୋଗୁ ସେମାନେ ମଣ୍ଡିକୁ ଧାନ ଆଣି ପାରୁନାହାନ୍ତି। ଟୋକନ ପାଇବା ପରେ ସେମାନେ ମଣ୍ଡିକୁ ଧାନ ଆଣିବା ପରେ ଏହି ସମସ୍ୟା ବହୁଗୁଣିତ ହୋଇ ପଡ଼ିବ ବୋଲି ଏବେଠାରୁ ଜଳଜଳ ହୋଇ ଦିଶୁଛି। ଅନ୍ୟପଟେ ଗତବର୍ଷ ରବି ଓ ଖରିଫରେ କଷ୍ଟମ ମିଲିଂ ଭିତ୍ତିରେ ନେଇଥିବା ଧାନରୁ ଉତ୍ପାଦିତ ଚାଉଳକୁ ଏଫସିଆଇ ଉଠାଉ ନାହିଁ ଏବଂ ସେହି ଚାଉଳରେ ରାଇସ୍ ମିଲ୍‌ଗୁଡ଼ିକର ଗୋଦାମ ପୂରି ରହିଛି। ଧାନ ଗଚ୍ଛିତ ରଖିବାକୁ ମିଲ୍ ଗୁଡ଼ିକରେ ଆଉ ଜାଗା ନାହିଁ। ଏଭଳି ସ୍ଥିତିରେ ମଣ୍ଡିରୁ ଧାନ ଉଠାଇଲେ ତାକୁ କେଉଁଠାରେ ସୁରକ୍ଷିତ ରଖିବେ ବୋଲି ଜଣେ ମିଲର କହିଛନ୍ତି। ତେବେ ନିର୍ଦ୍ଧାରିତ ସମୟରେ ଗୋଟିଏ ପଟେ ମଣ୍ଡିରୁ ଧାନ ଏବଂ ଅନ୍ୟପଟେ ଗୋଦାମରୁ ଚାଉଳ ଉଠାଣ ହୋଇ ନ ପାରିବା ଘଟଣାରୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସରକାରୀ କଳର ଅପାରଗତା ପଦାରେ ପଡ଼ିଯାଇଛି ବୋଲି ସାଧାରଣରେ ଆଲୋଚିତ ହେଉଛି।

## ଜଗନ୍ନାଥ ମନ୍ଦିର ପରିସରରେ ସହିଦ ସ୍ମୃତି ମନ୍ଦିର ଉଦ୍‌ଘାଟିତ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଜଗନ୍ନାଥ ମନ୍ଦିର ପରିସରରେ ପ୍ରଥମ ସହିଦ ସ୍ମୃତି ମନ୍ଦିର ନିର୍ମାଣ ଓ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି ପଦ୍ମଶ୍ରୀ ବାବା ବଳିଆ। ଏପରି ଏକ ବିରଳ ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମା ଠାରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ। ମାଲକାନଗିରି ଜିଲ୍ଲା ସାଧାରଣ ବିଭାଗର ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ନେତୃତ୍ୱରେ ମାଥିଲି ଜଗନ୍ନାଥ ମନ୍ଦିର ପରିସରରେ କିଛି ମାସ ପୂର୍ବରୁ ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଉଦ୍‌ଘାଟନ କାର୍ଯ୍ୟ ସମାପନ ହୋଇଛି। ସହିଦ ସ୍ମୃତି ମନ୍ଦିରର ଶୁଭ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମାଥିଲି ସଦର ସରପଞ୍ଚ କାନାମ ରାଜୁ ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟ ପୁରୋଧା ଭାବରେ ସହିଦ ଲକ୍ଷ୍ମଣ ନାୟକଙ୍କ ଝିଅ କୌଶଲ୍ୟା ନାୟକଙ୍କ ପୁଅ ନାତି ମୁକୁନ୍ଦ ନାୟକ ଯୋଗ ଦେଇ ହୋମ ଯଜ୍ଞ ଓ ପୂର୍ଣ୍ଣାହୁତି ପରେ ପଦ୍ମଶ୍ରୀ ବାବା ବଳିଆ ଭିଡିଓ କନ୍ଫରେସିଂ ମାଧ୍ୟମରେ ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ମନ୍ଦିରକୁ ଉଦ୍‌ଘାଟନ କରିଥିଲେ ଏବଂ ଏହି ସ୍ମୃତି ମନ୍ଦିର ମଧ୍ୟରେ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯିବା ସହ ମନ୍ତ୍ର ପାଠ କରାଯାଇ ଥିଲା। ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କର ପ୍ରତିମୂର୍ତ୍ତି ମାନ କେଉଁଠି ପାର୍କ ତ କେଉଁଠି ରାସ୍ତାର ଚୌରାହ ଉପରେ ନିର୍ମାଣ କରାଯାଇଛି। ଯେଉଁ ମହାନ ମହାପୁରୁଷମାନେ ଆମକୁ ସ୍ୱାଧୀନତା ଆଣି ଦେଇଛନ୍ତି। ସେମାନେ ଆଜି ଅସୁରକ୍ଷିତ ଭାବେ ଖରା ବର୍ଷା ଶୀତ କାକରରେ ପଡି ରହୁଛନ୍ତି। କିନ୍ତୁ ଏବେ ଅବିଭକ୍ତ କୋରାପୁଟ ଜିଲ୍ଲାର ଗାନ୍ଧୀ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିକୁ ମନ୍ଦିର ଭିତରେ ରଖାଯାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲାର ଗାନ୍ଧିର ପରିଚୟ ପାଇଥିବା ମହାନ ମହାପୁରୁଷ ସହିଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତି ମନ୍ଦିରରେ ଲୋକ ମାନେ ଦର୍ଶନ କରି ବର୍ଷକୁ ବାର ମାସ ଧରି ପ୍ରତ୍ୟକ ଦିନ ଲୋକଙ୍କଙ୍କ ହୃଦୟରେ ରହିବେ ବୋଲି ଏପରି ଏକ ନିଆରା ପ୍ରୟାସ ହୋଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ମତ ପ୍ରକାଶ କରିଛନ୍ତି।





# ଶିମିଳିପାଳରୁ ପୁଣି କଳାବାଘ ଶିକାର:୩ ଗିରଫ



ବାରିପଦା, ନ୍ୟୁଜ୍ ବ୍ୟୁରୋ

ଜାତୀୟ ଅଭୟାରଣ୍ୟ ଶିମିଳିପାଳରୁ ପୁଣି ଏକ କଳାବାଘକୁ ଶିକାର କରାଯାଇଛି । ତେବେ ତା'ର ଛାଲ ବା ଚମଡା ବିକ୍ରି ପୂର୍ବରୁ ଶିମିଳିପାଳ ବ୍ୟାଘ୍ର ସୁରକ୍ଷା ବଳ (ଏସ୍‌ଟିଏଫ୍) ୩ ଜଣ ଅଭିଯୁକ୍ତଙ୍କୁ କାବୁ କରିବା ସହିତ ତାଙ୍କ ପାଖରୁ ବାଘ ଛାଲ, ୩ଟି ବାଇକ୍ ଓ ମୋବାଇଲ୍ ଫୋନ୍ ଜବତ କରିଛନ୍ତି । ଏନେଇ ଗୁରୁବାର ଅପରାହ୍ନରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ କ୍ଷେତ୍ର ନିର୍ଦ୍ଦେଶକ (ଦକ୍ଷିଣ) ସୁମିତ କୁମାର କର ନିଜ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ତଥ୍ୟ ରଖିଛନ୍ତି । ନିଜର ଗୋଇନ୍ଦା ଦଳର ଖବର ଅନୁସାରେ ବୁଧବାର ଖୁଣ୍ଟା ଥାନା ଅଧିନ ବାସିପିଠା ନିକଟରେ ଏସ୍‌ଟିଏଫ୍ ଟିମ୍ ଚଢଉ କରି ଉପରୋକ୍ତ ସଫଳତା ପାଇଥିବା କହିଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ଖୁଣ୍ଟା ଥାନା କୁସୁମଘାଟି ଗ୍ରାମର ଗଙ୍ଗାଧର ମୁର୍ମୁ (୬୨), କୁଳିଅଣା ଥାନା କାଠରୁମା ଗ୍ରାମର ରାମଦାସ ହେମ୍ବ୍ରମ (୪୦), ବାଙ୍ଗିରିପୋଷି ଥାନା ଯୋକା ଗ୍ରାମର ଭିମା ବାସ୍କେ (୪୦) । ସେମାନଙ୍କ ଠାରୁ ୩ଟି ବାଇକ୍, ୨ଟି ମୋବାଇଲ୍ ଫୋନ୍ ଜବତ୍ କରାଯାଇଛି । ଏମାନଙ୍କ ମଧ୍ୟରୁ ଜଣେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଗାତରେ ପଡି ଆହତ ହେତୁ ଚିକିତ୍ସାଧିନ ରହିଥିବା ବେଳେ ଅନ୍ୟ ୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣାରେ ଅଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ଜଣାପଡୁଛି । ବାଘଟି ପାଖାପାଖି ୨ ବର୍ଷର ଶାବକ କଳାବାଘ ବୋଲି ଅନୁମାନ କରାଯାଉଛି । ପରୀକ୍ଷାଗାରକୁ ନମୁନା ପଠାଯାଇଛି । ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଓ ସବିଶେଷ ସୂଚନା ମିଳିପାରିବ ବୋଲି ଶ୍ରୀ କର ସୂଚନା ଦେଇଛନ୍ତି । ତେବେ ଏହାକୁ ମିଶାଇ ତୃତୀୟ କଳାବାଘ ଶିକାର ଘଟଣା । ବିଶ୍ୱର ଶିମିଳିପାଳରେ ହିଁ କେବଳ କଳାବାଘ ରହନ୍ତି । ପୂର୍ବ ଗଣନା ଅନୁସାରେ ଶିମିଳିପାଳରେ ୧୪ଟି କଳାବାଘ ଥିଲେ । ଶିକାରୀଙ୍କ ଲୋଲୁପ ଦୃଷ୍ଟି ପାଇଁ ଏବେ ତାଙ୍କ ଜୀବନ ଅସୁରକ୍ଷିତ । ଅପରପକ୍ଷରେ ଶିକାର ବନ୍ଦ ପାଇଁ ଶିମିଳିପାଳରେ ୭ଟି ସନ୍ଧାନୀ କୁକୁର ସ୍କ୍ୱାର୍ଡ, ଏସ୍‌ଟିଏଫ୍, ଗୋଇନ୍ଦା ଟିମ୍ ଓ ଏଆଇ କୌଶଳ ଦ୍ୱାରା ଅଧିକରୁ ଅଧିକ କୌଶଳ ବିଭାଗ ପକ୍ଷରୁ ଆପଣାଯାଉଛି ବୋଲି ଶ୍ରୀ କର ସୂଚନା ଦେଇଛନ୍ତି ।

# ଏମ୍‌କେସିଜିକୁ ଏମ୍ସ ପ୍ଲସ୍ ମାନ୍ୟତା:୧୯୮୪.୬୯ କୋଟିର ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଦକ୍ଷିଣ ଓଡ଼ିଶାର ସର୍ବବୃହତ ବ୍ରହ୍ମପୁର ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ହସ୍‌ପିଟାଲକୁ ରାଜ୍ୟ ସରକାର ଏମ୍ସ ପ୍ଲସ୍ ପ୍ରତିଷ୍ଠାନର ମାନ୍ୟତା ଦେଇଛନ୍ତି । ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୧୯୮୪.୬୯ କୋଟି ଟଙ୍କା ଖର୍ଚ୍ଚ ହେବ । ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହେବା ପରେ ବ୍ୟୟ ଅଟକଳକୁ ମଞ୍ଜୁରୀ ମିଳିଥିଲା । ଏବେ ଏହାକୁ ପ୍ରଶାସନିକ ଅନୁମୋଦନ ମିଳିଛି । ଖୁବ୍‌ଶୀଘ୍ର ଓବିସିସି ଟେଣ୍ଡର ଆହ୍ୱାନ କରି ପ୍ରକ୍ରିୟା ସମାପ୍ତ କରିବା ପରେ ନିର୍ମାଣ କାମ ଆରମ୍ଭ ହେବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବ୍ରହ୍ମପୁର ବିଧାୟକ କେ. ଅନିଲ୍ କୁମାର ସୂଚନା ଦେଇଛନ୍ତି । ଏହି ପ୍ରସ୍ତାବିତ ଏମ୍ସ ପ୍ଲସ୍ ପ୍ରତିଷ୍ଠାନରେ ଚକ୍ଷୁ ବିଭାଗର ଅତିରିକ୍ତ ୧୦୦ ଶଯ୍ୟା, ୨୦ ଶଯ୍ୟା ବିଶିଷ୍ଟ ବର୍ଣ୍ଣ କେୟାର ୟୁନିଟ୍, ୨୮୦ ଶଯ୍ୟାର ଜେନେରାଲ୍ ମେଡିସିନ, ଅତ୍ୟାଧୁନିକ ମଡୁଲାର୍ ଅପରେସନ୍ ଗୃହ, ନୂତନ ୫ଟି ଓଟି କମ୍ପ୍ଲେକ୍ସ, ୪୦ ଶଯ୍ୟା ବିଶିଷ୍ଟ ଆଇସିୟୁ ଓପିଡ଼ି କମ୍ପ୍ଲେକ୍ସ, ଚକ୍ଷୁ ବ୍ୟାଙ୍କ ଆଦି ନିର୍ମାଣ ହେବ । ଏହି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲରେ ଅଧୁନା ୧୫୩୦ ଶଯ୍ୟା ରହିଛି । ଏଥିରେ ଆଉ ୪୫୦ ନୂତନ ଶଯ୍ୟା ନିର୍ମାଣ ହେବ । ପୁରୁଣା ଇନଡ଼ୋର କୋଠାକୁ ଭଙ୍ଗାଯାଇ ସେଠାରେ ବେସ୍‌ମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର୍ ସହ ଆଉ ଦଶ ମହଲା ବିଶିଷ୍ଟ ଡାକ୍ତରଖାନା କୋଠା ନିର୍ମାଣ ହେବ । ଏଥିପାଇଁ ୪୭୧ କୋଟି ଟଙ୍କା ବ୍ୟୟ ରହିବ । ଏହାସହ ୯.୨୯ କୋଟି ବ୍ୟୟରେ ଏକ ବୈଦ୍ୟୁତିକ ସବ୍‌ଷ୍ଟେସନ୍, ବାହ୍ୟ ବିକାଶ ପାଇଁ ୨୯.୯୬ କୋଟି ବ୍ୟୟ ହେବ । ଡାକ୍ତରୀ ଛାତ୍ର ଏବଂ ଅଧ୍ୟାପକମାନଙ୍କ ନିମନ୍ତେ ମଧ୍ୟ ଏହି ପ୍ରକଳ୍ପରେ ବହୁବିଧ ପଦକ୍ଷେପ ରହିଛି । ୪୪.୫୫ କୋଟି ବ୍ୟୟରେ ଅତ୍ୟାଧୁନିକ ଇଣ୍ଡୋର ଷ୍ଟାଡ଼ିୟମ୍, ୨୧.୬୮ କୋଟି ବ୍ୟୟରେ ୩ ମହଲା ବିଶିଷ୍ଟ କ୍ଲବ୍ ହାଉସ୍, ୩୫.୪୭ କୋଟି ବ୍ୟୟରେ ୭ ମହଲା ବିଶିଷ୍ଟ ମହିଳା ଛାତ୍ରାବାସ, ୩୭.୫୭ କୋଟି ବ୍ୟୟରେ ୮ ମହଲା ବିଶିଷ୍ଟ ପୁରୁଷ ଛାତ୍ରାବାସ, ୫୫.୭୮ କୋଟି ବ୍ୟୟରେ ୧୩ ମହଲା ବିଶିଷ୍ଟ ଟାଇପ୍-୨ କ୍ୱାର୍ଟର, ୪୫.୪୯ କୋଟି ବ୍ୟୟରେ ୧୩ ମହଲା ବିଶିଷ୍ଟ ଟାଇପ୍-୪ କ୍ୱାର୍ଟର ନିର୍ମାଣ ହେବ । ପ୍ରକଳ୍ପରେ ପ୍ରଥମ ଥର ପାଇଁ ୪୦୪.୭୫ କୋଟି ଟଙ୍କା ବ୍ୟୟରେ ଏକ ଡେଣ୍ଟାଲ୍ ମହାବିଦ୍ୟାଳୟ ପ୍ରତିଷ୍ଠା ହେବ । ୭ ମହଲା ବିଶିଷ୍ଟ ଡେଣ୍ଟାଲ୍ କୋଠା, ୧୧ ମହଲା ବିଶିଷ୍ଟ ପୁରୁଷ ଓ ମହିଳା ଛାତ୍ରାବାସ ନିର୍ମାଣ ହେବ । ମୋଟ୍ ୭୭ ସିଟ୍‌ରେ ପ୍ରତିବର୍ଷ ନାମଲେଖା ହେବ । ସେହିପରି ଏହି ମେଡ଼ିକାଲ୍ କଲେଜ ପରିସରରେ ଆବାସ ସୁବିଧା ରହିତ ଏକ ଫାର୍ମାସୀ କଲେଜ ନିର୍ମାଣ ହେବ । ଏଥିପାଇଁ ମୋଟ୍ ୩୭୧ କୋଟି ଟଙ୍କା ବ୍ୟୟ ହେବ । ଏଥିରେ କୋଠା, ବାହ୍ୟ ବିକାଶ, ଅତ୍ୟାଧୁନିକ ଯନ୍ତ୍ରାଂଶ ଖଞ୍ଜାଯିବ । ପ୍ରତିବର୍ଷ ୧୮୦ ସିଟ୍‌ରେ ନାମଲେଖା ହେବ । ଚଳିତବର୍ଷ ଠାରୁ ନିର୍ମାଣ କାମ ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟରେ ଶେଷ କରାଯିବାକୁ ସ୍ଥିର ହୋଇଛି । ବ୍ୟୟଭାର ଅଧିକ ନକରିବାପାଇଁ ନିର୍ଦ୍ଧାରିତ ସମୟରେ ସମସ୍ତ କାର୍ଯ୍ୟ ସାରିବାକୁ ଟେଣ୍ଡର ନେବାକୁ ଥିବା ସଂସ୍ଥା ଉପରେ ଦାୟିତ୍ୱ ନ୍ୟସ୍ତ କରାଯିବ । ଟେଣ୍ଡର ପୂର୍ବରୁ ବୈଷୟିକ ମଞ୍ଜୁରୀ ପାଇଁ ସମ୍ପୃକ୍ତ ବିଭାଗ ନିଶ୍ଚିତ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ରହ୍ମପୁର ଗସ୍ତ ସମୟରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ର ପୁନଃ ନିର୍ମାଣ କରାଯାଇ ଏହାକୁ ଏମ୍ସ ପ୍ଲସ୍ ମାନ୍ୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ ।

## ବଜ୍ରପାତରେ ମହିଳା ମୃତ

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ଯାଜପୁର ଜିଲ୍ଲାର କୋରେଇ ବ୍ଲକ ପାଟରଙ୍ଗା ଗ୍ରାମର କାଳନ୍ଦୀ ଦେହୁରୀଙ୍କ ପତ୍ନୀ ସୁଲୋଚନା ଦେହୁରୀ (୫୯)ଙ୍କ ଗୁରୁବାର ଅପରାହ୍ନରେ ବଜ୍ରପାତରେ ମୃତ୍ୟୁ ଘଟିଛି । ସେ ଛେଳି ଚରାଇ ଘରକୁ ଫେରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ । ତାଙ୍କୁ ଯାଜପୁର ରୋଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । କୋରାଇ ପୋଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ସନ୍ଧ୍ୟା ହୋଇଯାଇଥିବାରୁ ଶୁକ୍ରବାର ଦାନଗଦିରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ସ୍ଥାନୀୟ ସରପଞ୍ଚ ରଞ୍ଜନ ଦାସ କହିଛନ୍ତି । ପରିବାରକୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି ।

# ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

କେନ୍ଦୁଝର, ନ୍ୟୁଜ୍



ଆଗାମୀ 'ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରସ୍ତୁତି -୨୦୨୬' କାର୍ଯ୍ୟକ୍ରମକୁ ସଫଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ତଥା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ସମସ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଏବଂ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଯୋଗଦେଇଥିଲେ । ଆଗାମୀ ଦିନରେ ଭୋଟର ତାଲିକା ପ୍ରସ୍ତୁତି ଏବଂ ଏହାର ସଂଶୋଧନ ପ୍ରକ୍ରିୟାକୁ କିପରି ଅଧିକ ସ୍ୱଚ୍ଛ, ସରଳ ଓ ନିର୍ଭୁଲ୍ କରାଯାଇପାରିବ, ସେ ନେଇ ବୈଠକରେ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡିକ ଉପରେ ଆଲୋଚନା କରାଯାଇଥିଲା । ବିଶେଷ କରି ଯୋଗ୍ୟ ଭୋଟରମାନଙ୍କ ନାମ ସାମିଲ୍ କରିବା, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ତ୍ରୁଟିପୂର୍ଣ୍ଣ ତଥ୍ୟର ସଂଶୋଧନ ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ସିଂହ କହିଛନ୍ତି ଯେ, ଗଣତନ୍ତ୍ରର ମୂଳଦୁଆ ହେଉଛି ଏକ ଶୁଦ୍ଧ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ଏବଂ ଏହାର ପ୍ରସ୍ତୁତିରେ ପ୍ରଶାସନିକ ସ୍ୱଚ୍ଛତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସାମିଲ୍ ଥିବା ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଅତି ସତର୍କତା, ନିଷ୍ଠା ଓ ଦାୟିତ୍ୱବୋଧର ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଆବଶ୍ୟକ । ପ୍ରତ୍ୟେକ ପଦକ୍ଷେପରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ସତର୍କତା ଅବଲମ୍ବନ କରି ଏହି ସମଗ୍ର ପ୍ରକ୍ରିୟାକୁ ଶତପ୍ରତିଶତ ସଫଳ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ତାଲିମ୍ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ଉପସ୍ଥିତ ରହି ଅଧିକାରୀମାନଙ୍କୁ ନୂତନ ନିୟମାବଳୀ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା । ଅଧିକାରୀ ମାନଙ୍କର ବିଭିନ୍ନ ସନ୍ଦେହ ଓ ସମସ୍ୟାର ମଧ ଜିଲ୍ଲାପାଳ ସମାଧାନ କରିଥିଲେ । ଶେଷରେ ଜିଲ୍ଲାର ସମସ୍ତ ନାଗରିକଙ୍କୁ ଏହି ପ୍ରକ୍ରିୟାରେ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

# ବାଣିଜ୍ୟରେ ଟପ୍ପର ହେଲେ ସଂଖ୍ୟାଲଘୁ ସମ୍ପ୍ରଦାୟର ମେଧାବୀ ଛାତ୍ର ଆଲତାମାସ୍ କବିର



ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ

କଠିନ ପରିଶ୍ରମ ଓ ନିଷ୍ଠା ଆଗରେ ହାର୍ ମାନିଛି ସବୁ ପ୍ରତିବନ୍ଧକ । ଚଳିତ +୨ ବାଣିଜ୍ୟ ପରୀକ୍ଷା ଫଳାଫଳରେ ରାଇରଙ୍ଗପୁର କଲେଜରୁ ସର୍ବାଧିକ ନମ୍ବର ରଖି ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ମେଧାବୀ ଛାତ୍ର । ସେ ହେଉଛନ୍ତି ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ନାଗବଣ ଗ୍ରାମର ଆଲତାମାସ୍ କବିର । ଚଳିତ ପରୀକ୍ଷାରେ ସେ ୯୦.୩୩ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ନାଗବଣ ଗ୍ରାମର ବିଶିଷ୍ଟ ବ୍ୟକ୍ତି ଏସ୍‌କେ ଆକ୍ତାର ଓ ମାଆ ଆୟେଶା ସିଦ୍ଦିଙ୍କ ସୁପୁତ୍ର ଆଲତାମାସ୍ ଛୋଟବେଳୁ ଜଣେ ଶାନ୍ତ ଓ ମେଧାବୀ ଛାତ୍ର ଭାବେ ବେଶ୍ ଜଣାଶୁଣା । ଏହା ପୂର୍ବରୁ ସେ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟରୁ ୨୦୨୪ ମସିହାରେ ସଫଳତାର ସହ ମେଟ୍ରିକ୍ ପାସ୍ କରିଥିଲେ । କେବଳ ପାଠପଢ଼ା ନୁହେଁ, ବରଂ ବିଦ୍ୟାଳୟ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସେ ଅନେକ ପୁରସ୍କାର ମଧ୍ୟ ହାସଲ କରିଛନ୍ତି । +୨ ଫଳାଫଳ ପ୍ରକାଶ ପାଇବା ପରେ ଆଲତାମାସ୍‌ଙ୍କ ଏହି ସଫଳତା ବିଷୟରେ ଜାଣି ପରିବାର ତଥା ସ୍ଥାନୀୟ ଅଞ୍ଚଳରେ ଏବେ ଆନନ୍ଦର ବାତାବରଣ ଦେଖିବାକୁ ମିଳିଛି । ଏହି ସଫଳତା ପଛରେ ନିଜ ପରିଶ୍ରମ, ବାପା ମାଆଙ୍କ ସହଯୋଗ, ଗୁରୁଜନଙ୍କ ଆଶୀର୍ବାଦ ଓ ଭଗବାନଙ୍କ କୃପା ରହିଥିବା କହୁଛନ୍ତି ସେ । ରାଇରଙ୍ଗପୁରର ବିଭିନ୍ନ ମହଲରୁ, ସାମାଜିକ କର୍ମୀ, କଲେଜର ଅଧ୍ୟାପକ ଏବଂ ବୁଦ୍ଧିଜୀବୀମାନେ ତାଙ୍କ ବାସଭବନରେ ପହଞ୍ଚି ଆଲତାମାସ୍‌ଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଉଛନ୍ତି । ଏହି ସଫଳତା ସ୍ଥାନୀୟ ଅଞ୍ଚଳର ଅନ୍ୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ବଡ଼ ପ୍ରେରଣା ସାଜିବ ବୋଲି ଚର୍ଚ୍ଚା ହେଉଛି ।

# ମହୋଦଧିରେ ମିଶୁଛି ପୁରୀ ସହରର ମଇଳା ପାଣି:କଳା ପଡ଼ିଲା ସ୍ୱର୍ଣ୍ଣାଭ ବେଳାଭୂମି

ପୁରୀ, ନ୍ୟୁଜ୍ ବ୍ୟୁରୋ

ବହୁବର୍ଷ ଧରି ବାଙ୍କିମୁହାଣର ମଇଳା ପାଣି ସିଧାସଳଖ ସମୁଦ୍ରରେ ମିଶୁଛି । ବିଭିନ୍ନ ସମୟରେ ଯେତେ ଯୋଜନା ହୋଇଛି ସବୁ ଫେଲ୍ ମାରିଛି । ସମସ୍ୟାକୁ ବିଶେଷଜ୍ଞ ଓ ସରକାରୀ ଅଧିକାରୀ ଅନୁଧ୍ୟାନ କରୁଥିଲେ ମଧ କାମ ଘର ଶୂନ୍ । ପବିତ୍ର ସ୍ୱର୍ଣ୍ଣାଭ ବେଳାଭୂମି ଖରାରେ ଚକ୍ ଚକ୍ କରୁଥିବା ସୁନା ପରି ବାଲି ଏବେ କଳା ପଡିଗଲାଣି । ବିଷାକ୍ତ ଫେଣ ପାଣି ସମୁଦ୍ରରେ ମିଶୁଛି । ଏଠାରେ ଏକ ଦୀପାଞ୍ଚଳ ପରି ନଳା ପାଣି ବୁଲି ବୁଲି ସମୁଦ୍ରରେ ମିଶୁଛି । ପର୍ଯ୍ୟଟକ ସମୁଦ୍ରକୂଳେ ଚାଲି ଚାଲି ଯିବାବେଳେ ଏହି ପାଣିରେ ପଶିକରି ଯିବାରୁ ଗୋଡ ଓ ପାଦ କୁଣ୍ଡାଇ ହେବା ସହ ନାଲି ନାଲି ହୋଇ ଫୁଲିଯିବା ସମ୍ପର୍କରେ ଜୈନିକ ପର୍ଯ୍ୟଟକ ମତ ଦେଇଛନ୍ତି । ନୀଳାଦ୍ରୀ ବିଚ୍ ଠାରୁ ରେଲୱେ ହୋଟେଲ୍ ପଛପଟ ଠାରୁ ହଲିଡେ ରିସୋର୍ଟ ପର୍ଯ୍ୟନ୍ତ ଏ ବେଳାଭୂମି ଦଳ, ପଙ୍କ, ପଲିଥିନ୍, ଖାଲି ପାଣି ବୋତଲ ଓ ବର୍ଜ୍ୟବସ୍ତୁ ଗଦା ହୋଇ ରହିଥିବାରୁ ପର୍ଯ୍ୟଟକମାନେ ଏହାକୁ ଦେଖି ଚିନ୍ତାପ୍ରକଟ କରିଛନ୍ତି । ଗ୍ରୀନ୍ ପୁରୀ କ୍ଲିନ୍ ପୁରୀର ନାରା ସେଠାରେ କାମ ଦେଉନି । ଏହି ଅଞ୍ଚଳକୁ ଜଣେ ବିଶିଷ୍ଟ ଶିଳ୍ପପତି ଲିଜ୍ ନେବା ପାଇଁ ମସୁଧା ଚଳାଇଥିବା ଶୁଣାଯାଉଛି । ତାପାଖରେ ଜୈନିକ ହୋଟେଲ୍ ମାଲିକ ସରକାରୀ ଜାଗାରେ ଲନ୍ କରି ବିବାହ ଓ ବ୍ରତଘର କାର୍ଯ୍ୟ କରି କୋଟି କୋଟି ଟଙ୍କା ହାତେଇ ନେଉଥିବାବେଳେ ସରକାରୀ ତହବିଲକୁ ଟଙ୍କାଟିଏ ଆସୁନାହିଁ ବୋଲି ଅଭିଯୋଗ ହେଉଛି । ବିକଶିତ ମହାନଗରର ବାଜେଣା ବାଜୁଥିବା ବେଳେ ବିନାଶର ପଦଧ୍ୱନୀ ସମୁଦ୍ରରେ ଦେଖିବାକୁ ମିଳୁଛି । ସେହି ଅଞ୍ଚଳରେ ମଲା କୁକୁର, ବିଲେଇ ଓ ମଲା ବାଛୁରୀ ଦୀର୍ଘ ଦିନ ଧରି ପଡି ରହିବା ଫଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ବସ୍ତି ଅଞ୍ଚଳର ପାଇଖାନା ପାଣି ଓ ମଇଳା ସିଧାସଳଖ ବାଙ୍କି ମୁହାଣ ପୋଖରୀରେ ମିଶୁଛି । ଦୀର୍ଘ ୪୦ ବର୍ଷ ଧରି ଏହି ସମସ୍ୟା ଲାଗିଥିଲେ ମଧ ସମାଧାନର ବାଟ ଫିଟୁନାହିଁ । ଗୁଳ୍ମଲତା, ଅନାବନା ଗଛ, ଅମରୀ ଗଛ, ଲାଜକୁଳୀ ଲତା, ପୋକସୁଂଘା ଗଛ ଲତା ଓ ଗୁଳ୍ମର ଗାଲିଚା ବାଲି ଉପରେ ମାଡିଗଲାଣି । ସଞ୍ଜ ନଇଁଲେ ଅସଙ୍ଗତ ହେଉଛି ସେହି ଅଞ୍ଚଳ । କଠିନ ତରଳ ଓ ଗ୍ୟାସୀୟ ନିଶା ଭାଙ୍ଗ ଟେଳା, ମଦ ଓ ଗଞ୍ଜେଇ ସିଗାରେଟ ଧୂଆଁରେ ମସ୍‌ଗୁଲ୍ ହେଉଛନ୍ତି ନିଶାଖୋର । ସେହି ଅଞ୍ଚଳ ପ୍ରେମୀ ଯୁଗଳଙ୍କ ନୀଳ ଉଆସ ପାଲଟିଛି । ପର୍ଯ୍ୟଟକ ଯାଆସ କରୁଥିଲେ ମଧ ଅସଙ୍ଗତ ଅବସ୍ଥାରେ ପ୍ରେମୀଯୁଗଳଙ୍କ ବସିଥିବା ଦେଖିବାକୁ ମିଳୁଛି । ମହାନଗର ଘୋଷଣା ହୋଇଥିଲେ ମଧ ମହୋଦଧିର ଏହି ଅଞ୍ଚଳ ମହାବିକାଶ ହୋଇପାରୁନାହିଁ ।



## ଜିଲ୍ଲାରେ ଅଙ୍ଗନୱାଡି କର୍ମୀଙ୍କୁ ଦିଆଯିବ ମୋବାଇଲ୍ ଚଲାଇବା ପାଇଁ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଅଙ୍ଗନୱାଡି କର୍ମୀ ସୁପର ଭାଇଜର ଓ ପ୍ରତ୍ୟେକ ବ୍ଲକର ପୋଷଣ ସଂଯୋଜକଙ୍କୁ ମୋବାଇଲ୍ ବଣ୍ଟନ କରାଯିବ । ଏନେଇ ଏକ ପ୍ରଶିକ୍ଷଣ ଶିବିର ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ଗୁଡିକୁ ସଫଳ ଭାବେ ରୂପାୟନ କରିବା ପାଇଁ ଜିଲ୍ଲାରେ କାର୍ଯ୍ୟରତ ଥିବା ୨୧୪୭ ଜଣ ଅଙ୍ଗନୱାଡି କର୍ମୀ, ୪୪ ଜଣ ସୁପରଭାଇଜର ଏବଂ ୯ ଜଣ ପୋଷଣର ସଂଯୋଜକଙ୍କୁ ମୋବାଇଲ୍ ବଣ୍ଟନ କରାଯିବ । ଏ ନେଇ ଏନ୍.ଏଫ୍ ଇନ୍‌ଫ୍ରାଟେକ୍ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଅବଦୁସ୍ ସଲାମ୍ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରକୁ ସଂଯୋଜକ ସଂଜୟ ପାତ୍ର ପରିଚାଳନା କରିଥିଲେ ।

# ରଷିଆରୁ ଗାଁକୁ ଫେରିଲା ଶବ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ରୋଜଗାର ଅନ୍ୱେଷଣରେ ସୁଦୂର ରଷିଆ ଯାଇଥିବା ଚିକିଟି ବ୍ଲକ୍ ମାଧବନ୍ଧ ଗ୍ରାମର ଓଡ଼ିଆ ଯୁବକ ଏ ରାମେୟା ଯୁକ୍ରେନ୍‌ର ଡ୍ରୋନ୍ ମାଡ଼ରେ ମୃତ୍ୟୁବରଣ କରିଥିଲେ । ପରେ ତାଙ୍କ ପରିବାରବର୍ଗ ପକ୍ଷରୁ ଶବ ଫେରାଇ ଆଣିବାକୁ ଦାବି କରାଯାଇଥିଲା । ସରକାର ଓ ପ୍ରଶାସନ ସହଯୋଗରେ ମଧ୍ୟାହ୍ନରେ ଭୁବନେଶ୍ୱର ଓ ପରେ ଗ୍ରାମକୁ ଶବ ଫେରିଥିବା ସୂଚନା ମିଳିଛି । ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ରଷିଆ ଦେଶର ମସ୍କୋ ଠାରେ ମୃତ୍ୟୁବରଣ କରିଥିବା ଏ. ରମେୟାଙ୍କ ମୃତ ଶରୀରକୁ ଓଡ଼ିଶାକୁ ଫେରାଇ ଅଣାଯାଇଛି । ଏ. ରମେୟା ହେଉଛନ୍ତି ଗଞ୍ଜାମ ଜିଲ୍ଲା ମାଧବନ୍ଧ ଗ୍ରାମର ମୂଳ ବାସିନ୍ଦା । ରଷିଆ ଦେଶରେ ଏକ କମ୍ପାନୀରେ ସେ କାମ କରୁଥିଲେ । ମଇ ମାସ ୧୭ ତାରିଖରେ ରଷିଆ ଓ ଯୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଡ୍ରୋନ୍ ଆକ୍ରମଣରେ ସେ ମୃତ୍ୟୁବରଣ କରିଥିଲେ । ଏହି ସମ୍ବନ୍ଧରେ ଖବର ପାଇବା ପରେ ଏ. ରମେୟାଙ୍କ ମୃତ ଶରୀରକୁ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ପରିବାର ଲୋକ ସରକାରଙ୍କ ପାଖରେ ନିବେଦନ କରିଥିଲେ । ଏହାପରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ନୂଆଦିଲ୍ଲୀ ସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଏବଂ ଗଞ୍ଜାମ ଜିଲ୍ଲା ପ୍ରଶାସନର ମିଳିତ ସହାୟତାରେ ଏ. ରମେୟାଙ୍କ ମୃତ ଶରୀରକୁ ଗଞ୍ଜାମ ଜିଲ୍ଲା ସ୍ଥିତ ତାଙ୍କ ପୈତୃକ ଗ୍ରାମକୁ ପଠାଇ ଦିଆଯାଇଛି । ଏ. ରମେୟାଙ୍କ ମୃତ ଶରୀର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ଠାରେ ପହଞ୍ଚିବା ପରେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରିତିଶ୍ ପଣ୍ଡା ଉପସ୍ଥିତ ରହି ଏ. ରମେୟାଙ୍କ ମୃତ ଶରୀରକୁ ଗଞ୍ଜାମ ଜିଲ୍ଲା ସ୍ଥିତ ତାଙ୍କ ପୈତୃକ ଗ୍ରାମକୁ ପଠାଇବାର ସମସ୍ତ ବ୍ୟବସ୍ଥା କରିଥିଲେ ।

## କଟକ କାଠଯୋଡ଼ି ନଦୀ ପଠାରୁ ଅଧାପୋତା ମହିଳାଙ୍କ ମୃତଦେହ ଉଦ୍ଧାର

କଟକ, ନ୍ୟୁଜ୍ ବ୍ୟୁରୋ

ହତ୍ୟା କରି ମହିଳାଙ୍କ ମୃତ ଦେହକୁ ପୋତି ଦେଲେ । କଟକ କାଠ ଯୋଡି ନଦୀ ପଠାରୁ ଅଧାପୋତା ଅବସ୍ଥାରେ ମହିଳାଙ୍କ ମୃତ ଦେହ ଉଦ୍ଧାର ହୋଇଛି । ହତ୍ୟା ପରେ କେହି ଦୁର୍ବୃତ୍ତ ମୃତ ଦେହକୁ ପୋତି ଦେଇଥିବା ସନ୍ଦେହ କରାଯାଉଛି । ସକାଳେ ଲୋକମାନେ ମୃତ ଦେହ ଦେଖି ପୋଲିସକୁ ଖବର ଦେଇଥିଲେ । ଖରବର ପାଇ ପୋଲି ଘଟଣା ସ୍ଥଳରେ ପହଞ୍ଚ ଥିଲେ । ମହିଳାଙ୍କ ପରିଚୟ ମିଳିନଥିବା ବେଳେ ମୃତ ଦେହ ଉଦ୍ଧାର କରି ତଦନ୍ତ କରୁଛି ବାରଙ୍ଗ ଥାନା ପୋଲିସ ।



## ସୁବର୍ଣ୍ଣପୁର ଜିଲ୍ଲା ଗ୍ରନ୍ଥାଗାରକୁ ୩୫ଟି ପୁସ୍ତକ ଦାନ କଲେ ଅଧାପକ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ


ସୋନପୁର କଲେଜର ରସାୟନ ବିଜ୍ଞାନ ଅଧାପକ ହରିଶଙ୍କର ମିଶ୍ର ନିଜର ଅବସରପ୍ରାପ୍ତିର ବର୍ଷକ ପୂର୍ବରୁ ୩୫ଟି ପୁସ୍ତକ ସୁବର୍ଣ୍ଣପୁର ଜିଲ୍ଲା ଗ୍ରନ୍ଥାଗାରକୁ ଦାନ କରିଛନ୍ତି । ଦୀର୍ଘଦିନ ଧରି ରସାୟନ ବିଜ୍ଞାନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଓ ପ୍ରେରଣା ଯୋଗାଇଆସୁଥିବା ଶ୍ରୀ ମିଶ୍ର ନିଜ ଦାନକୃତ ପୁସ୍ତକଗୁଡ଼ିକ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି ପୁସ୍ତକ ସଂଗ୍ରହରେ ରସାୟନ ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକ ସହିତ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଛାତ୍ରଛାତ୍ରୀଙ୍କ ପାଇଁ ମଧ ଇଂରାଜୀ ବିଷୟକ ପୁସ୍ତକ ରହିଛି । ଏହି ପୁସ୍ତକଗୁଡ଼ିକୁ ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଚପରାସୀ ଚମରା ବିଂଶି, ଉମେଶ କୁମ୍ଭାର, ଲୋକ ସଂଗୀତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ । ସୁବର୍ଣ୍ଣପୁର ଜିଲ୍ଲା ଗ୍ରନ୍ଥାଗାର ପକ୍ଷରୁ ଏହି ପୁସ୍ତକଗୁଡ଼ିକୁ ଏକ ମୂଲ୍ୟବାନ ସଂଯୋଜନ ଭାବେ ସ୍ୱାଗତ କରାଯାଇଥିବା ବେଳେ ଛାତ୍ରଛାତ୍ରୀ ଓ ସାଧାରଣ ପାଠକମାନଙ୍କୁ ଏହି ନୂତନ ପୁସ୍ତକଗୁଡ଼ିକର ସୁବିଧା ନେବା ପାଇଁ ଆହ୍ୱାନ ଜଣାଯାଇଛି ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୩।୦୫।୨୦୨୬, ଜ୍ୟୈଷ୍ଠ (ମଳ) ଦି୯ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୧୧।୧୨ ଚନ୍ଦ୍ରୋଦୟ- ରାଘ ୧୧।୩୫।୪୮**

**ଅଷ୍ଟମୀ-** ରାଘ ୪।୨୯ ପର୍ଯ୍ୟନ୍ତ । ମଘା ନକ୍ଷତ୍ର ରାଘ ୨।୧୪ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ରାଘ ୪।୨୯ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୦୬ ଗତେ ଦିଘ ୧୨।୧୦ ମଧ୍ୟେ ଦିଘ ୨।୫୯ ଗତେ ଦିଘ ୩।୩୯ ମଧ୍ୟେ ।

**ମେଷ:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ସାଧନାରେ ସିଦ୍ଧି ଲାଭ କରିବେ । ଆୟରେ ଉନ୍ନତି ଦେଖାଦେବ । ଶତ୍ରୁ ନାଶ ହେବେ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କଚେରୀ ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।

**ବୃଷ:** ପରିଶ୍ରମର ମାତ୍ରା ଅଧିକ ହେବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିଖ ହେବ । ଘରେ ଅସନ୍ତୋଷ ଦେଖାଦେବ । ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ଅଯଥାରେ ଦୂରକୁ ଯାତ୍ରା ମଧ କରିବାକୁ ପଡ଼ିପାରେ ।

**ମିଥୁନ:** ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ । ଦେବ ଦର୍ଶନର ସୁଯୋଗ ସୃଷ୍ଟି ହୋଇପାରେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ସୁଖ ସନ୍ତୋଷ ଲାଭ ହେବ ।

**କର୍କଟ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଶ୍ରେୟସ୍କର । ବ୍ୟବସାୟରେ କ୍ଷତି ଦେଖାଦେବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଅସନ୍ତୋଷ ଓ କଳହ ଦେଖାଦେବାର ସୂଚନା ।

**ସିଂହ:** ବନ୍ଧୁ ବାନ୍ଧବଙ୍କ ସାହାଯ୍ୟ ସହଯୋଗ ଲାଭ କରି ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ଅଟକି ରହିଥିବା କାମଟି ଆପଣଙ୍କର ଆରମ୍ଭ ହେବ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ । ଭ୍ରମଣ ଯୋଗ ରହିଛି ।

**କନ୍ୟା:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧୀ ହେବେ । ଖର୍ଚ୍ଚର ମାତ୍ରା ଅଧିକ ହେବ । ଘରେ ଅସନ୍ତୋଷ ଦେଖାଦେବ । ମହିଳାମାନେ ଗର୍ବୀ ହେବେ । କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ ।

**ତୁଳା:** ଶୁଭ ଖବର ପାଇ ଆନନ୍ଦିତ ହେବେ । ସତ୍ କାର୍ଯ୍ୟରେ ଲିପ୍ତ ରହିବେ । ଅର୍ଥ ପ୍ରାପ୍ତିର ସୁଯୋଗ ରହିଛି । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପାରିବାରିକ ଜୀବନରେ ସୁଖ ଶାନ୍ତି ଅବ୍ୟାହତ ରହିବ ।

**ବିଛା:** କାର୍ଯ୍ୟକ୍ଷେତ୍ରରେ ସଫଳତା ଲାଭ କରିପାରନ୍ତି । ଆର୍ଥିକ ସ୍ଥିତିରେ ସ୍ୱଚ୍ଛଳତା ଦେଖାଦେବ । ଦିନଟି ଆପଣଙ୍କ ପାଇଁ ଶୁଭଦାୟକ ହୋଇପାରେ । ପାରିବାରିକ ଜୀବନ ସୁଖମୟ ହେବ । ବନ୍ଧୁ ଦର୍ଶନର ସୁଯୋଗ ।

**ଧନୁ:** ଦୟାଳୁ ହେବେ । ପରୋପକାର କରି ଖୁସି ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ସମସ୍ତ କ୍ଷେତ୍ରରେ ବିଜୟୀ ହେବେ । ରୋଜଗାର ଭଲ ହେବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।

**ମକର:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଶୁଭଙ୍କର ନୁହେଁ । ଖର୍ଚ୍ଚର ମାତ୍ରା ଅଧିକ ହେବ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଦେଖାଦେବ । ଘରେ ଅସହଯୋଗ ଦେଖାଦେବ । ମନ ଅସ୍ଥିର ରହିବ ।

**କୁମ୍ଭ:** ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ଅପେକ୍ଷା କରିଥିବା ଖବରଟି ଆପଣଙ୍କୁ ମିଳିପାରେ । ଉତ୍ତମ ଭୋଜନ କରିପାରନ୍ତି । ଧନ ଲାଭର ସୁଯୋଗ । ଗୃହେ ଆନନ୍ଦ ଲାଭ ହେବ ।

**ମୀନ:** ଶତ୍ରୁମାନେ ପରାଜିତ ହେବେ । ଦିନଟି ଆପଣଙ୍କ ପାଇଁ ଶୁଭଦାୟକ ହେବ । ପାରିବାରିକ ଜୀବନ ସୁଖମୟ ହେବ । ଆୟରେ ଉନ୍ନତି ଦେଖାଦେବ । ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଭଲ ରହିବ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୪।୦୫।୨୦୨୬, ଜ୍ୟୈଷ୍ଠ (ମଳ) ଦି୧୦ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୦୯।୫୮ ଚନ୍ଦ୍ରୋଦୟ- ଦିଘ ୧୨।୨୮।୫୩**

**ନବମୀ-** ନିଘ ୪।୩୩ ପର୍ଯ୍ୟନ୍ତ । ପୂର୍ବାଫାଲ୍ଗୁନୀ ନକ୍ଷତ୍ର ରାଘ ୨।୫୩ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ନିଘ ୪।୩୩ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୮ ଗତେ ଦିଘ ୯।୩୪ ମଧ୍ୟେ ଦିଘ ୧।୨୨ ଗତେ ଦିଘ ୨।୪୮ ମଧ୍ୟେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ନକଲି ଫଟୋ-ଭିଡିଓ ଧରିବା ପାଇଁ ଆସିଲା ନୂଆ ଫିଚର

ଗୁଗୁଲର ବଡ଼ ପଦକ୍ଷେପ ! ଏବେ ଏଆଇରୁ ତିଆରି ନକଲି ଫଟୋ-ଭିଡିଓ ଧରିବା ପାଇଁ ଆସିଲା ନୂଆ ଫିଚର ଆଲଫାବେଟ୍‌ର ମାଲିକାନାରେ ଥିବା ଗୁଗୁଲ କହିଛି SynthID ଫିଚର ଏବେ କେବଳ 'ଜେମିନି ଏଆଇ' ଆପ୍ ପର୍ଯ୍ୟନ୍ତ ସୀମିତ ନାହିଁ। କମ୍ପାନୀ ଏହାକୁ ଖୁବ୍ ଶୀଘ୍ର ନିଜର ସର୍ଚ୍ଚ ପ୍ଲାଟଫର୍ମ ଓ କ୍ରୋମ୍ ବ୍ରାଉଜର ସହ ଯୋଡିବାକୁ ଯାଉଛି। ସାରା ବିଶ୍ୱରେ ବଢିବାରେ ଲାଗିଛି ଏଆଇ କଣ୍ଟେଣ୍ଟ। ଏହା ଭିତରେ ଏବେ ଗୁଗୁଲ ନିଜର ଖାସ୍ ଟେକ୍ନୋଲୋଜି SynthID କୁ ଆହୁରି ଅଧିକ ଲୋକଙ୍କ ପର୍ଯ୍ୟନ୍ତ ପହଁଞ୍ଚାଇବାର ନିଷ୍ପତ୍ତି ନେଇଛି। ଏହି ଟୁଲ୍ ସାହାଯ୍ୟରେ ୟୁଜର୍ସ ସହଜରେ ଜାଣିପାରିବେ କେଉଁ ଫଟୋ-ଭିଡିଓ, ଅଡିଓ ଅସଲି ଓ ନକଲି। କାହାକୁ ଏଆଇ ସାହାଯ୍ୟରେ ଏଡିଟ୍ କରାଯାଇଛି ତାହା ବି ଜଣାପଡି ଯିବ। ଆଲଫାବେଟ୍‌ର ମାଲିକାନାରେ ଥିବା ଗୁଗୁଲ କହିଛି SynthID ଫିଚର ଏବେ କେବଳ 'ଜେମିନି ଏଆଇ' ଆପ୍ ପର୍ଯ୍ୟନ୍ତ ସୀମିତ ନାହିଁ। କମ୍ପାନୀ ଏହାକୁ ଖୁବ୍ ଶୀଘ୍ର ନିଜର ସର୍ଚ୍ଚ ପ୍ଲାଟଫର୍ମ ଓ କ୍ରୋମ୍ ବ୍ରାଉଜର ସହ ଯୋଡିବାକୁ ଯାଉଛି। ଗୁଗୁଲର ସିଇଓ ସୁନ୍ଦର ପିଚାଇ କାର୍ଲିଫର୍ଣ୍ଣିଆରେ ଆୟୋଜିତ କମ୍ପାନୀର ବାର୍ଷିକ ଆଇ/ଓ ଇଭେଣ୍ଟରେ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି, ଇଣ୍ଟରନେଟ୍‌ରେ ଦ୍ରୁତଗତିରେ ବଢୁଥିବା ଏଆଇ କଣ୍ଟେଣ୍ଟର ସମୟରେ ପାରଦର୍ଶିତା ବଜାୟ ରଖିବା ଖୁବ୍ ଜରୁରୀ। ଗୁଗୁଲ SynthID କୁ ପ୍ରଥମ ଥର ୨୦୨୩ ରେ ଆଣିଥିଲା। ଏହା ଏକ ପ୍ରକାର ଇନଭିଜିଏବଲ୍ ୱାଟରମାର୍କ, ଯାହାକି ଏଆଇ ଦ୍ୱାରା ତିଆରି କରାଯାଇଥିବା କିମ୍ବା ଏଆଇ ଟୁଲ୍ସରୁ ଏଡିଟ୍ ହୋଇଥିବା କଣ୍ଟେଣ୍ଟରେ ଲୁଚି ରହିଥାଏ। ଏହି ୱାଟରମାର୍କ ସାଧାରଣତଃ ଆଖିରେ ଦେଖାଯାଏନି, କିନ୍ତୁ ଏହାର ସାହାଯ୍ୟରେ ସିଷ୍ଟମ ଏହି ପରିଚୟ କରିପାରିବ ଯେ, କୌଣସି ଇମେଜ୍, ଭିଡିଓ କିମ୍ବା ଅଡିଓ ଏଆଇ ଦ୍ୱାରା ତିଆରି କରାଯାଇ ନାହିଁ। ଗୁଗୁଲର କହିବା ଅନୁସାରେ, ଏହି ଟେକ୍ନୋଲୋଜିର ଉଦ୍ଦେଶ୍ୟ ଜେନେରେଟିଭ୍ ଏଆଇ ଯୁଗରେ ଭରସା ଓ ପାରଦର୍ଶିତା ବଜାୟ ରଖିଥାଏ। ଇଭେଣ୍ଟ ବେଳେ ସୁନ୍ଦର ପିଚାଇ ଏକ ଭାଇରାଲ ଏଆଇ ଜେନେରେଟେଡ୍ ଫଟୋ ଦେଖାଇଥିଲେ, ଯେଉଁଥିରେ ସେ ନିଜେ ଏଲନ୍ ମସ୍କ, ଜେନସେନ୍ ହୁଆଙ୍ଗ୍ ଏବଂ ସାମ୍ ଅଲ୍ଟମ୍ୟାନ୍ ମ୍ୟାକଡୋନାଲ୍ଡସ୍ ଖାଉଥିବାର ନଜର ଆସୁଛନ୍ତି। ପିଚାଇ ମଜାଳିଆ ଅନ୍ଦାଜରେ କହିଥିଲେ, ଏହି ଫଟୋ ସମ୍ପୂର୍ଣ୍ଣ ଭାବରେ ନକଲି। କାରଣ ସେ 'ହାମବର୍ଗର' ଖାଆନ୍ତି ନାହିଁ। କାରଣ ସେ ଏହା ମଧ୍ୟ ମାନିଛନ୍ତି ଯେ, ପ୍ରତି ବ୍ୟକ୍ତି ପାଇଁ ଏଆଇ ଓ ଏହାର ଫଟୋରେ ଫରକ୍ ବୁଝିବା ସହଜ ନୁହେଁ। ଏଭଳି ସ୍ଥିତିରେ SynthIDଭଳି ଟୁଲ୍ସ ଖୁବ୍ ଲାଭଦାୟକ ହୋଇପାରେ। ଗୁଗୁଲ ଏହା ମଧ୍ୟ ସ୍ପଷ୍ଟ କରିଛି କେବଳ ଗୋଟିଏ କମ୍ପାନୀର ସ୍ତର ଉପରେ ଏହି ଟେକ୍ନୋଲୋଜିର ବ୍ୟବହାର ଯଥେଷ୍ଟ ହେବନି। ଏହାକୁ ପ୍ରଭାବଶାଳୀ କରିବା ପାଇଁ ଦ୍ୱିତୀୟ ଏଆଇ କମ୍ପାନୀ ସହ ଆସିବା ମଧ୍ୟ ଜରୁରୀ। ପିଚାଇଙ୍କ କହିବା ଅନୁସାରେ, ଓପନ ଏଆଇ, କାକୋ ଓ ଏଲଭେନ୍ ଲାବସ୍ ଭଳି କମ୍ପାନୀ ବି ଏବେ SynthID ଷ୍ଟାଣ୍ଡାର୍ଡକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ସେଭଳି Nvidia ପୂର୍ବରୁ ହିଁ ଏହି ପ୍ରସଙ୍ଗ ସହିତ ଜଡିତ ରହିଛି। ଗୁଗୁଲ ଅନୁସାରେ, ଏପର୍ଯ୍ୟନ୍ତ ପ୍ରାୟ ୧୦୦ ବିଲିୟନରୁ ଅଧିକ ଫଟୋ, ଭିଡିଓ ଓ ଅଡିଓ ଫାଇଲରେ SynthID ୱାଟରମାର୍କ ଲଗାଯାଇ ସାରିଛି। କମ୍ପାନୀର କହିବା ଅନୁସାରେ, ଆଗାମୀ ସମୟରେ ଏଆଇ କଣ୍ଟେଣ୍ଟର ଚିହ୍ନଟ କରିବା ପାଇଁ ଏହି ଟେକ୍ନୋଲୋଜି ଇଣ୍ଡଷ୍ଟ୍ରି ଷ୍ଟାଣ୍ଡାର୍ଡ ହୋଇପାରେ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

## ବିଶ୍ୱରୂପ ଦର୍ଶନ

---------------

## କାଳନେମି



ଶ୍ରଦ୍ଧେୟ ଭକ୍ତଗଣ କ୍ରୋଧ ହେଉଛି ଏପରି ଏକ ପ୍ରକାର ବ୍ୟାଧି ତୁମେ ତାକୁ ବୁଝିଲେ ବି ବୁଝିପାରିବ ନାହିଁ । ଶରୀର ଭିତର ଧମନୀରେ ପ୍ରବାହିତ ରକ୍ତ ସଞ୍ଚାଳନ ତୀବ୍ରତର ହୋଇ ରକ୍ତକୁ ଗତିଶୀଳ ଶୀଘ୍ର ଶୀଘ୍ର କରି ଉତ୍ତପ୍ତ କରି ଦେଇଥାଏ । ସେଥିରୁ ନାନା ପ୍ରକାର ବ୍ୟାଧି ଉତ୍ପନ୍ନ ହୋଇ ଶେଷରେ ଶରୀରକୁ ନିସ୍ତେଜ କରିଦେଇଥାଏ । ତେଣୁ କ୍ରୋଧକୁ ପ୍ରାଣ ଘାତକ କୁହାଯାଏ । ତେଣୁ କାୟ ମନ ବାକ୍ୟରେ କ୍ରୋଧକୁ ଭିତରକୁ ପ୍ରବେଶ କରାଇ ଦିଅନାହିଁ ।

ଦ୍ୱିତୀୟ କଥା ହେଲା ଏହି କ୍ରୋଧ ହିଁ ତୁମର ଗୁପ୍ତଚର ପରି କାମ କରେ ଶରୀରରେ । ତୁମର ଇନ୍ଦ୍ରୀୟ ଆଉ ତୁମର ଆୟତ୍ତରେ ରୁହେ ନାହିଁ । ନ କହିବା କଥା ସବୁ ମୁଖ ଦ୍ୱାରା ବାହାରି ପଡି ତୁମର ଗୁମର କଥାକୁ ପଦାରେ ପକାଇ ଦେଇଥାଏ । ତାପରେ ତୁମ ସଂସାରରେ ଏକ ଘୃଣ୍ୟ ମନୁଷ୍ୟ ରୂପରେ ପରିଣତ କରାଇଦେଇଥାଏ । ଯେପରି ରାବଣର ଗୁପ୍ତଚର କାଳନେମି ମୁଖରେ ରାମ ରାମ କହି ଭିତରେ ହନୁମାନଙ୍କୁ ମାରିବା ପାଇଁ ଷଡଯନ୍ତ୍ର କରି ସାଧୁ ବେଶକୁ ଧାରଣ କରି ବସିଥିଲା । ଶେଷରେ କ'ଣ ହେଲା ? ତାହାରି କ୍ରୋଧରେ ଶୀକାର ସେହିଁ ନିଜେ ହନୁମାନଙ୍କ ହସ୍ତରେ ବିନାଶ ପ୍ରାପ୍ତ ହେଲା । ତେଣୁ ହେ ଭକ୍ତ ଏହି କ୍ରୋଧରୂପି କାଳନେମୀ ଠାରୁ ସଦା ସର୍ବଦା ଦୂରେଇ ରୁହ । ହରିଓଁ

◆◆

# ସଂକୀର୍ଣ୍ଣ ଜାତୀୟତାବାଦର ଉର୍ଦ୍ଧ୍ୱରେ ମାନବତା



ଅସିତ ମହାନ୍ତି
ଆବାହକ , ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

ରବୀନ୍ଦ୍ରନାଥ ଟାଗୋର (୭ ମଇ ୧୮୬୧ - ୭ ଅଗଷ୍ଟ ୧୯୪୧)ଭାରତର ବଙ୍ଗଳାରୁ ଆସିଥିବା ଜଣେ ବିଦ୍ୱାନ ଥିଲେ। ସେ କେବଳ ଜଣେ ଲେଖକ ଏବଂ କବି ନଥିଲେ, ବରଂ ସେ ଜଣେ ଦାର୍ଶନିକ, ସଂଗୀତଜ୍ଞ ଏବଂ କଳାକାର ମଧ୍ୟ ଥିଲେ ଯିଏ ୧୯୧୩ ମସିହାରେ ସାହିତ୍ୟରେ ନୋବେଲ ପୁରସ୍କାର ପାଇବାରେ ପ୍ରଥମ ଅଣ-ୟୁରୋପୀୟ ହେବାର ଗୌରବ ଅର୍ଜନ କରିଥିଲେ। ଭାରତରେ ବ୍ରିଟିଶ ଉପନିବେଶବାଦୀ ଶାସନର ଜଣେ ପ୍ରଚଣ୍ଡ ସମାଲୋଚକ, ଟାଗୋର ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଗଭୀର ଭାବରେ ଜଡିତ ଥିଲେ। ରବୀନ୍ଦ୍ରନାଥ ଟାଗୋରଙ୍କ ଚିନ୍ତାଧାରା କେବଳ ସାହିତ୍ୟ ଏବଂ କଳା ପର୍ଯ୍ୟନ୍ତ ସୀମିତ ନଥିଲା, ବରଂ ମାନବତାର ବ୍ୟାପକ ପ୍ରଶ୍ନଗୁଡ଼ିକ ସହିତ ମଧ୍ୟ ଜଡିତ ଥିଲା। ତାଙ୍କ ଜୀବନ ଏବଂ ଲେଖାରେ, ସେ ବାରମ୍ବାର ସ୍ପଷ୍ଟ କରିଥିଲେ ଯେ ଜାତୀୟତାବାଦ, ଯଦି ସଂକୀର୍ଣ୍ଣତା ଏବଂ ଅହଂକାରରେ ପରିଣତ ହୁଏ, ତେବେ ଏହା ମାନବତା ପାଇଁ ଘାତକ। ତାଙ୍କ ପାଇଁ, ଜାତି କେବଳ ରାଜନୈତିକ ଶକ୍ତିର ଏକ ଗଠନ ନୁହେଁ, ବରଂ ମାନବତାର ସାମୂହିକ ଚେତନାର ଏକ ରୂପ ଥିଲା। କିନ୍ତୁ ଯେତେବେଳେ ଜାତୀୟତାବାଦ ମାନବତାକୁ ବାନ୍ଧିବା ଏବଂ ବିଭାଜିତ କରିବା ଆରମ୍ଭ କରେ, ଏହା ମାନବତାର ମୌଳିକ ମୂଲ୍ୟବୋଧ - ସତ୍ୟ, କରୁଣା ଏବଂ ସ୍ୱାଧୀନତାକୁ ନଷ୍ଟ କରିଦିଏ। ସେଥିପାଇଁ ସେ ମାନବତାକୁ ଜାତୀୟତାବାଦ ଉପରେ ସ୍ଥାନ ଦେଇଥିଲେ।

ରବୀନ୍ଦ୍ରନାଥ ଠାକୁର ମାନବିକତାକୁ ଜାତୀୟତାଠାରୁ ଅଧିକ ଉଚ୍ଚରେ ରଖୁଥିଲେ। ଗୁରୁଦେବ କହିଥିଲେ, ଯେପର୍ଯ୍ୟନ୍ତ ମୁଁ ବଞ୍ଚିଛି, ମୁଁ ମାନବିକତା ଉପରେ ଦେଶପ୍ରେମର ବିଜୟକୁ ଅନୁମତି ଦେବି ନାହିଁ। ରବୀନ୍ଦ୍ରନାଥ ଗାନ୍ଧିଜୀଙ୍କୁ ବହୁତ ସମ୍ମାନ କରୁଥିଲେ । କିନ୍ତୁ ଜାତୀୟତା, ଦେଶପ୍ରେମ, ସାଂସ୍କୃତିକ ଚିନ୍ତାଧାରାର ଆଦାନପ୍ରଦାନ, ଯୁକ୍ତିଯୁକ୍ତତା ଉପରେ ସେ ସେମାନଙ୍କଠାରୁ ଭିନ୍ନ ମତ ରଖିଥିଲେ। ପ୍ରତ୍ୟେକ ବିଷୟ ଉପରେ ରବୀନ୍ଦ୍ରନାଥଙ୍କ ଆଭିମୁଖ୍ୟ କମ୍ ପାରମ୍ପାରିକ ଏବଂ ଅଧିକ ଯୁକ୍ତିଯୁକ୍ତ ଥିଲା, ଯାହା ବିଶ୍ୱ କଲ୍ୟାଣ ସହିତ ଜଡିତ ଥିଲା । ରବୀନ୍ଦ୍ରନାଥ ହିଁ ଗାନ୍ଧିଜୀଙ୍କୁ ମହାତ୍ମା ଆଖ୍ୟା ଦେଇଥିଲେ।

ରବୀନ୍ଦ୍ରନାଥ ମାନବତାକୁ ଜାତୀୟତାବାଦ ଉପରେ ସ୍ଥାନ ଦେଇଥିଲେ କାରଣ ତାଙ୍କ ପାଇଁ ମାନବ ଆତ୍ମା ଏବଂ ଏହାର ସାର୍ବଜନୀନ ଚେତନା ସର୍ବୋପରି ଥିଲା। ସେ ବିଶ୍ୱାସ କରୁଥିଲେ ଯେ ଯଦି ଜାତୀୟତାବାଦ ସଂକୀର୍ଣ୍ଣତା, ଶକ୍ତି ଏବଂ ପ୍ରାଧାନ୍ୟର ଏକ ଉପକରଣ ହୋଇଯାଏ, ତେବେ ଏହା ମାନବ ସ୍ୱାଧୀନତା ଏବଂ କରୁଣାକୁ ନଷ୍ଟ କରିଦିଏ। ତାଙ୍କ ପାଇଁ, ଜାତୀୟତାବାଦ କେବଳ ସେତେବେଳେ ମୂଲ୍ୟବାନ ଥିଲା ଯେତେବେଳେ ଏହା ମାନବତାର ସେବା କରେ; ଅନ୍ୟଥା, ଏହା ହିଂସା ଏବଂ ବିଭାଜନକୁ ନେଇଯାଏ। ଟାଗୋର ୟୁରୋପ ଏବଂ ଏସିଆରେ ଜାତୀୟତାର ପରିଣାମ - ଯୁଦ୍ଧ, ସାମ୍ରାଜ୍ୟବାଦ ଏବଂ ଘୃଣା - ଦେଖିଥିଲେ। ସେ ଯୁକ୍ତି କରିଥିଲେ ଯେ ଯଦି ଭାରତର ଜାତୀୟତାବାଦ କେବଳ ବ୍ରିଟିଶଙ୍କଠାରୁ ସ୍ୱାଧୀନତା ପର୍ଯ୍ୟନ୍ତ ସୀମିତ ରହେ ଏବଂ ଏକ ବ୍ୟାପକ ମାନବିକ ଦୃଷ୍ଟିକୋଣର ଅଭାବ ରହେ, ତେବେ ଏହା ଅସମ୍ପୂର୍ଣ୍ଣ ହେବ। ତାଙ୍କ ପାଇଁ, ସ୍ୱାଧୀନତା କେବଳ ରାଜନୈତିକ ସ୍ୱାଧୀନତା ନୁହେଁ ବରଂ ମାନବ ଆତ୍ମାର ସ୍ୱାଧୀନତା ମଧ୍ୟ ବୁଝାଏ। ସେ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ପ୍ରକୃତ ଧର୍ମ ହେଉଛି ମାନବତା। ଯଦି ଜାତୀୟତାବାଦ ମଣିଷକୁ ଅନ୍ୟମାନଙ୍କଠାରୁ ପୃଥକ କରେ, ତେବେ ଏହା ଅଧର୍ମ । ତାଙ୍କ କବିତା ଏବଂ ଗୀତଗୁଡ଼ିକ ବାରମ୍ବାର ଏହି ବାର୍ତ୍ତା ପ୍ରଦାନ କରେ ଯେ ମାନବ ଆତ୍ମା କେବଳ ସେତେବେଳେ ସମ୍ପୂର୍ଣ୍ଣ ହୁଏ ଯେତେବେଳେ ଏହା ସଂକୀର୍ଣ୍ଣତାରୁ ମୁକ୍ତ ହୋଇ ବ୍ୟାପକ ମାନବତା ସହିତ ସଂଯୋଗ କରେ। ତେଣୁ ଠାକୁର ମାନବତାକୁ ଜାତୀୟତାବାଦ ଉପରେ ସ୍ଥାନ ଦେଇଥିଲେ - ତାଙ୍କ ପାଇଁ, ଜାତୀୟତାର ଉଦ୍ଦେଶ୍ୟ କେବଳ ସେତେବେଳେ ଅର୍ଥପୂର୍ଣ୍ଣ ଥିଲା ଯଦି ଏହା କରୁଣା, ନ୍ୟାୟ ଏବଂ ସ୍ୱାଧୀନତା ପଥରେ ମାନବତାର ସେବା କରେ। ସେ ଆମକୁ ଚେତାବନୀ ଦେଇଥିଲେ ଯେ ଯଦି ଆମେ କେବଳ ଜାତୀୟତାରେ ବୁଡ଼ି ରହିବୁ ଏବଂ ମାନବିକତାକୁ ଭୁଲିଯିବୁ, ତେବେ ଆମର ଆତ୍ମା ଅପୂର୍ଣ୍ଣ ରହିବ।

ଟାଗୋରଙ୍କ ଦୃଷ୍ଟିକୋଣ ଏପରି ଏକ ସମୟରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା ଯେତେବେଳେ ସମଗ୍ର ବିଶ୍ୱ ଜାତୀୟତାର ଏକ ଲହରୀରେ ବୁଡ଼ି ରହିଥିଲା। ୟୁରୋପରେ, ରାଷ୍ଟ୍ରବାଦ ଯୁଦ୍ଧକୁ ଜନ୍ମ ଦେଇଥିଲା, ଏବଂ ଭାରତରେ, ଏହା ସ୍ୱାଧୀନତା ଆନ୍ଦୋଳନର ପ୍ରେରଣା ପାଲଟିଥିଲା। କିନ୍ତୁ ଟାଗୋର ଚେତାବନୀ ଦେଇଥିଲେ ଯେ ଯଦି ଜାତୀୟତାବାଦ କେବଳ ରାଜନୈତିକ ଶକ୍ତି ଏବଂ ପ୍ରାଧାନ୍ୟର ଏକ ମାଧ୍ୟମ ହୋଇଯାଏ, ତେବେ ଏହା ମାନବ ଆତ୍ମାକୁ ବାନ୍ଧିବ। ସେ କହିଥିଲେ ଯେ ପ୍ରକୃତ ଜାତୀୟତାବାଦ ହେଉଛି ଯାହା ମାନବତାର ସେବା କରେ, ଏହାକୁ ବିଭାଜିତ କରେ ନାହିଁ। ତାଙ୍କ ପାଇଁ, ରାଷ୍ଟ୍ରର ଅର୍ଥ ମାନବତାର ସାମୂହିକ ଚେତନାର ଏକ ରୂପ ଥିଲା, ଯାହା କରୁଣା ଏବଂ ନ୍ୟାୟ ଉପରେ ଆଧାରିତ। କିନ୍ତୁ ଯେତେବେଳେ ଜାତୀୟତାବାଦ ସଂକୀର୍ଣ୍ଣ ମନୋଭାବରେ ପରିଣତ ହୁଏ, ଏହା ହିଂସା ଏବଂ ଘୃଣାକୁ ନେଇଯାଏ। ଏହି ଦୃଷ୍ଟିକୋଣ ତାଙ୍କ ଲେଖା ଏବଂ ଭାଷଣରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ। 'ଜାତୀୟତାବାଦ' ଶୀର୍ଷକ ତାଙ୍କ ବକ୍ତୃତାରେ ସେ କହିଥିଲେ ଯେ ଜାତୀୟତାବାଦ, ଯଦି କେବଳ କ୍ଷମତା ଏବଂ ସ୍ୱାର୍ଥ ଉପରେ ଆଧାରିତ, ତେବେ ଏହା ବିନାଶକାରୀ। ସେ ଜାପାନ ଏବଂ ଆମେରିକାର ଉଦାହରଣ ଦେଇ ଦର୍ଶାଇଥିଲେ ଯେ କିପରି ଜାତୀୟତାବାଦ ମାନବତାକୁ ପଛରେ ପକାଇଥିଲା।

ଠାକୁରଙ୍କ ଦୃଷ୍ଟିକୋଣ ମଧ୍ୟ ଗାନ୍ଧୀଙ୍କ ଦୃଷ୍ଟିକୋଣଠାରୁ ଭିନ୍ନ ଥିଲା। ଗାନ୍ଧୀ ଜାତୀୟତାବାଦକୁ ନୈତିକତା ଏବଂ ସତ୍ୟାଗ୍ରହ ସହିତ ଯୋଡ଼ିଥିଲେ, ଯେତେବେଳେ ଠାକୁର ଏହାକୁ ମାନବତାର ବ୍ୟାପକ ଚେତନା ସହିତ ଯୋଡ଼ିଥିଲେ। ଗାନ୍ଧୀଙ୍କ ପାଇଁ, ଜାତୀୟତାବାଦ ଭାରତର ଆତ୍ମାର ପୁନର୍ଜାଗରଣ ଥିଲା, କିନ୍ତୁ ଠାକୁରଙ୍କ ପାଇଁ, ଜାତୀୟତାବାଦ କେବଳ ସେତେବେଳେ ଅର୍ଥପୂର୍ଣ୍ଣ ଥିଲା ଯଦି ଏହା ମାନବତାର ସେବା କରେ। ସେ କହିଥିଲେ ଯେ ଯଦି ଭାରତର ଜାତୀୟତାବାଦ ଭାରତରେ ସୀମିତ ରହେ ଏବଂ ମାନବତାର ବ୍ୟାପକ ଦୃଷ୍ଟିକୋଣକୁ ଗ୍ରହଣ ନ କରେ, ତେବେ ଏହା ଅପୂର୍ଣ୍ଣ ରହିବ। ତାଙ୍କ ପାଇଁ, ପ୍ରକୃତ ଭାରତୀୟ ଜାତୀୟତାବାଦ ଥିଲା ଯାହା ବିଶ୍ୱ ମାନବତା ସହିତ ଜଡିତ ଏବଂ କରୁଣା ଏବଂ ନ୍ୟାୟର ପଥ ଗ୍ରହଣ କରିଥିଲା।

ଠାକୁର ଜାତୀୟତାର ସଂକୀର୍ଣ୍ଣତାକୁ ବିରୋଧ କରିଥିଲେ ଏବଂ ମାନବତାକୁ ଧର୍ମ ଏବଂ ସଂସ୍କୃତି ଉପରେ ସ୍ଥାନ ଦେଇଥିଲେ। ସେ କହିଥିଲେ ଯେ ମାନବତା ହେଉଛି ମଣିଷର ପ୍ରକୃତ ଧର୍ମ। ଯଦି ଜାତୀୟତାବାଦ ମଣିଷକୁ ବାନ୍ଧିଥାଏ, ତେବେ ଏହା ଧର୍ମ ନୁହେଁ ବରଂ ଅଧର୍ମ। ତାଙ୍କ ପାଇଁ, ସାହିତ୍ୟ ଏବଂ କଳା ମଧ୍ୟ ମାନବତା ସେବାର ମାଧ୍ୟମ ଥିଲା। ତାଙ୍କ କବିତା ଏବଂ ଗୀତରେ, ସେ ବାରମ୍ବାର କହିଥିଲେ ଯେ ମାନବ ଆତ୍ମା କେବଳ ସେତେବେଳେ ପୂର୍ଣ୍ଣ ହୁଏ ଯେତେବେଳେ ଏହା ନିଜକୁ ସଂକୀର୍ଣ୍ଣତାରୁ ମୁକ୍ତ କରି ବ୍ୟାପକ ମାନବତା ସହିତ ସଂଯୋଗ କରେ। ଏହି କାରଣରୁ ସେ ମାନବତାକୁ ଜାତୀୟତାବାଦ ଉପରେ ସ୍ଥାନ ଦେଇଥିଲେ।

ଠାକୁରଙ୍କ ଦୃଷ୍ଟିକୋଣ ଆଜି ଆହୁରି ପ୍ରାସଙ୍ଗିକ। ଯେତେବେଳେ ବିଶ୍ୱ ପୁଣି ସଂକୀର୍ଣ୍ଣ ଜାତୀୟତାବାଦ ଏବଂ ବିଭାଜନ ଆଡକୁ ଗତି କରୁଛି, ଠାକୁରଙ୍କ ଚେତାବନୀ ଆମକୁ ମନେ ପକାଇ ଦିଏ ଯେ ପ୍ରକୃତ ଜାତୀୟତାବାଦ ହେଉଛି ଯାହା ମାନବତାର ସେବା କରେ। ଯଦି ଜାତୀୟତାବାଦ କେବଳ ଶକ୍ତି ଏବଂ ପ୍ରାଧାନ୍ୟର ଏକ ମାଧ୍ୟମ ହୋଇଯାଏ, ତେବେ ଏହା ବିନାଶକାରୀ। ଠାକୁର କହିଥିଲେ ଯେ ମାନବତାର ପ୍ରକୃତ ତୀର୍ଥ ହେଉଛି ମାନବତା। ଯଦି ଆମେ ମାନବତାକୁ ଭୁଲି କେବଳ ଜାତୀୟତାବାଦରେ ବୁଡ଼ି ରହିଯାଉ, ତେବେ ଆମର ତୀର୍ଥଯାତ୍ରା ଅପୂର୍ଣ୍ଣ ରହିବ। ସେ ଦେଖାଇଲେ ଯେ ସଂକୀର୍ଣ୍ଣ ରାଷ୍ଟ୍ରବାଦ ହିଂସା ଏବଂ ଘୃଣାକୁ ଜନ୍ମ ଦିଏ, ଯେତେବେଳେ ମାନବତା କରୁଣା ଏବଂ ନ୍ୟାୟକୁ ଜନ୍ମ ଦିଏ ।ସେ ମାନବତାକୁ ଜାତୀୟତାବାଦ ଉପରେ ସ୍ଥାନ ଦେଇଥିଲେ ଏବଂ ଆମକୁ ବାର୍ତ୍ତା ଦେଇଥିଲେ ଯେ ଯଦି ଆମେ ପ୍ରକୃତରେ ମୁକ୍ତ ହେବାକୁ ଚାହୁଁ, ତେବେ ଆମକୁ ମାନବତାକୁ ଗ୍ରହଣ କରିବାକୁ ପଡିବ।

# କୀର୍ତ୍ତି କିମ୍ବଦନ୍ତୀରେ ମା' ଜୟଚଣ୍ଡୀ ଶକ୍ତିପୀଠ



ଅମରନାଥ ବାରିକ୍
କୟାଁ, ମଙ୍ଗଳପୁର, ଯାଜପୁର
ମୋ-୯୫୪୦୩୦୮୦୯୫
(ନୂଆଦିଲ୍ଲୀ)

ମନ୍ଦିର ମାଳିନୀ ଓଡ଼ିଶାର ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ କୟାଁ ପଞ୍ଚାୟତ ଏକ ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଅଟେ । ଏଠାରେ ବିଭିନ୍ନ ବର୍ଗ ଜାତିର ମନୁଷ୍ୟ ବସବାସ କରନ୍ତି । ସେମାନେ ମୁଖ୍ୟତଃ ଗୋପାଳନ ଓ କୃଷି ଉପରେ ନିର୍ଭର କରୁଥିବା ବେଳେ ତନ୍ମଧ୍ୟରୁ କିଛି ମାତ୍ରାର ଲୋକ ବ୍ୟବସାୟ ମଧ୍ୟ କରନ୍ତି । ଯାଜପୁର ଜିଲ୍ଲା ମାନଚିତ୍ରରେ ଏହି ପଞ୍ଚାୟତ ଆଉ ଦୁଇଟି ଜିଲ୍ଲାକୁ ମଧ୍ୟ ସ୍ପର୍ଶ କରିଛି । ତାହା ହେଉଛି ଗୋଟିଏ କେନ୍ଦ୍ରାପଡ଼ା ଜିଲ୍ଲା ଓ ଅନ୍ୟଟି ହେଉଛି ଭଦ୍ରକ ଜିଲ୍ଲା । ତିନୋଟି ଜିଲ୍ଲା ସଙ୍ଗମର କେନ୍ଦ୍ରବିନ୍ଦୁ ପାଲଟିଛି ପୁଣ୍ୟତୋୟା ବୈତରଣୀ ନଦୀ। ଏହି ବୈତରଣୀ ନଦୀର ପଶ୍ଚିମ ଦିଗରେ ମା' ଜୟଚଣ୍ଡୀ ଶକ୍ତି ପୀଠ ପ୍ରସିଦ୍ଧ ଧର୍ମ ପୀଠ ହୋଇଥିବା ବେଳେ ପୂର୍ବ ଦିଗରେ ବାବା ଆଖଣ୍ଡଳମଣିଙ୍କ ଅବସ୍ଥାନ ହୋଇଛି। ଏହି ଶକ୍ତି ପୀଠରୁ ପୂର୍ବ ଆଡ଼କୁ ପ୍ରମୁଖ ପ୍ରବେଶ ପଥ ପଡ଼ୋଶୀ ଭଦ୍ରକ ଜିଲ୍ଲା ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରୁଛି । ସେମିତି ଏହି ଶକ୍ତି ପୀଠରୁ ପଶ୍ଚିମ ଆଡ଼କୁ କଟକ ଜିଲ୍ଲା ଓ କେନ୍ଦୁଝର ଜିଲ୍ଲା ସ୍ପର୍ଶ କରିଛି। କୟାଁଗୋଲା ନିକଟରେ ବୈତରଣୀ ନଦୀ ସେତୁ ପାର ହେଲେ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକର ବୋଡକ ଗ୍ରାମ ଆରମ୍ଭ। ସେହିପରି କୟାଁଗୋଲା ନିକଟସ୍ଥ ଗହିରାପାଳ ଗ୍ରାମ ନିକଟରେ ଥିବା ଏକ ସେତୁ ପାରି ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକ କନପୁର ଗ୍ରାମ ପଡ଼ିଥାଏ। ଏହି ସୀମା ମଧ୍ୟ ଦେଇ ପ୍ରତ୍ୟେକ ଦିନ ସହସହ ଭକ୍ତ ମା' ଜୟଚଣ୍ଡୀଙ୍କ ଆଶୀର୍ବାଦ ନିମନ୍ତେ ଶକ୍ତି ପୀଠକୁ ଯାତ୍ରା କରନ୍ତି। ସୂର୍ଯ୍ୟୋଦୟ ପୂର୍ବରୁ ସେବାୟତ ମାନେ ମା'ଙ୍କୁ ଶୀତଳ ଜଳରେ ଚୁଆ ଚନ୍ଦନ ହଳଦୀ ଅତର ଲଗାଇ ସ୍ନାନ କରାଇ ଥାଆନ୍ତି । ପରେ ଚନ୍ଦନ ନାଲି ସିନ୍ଦୂର କୁଙ୍କୁମ ସୁବାସ ଅତର ଲଗାଇ, ପାଟ ଲୁଗା ପିନ୍ଧାଇ, ମନ୍ଦାର ଫୁଲରେ ସଜାଇ ଦିଆଯାଏ । ବିଭିନ୍ନ ସମୟରେ ଭଳିଭଳି ବେଶରେ ମା'ଙ୍କୁ ପୂଜା କରାଯାଏ । ଝୁଣା ଧୂପ ବାସ୍ନାରେ ମନ୍ଦିର ବେଢା ମହକି ଉଠୁଥାଏ । ହସ୍ତତନ୍ତ ବୁଣାକାରମାନେ ସୂତାରେ ନିର୍ମିତ ରଙ୍ଗିନ ଚାନ୍ଦୁଆ ତିଆରି କରି ମା'ଙ୍କ ପାଇଁ ଅର୍ପଣ କରିଥାନ୍ତି । ମୁଗୁନି ଶିଳା ବେଦୀ ଉପରେ ବସି ମାଆ ଝଟକୁ ଥାଆନ୍ତି । ଏଠାରେ ରହୁଥିବା ପୂଜକ ମାନଙ୍କ ପାରିଶ୍ରମିକ ପାଇଁ ନିକଟରେ ଥିବା ଠାକୁର ଜମି ପ୍ରଦାନ କରାଯାଇଛି । ସେମାନେ ପାଳି କରି ମା'ଙ୍କର ମନଲାଖି ସେବା କରିଥାନ୍ତି। ବୈଶାଖ ମାସ ଓଡ଼ିଆ ନୂଆବର୍ଷ ତଥା ପଣା ସଂକ୍ରାନ୍ତିରେ ମା'ଙ୍କୁ ବେଲ କଦଳୀ ମହୁ ମିଶିରି ଦହି କ୍ଷୀର ମଖନ ଛେନା ଗୁଡ଼ରୁ ତିଆରି ପଣା ଅର୍ପଣ କରାଯାଇ ପଞ୍ଜିକା ଆରମ୍ଭ ହୋଇଥାଏ। ଠିକ୍ ସେମିତି ପରେ ପରେ ଜ୍ୟେଷ୍ଠ ମାସରେ ପଡୁଥିବା ପର୍ବ ପର୍ବାଣୀ ଯେମିତିକି ଗଣପର୍ବ ରଜ ଆଉ ଚନ୍ଦନ ପୂର୍ଣ୍ଣିମା ଭଳି ବିଭିନ୍ନ ଓଷା ବ୍ରତ ଭକ୍ତିର ସହିତ ପାଳନ କରାଯାଇଥାଏ । ଆଷାଢ଼ ମାସରେ ନିଷ୍ଠାର ସହିତ ରଥ ଯାତ୍ରା ପାଳନ କରାଯାଇଥାଏ । ଶ୍ରାବଣ ମାସ ଆରମ୍ଭରେ ସମସ୍ତ ପର୍ବ ସର୍ବୋପରି ରାକ୍ଷୀ ଅର୍ପଣ ଅର୍ଥାତ୍ ଗହ୍ମା ପୂର୍ଣ୍ଣିମାରେ ମା'ଙ୍କର ପ୍ରିୟ ଭୋଗ କ୍ଷୀରି ଖେଚୁଡ଼ି ପିଠା ଭଳି ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ଭୋଗ ଲାଗିଥାଏ । ଭାଦ୍ରବର ଆଗମନରେ ସଜ କରାଯାଏ ମା'ଙ୍କ ପରିଧାନ ଲାଗି ନୂତନ ପାଟ ବସ୍ତ୍ର । କାରଣ ଆଗ ନୂଆ ବସ୍ତ୍ରରେ ମା'ଙ୍କୁ ପଢୁଆଁ କରି ବଡ଼ ସନ୍ତାନଙ୍କ ପାଇଁ ଜନ୍ମାଷ୍ଟମୀ ପାଳନ କରାଯାଇଥାଏ । ଏହା କେବଳ ଓଡ଼ିଶାରେ ହିଁ ଏକ ଅନନ୍ୟ ପର୍ବ । ଆଶ୍ୱିନ ପଦାର୍ପଣ କଲେ ହସିଥାଏ ନଈପଠା, କାଶତଣ୍ଡୀ ଫୁଲର ଚାମରରେ ମହକି ଉଠେ ମହା ପାର୍ବଣ। ଯାହା ଶାରଦୀୟ ଦୁର୍ଗା ପୂଜା ନାମରେ ଉଛୁଳିଉଠେ । ମା'ଙ୍କ ପାଖରେ ମହା ଅଷ୍ଟମୀ ତିଥିରେ କଖାରୁ ବଳୀପଡ଼େ। ସବୁ ମାସଠାରୁ ଧର୍ମ ମାସ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରାଯାଇଥାଏ ମା'ଙ୍କ ନିକଟରେ। ଘୃତ ଦୀପ ଧୂପ କର୍ପୁର ଆଳତିର ତାଳେ ତାଳେ ବାଜି ଉଠେ ଘଣ୍ଟ ଘଣ୍ଟା ଶଙ୍ଖ ଖୋଳ ମର୍ଦ୍ଦଳ । ହବିଷ ଡାଲମା ଅନ୍ନ ପ୍ରସାଦ ଲାଗିଥାଏ ମା'ଙ୍କୁ । ଓଡ଼ିଆ ଘରର ଝୋଟି ଚିତାକୁ ଦେଖିଲେ ଜାଣିହୁଏ ଲକ୍ଷ୍ମୀପୂଜା ମାଣବସା ଗୁରୁବାର ଆସିଗଲା ବୋଲି । ଯାହା ମାର୍ଗଶିର ମାସରେ ମା'ଙ୍କ ନିକଟରେ ପାଳନ କରାଯାଇଥାଏ। ଲକ୍ଷ୍ମୀ ପୁରାଣରେ ସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଛି ଯେ ନାରୀ କେବେବି ଅବଳା, ଦୁର୍ବଳା ନୁହେଁ । ନାରୀ ପୂଜ୍ୟା, ନାରୀ ବନ୍ଦନୀୟା, ନାରୀ ସମ୍ମାନୀୟା, ନାରୀ ଜନନୀ ଭଗିନୀ ଜାୟା କାୟା ନାରୀ ସର୍ବ ଶକ୍ତି ସ୍ୱରୂପିଣୀ । ପୌଷ ମାସରେ ପୌଷ ପୂର୍ଣ୍ଣିମା ମଧ୍ୟ ପାଳନ କରାଯାଇଥାଏ। ନୂଆ ଧାନରୁ ପ୍ରସ୍ତୁତ କରାଯାଏ ମକର ଚାଉଳ । ଯାହା ମାଘ ମାସରେ ପଡୁଥିବା ପବିତ୍ର ମକର ସଂକ୍ରାନ୍ତି ଭଳି ମହାନ ପର୍ବ ପାଳନ କରାଯାଇଥାଏ ଏଠି । ଗୋପାଳ ଓଗାଳ ରଙ୍ଗ ଅବିର କଥା କହିଲେ ଫାଲଗୁନ ମାସରେ ପଡୁଥିବା ଦୋଳପୂର୍ଣ୍ଣିମା କୁ ବୁଝାଏ ଯାହା ମା'ଙ୍କ ପାଖରେ ମେଳଣ ପର୍ବ ରୂପରେ ପାଳନ କରାଯାଇଥାଏ ଏଠି । ଶେଷରେ ଚୈତ୍ର ମାସରେ ଚଇତି ପୂର୍ଣ୍ଣିମା ଆଉ ଅନ୍ୟାନ୍ୟ ପର୍ବ ପର୍ବାଣୀ ମଧ୍ୟ ଆନନ୍ଦ ସହକାରେ ପାଳନ କରାଯାଇଥାଏ ମା'ଙ୍କ ଶକ୍ତି ପୀଠରେ ।

ଦେଶ ସ୍ୱାଧୀନ ପୂର୍ବରୁ ଜମିଦାର ପ୍ରଥା ରାଜଙ୍କ କଠୋର ଶାସନ କଥା କହିଲେ ଆଜି ବି ଲୋମ ଟାଙ୍କୁରି ଉଠେ। କନିକାର ରାଜା ସୀମା ଅତିକ୍ରମ କରି ଏଠାରେ ରହୁଥିବା ଗରିବ ଖଟିଖିଆ ଲୋକ ମାନଙ୍କ ଠାରୁ ଅତିରିକ୍ତ କର ଆଦାୟ କରୁଥିଲେ । ଅତ୍ୟାଚାରିତ ପ୍ରଜା ଝାମ୍ପୁଲା ସିଂହ ମା' ଜୟଚଣ୍ଡୀ ଙ୍କ ଅନୁମତି ନେଇ କନିକା ରାଜାଙ୍କ ସହିତ ଯୁଦ୍ଧ ଆରମ୍ଭ କରିଥିଲେ । ତାଙ୍କ ଖଣ୍ଡାରେ ମାଆ ଷଡ଼ଭୁଜା ଜୟଚଣ୍ଡୀଙ୍କ ଶକ୍ତି ଥିବାରୁ କନିକା ରାଜା ପରାସ୍ତ ହୋଇଥିଲେ । ଝାମ୍ପୁଲା ସିଂହ ବିଜୟଲାଭ କରିଥିଲା । କିଏ କହେ ମା' ଜୟଚଣ୍ଡୀ କଲିକତାରୁ ଆସିଥିଲେ ତ କିଏ କହେ ଖୋର୍ଦ୍ଧାର ରଥି ଗଡ଼ରୁ ଆସିଥିଲେ । କିଏ କହେ କନିକାର ପଥର ଗଡ଼ରୁ ଆସିଥିଲେ ତ କିଏ କହେ କନିକା ପଳାଇ ଯାଇ ଥାନ୍ତେ । ଇତିହାସରେ ସେମିତି କିଛି ସଠିକ୍ ତଥ୍ୟ ନାହିଁ ଯେ ମାଆ କେମିତି ଆବିର୍ଭାବ ହେଲେ । ତଥାପି ସମାଲୋଚକ ମାନେ କୁହନ୍ତି ।

ଝାମ୍ପୁଲା ମାତିଲା ଖପରା ତାତିଲା
ଆସିଗଲା ନଈ ବଢ଼ି ।
ଆଉ ଯଦି ବେଳ ଘଡ଼ିଏ ଥାଆନ୍ତା
କନିକା ଯାଇଥାନ୍ତେ ମାଡ଼ି ।।


ସେ ଯାହା ବି ହେଉ ମା'ଙ୍କର ମହିମା କଥା କହିଲେ ସରିବ ନାହିଁ । ମା' ଜୟଚଣ୍ଡୀଙ୍କର ଭକ୍ତ ଝାମ୍ପୁଲା ସିଂହକୁ ମା କହିଲେ ତୋ ଭକ୍ତିରେ ସନ୍ତୁଷ୍ଟ ହୋଇ ମୁଁ ତୋ ସାଙ୍ଗରେ ଯିବି କିନ୍ତୁ ତୁ ମୋତେ ପଛକୁ ଫେରି ଚାହିଁବୁ ନାହିଁ । ଯେଉଁଠି ପଛକୁ ଫେରି ଚାହିଁବୁ ମୁଁ ସେଇ ସ୍ଥାନରେ ରହିଯିବି। ଆଗେ ଆଗେ ଝାମ୍ପୁଲା ଚାଲିଥାଏ। ପଛରେ ମା' ଜୟଚଣ୍ଡୀ ଚାଲୁଥାଆନ୍ତି । ମା'ଙ୍କର ସେ ଚରଣ କମଳରୁ ନୂପୁରର ରୁଣୁଝୁଣୁ ରୁଣୁଝୁଣୁ ଶବ୍ଦର ଝଙ୍କାର ଶୁଣି ଝାମ୍ପୁଲା ପଛକୁ ଫେରି ନ ଚାହିଁ ଆନନ୍ଦ ମନରେ ଚାଲିଥାଏ । କିଛି ବାଟ ଯିବା ପରେ ମଲ୍ଲିପୁର ଠାରେ ନୂପୁର ଶବ୍ଦ ବନ୍ଦ ହୋଇଗଲା । ଆଗରୁ ଏହି ଅଞ୍ଚଳ ବୃକ୍ଷଲତାରେ ଶୋଭନୀୟ ଥିବାରୁ ମା' ଟିକେ ଲତା ଗହଳରେ ଝୁଲି ଖେଳୁଥିଲେ। ଝାମ୍ପୁଲା ମନରେ ସନ୍ଦେହ ସୃଷ୍ଟି ହେଲା ଆଉ କାହିଁ ନୂପୁର ଶବ୍ଦ ଶୁଭୁନାହିଁ ! ସେ ପଛକୁ ଫେରି ଚାହିଁଦେଲା, ମା କହିଲେ 'ତୁ ମୋତେ ପଛକୁ ଫେରି ଚାହିଁଥିବାରୁ ମୁଁ ଏଇଠି ଅବସ୍ଥାନ କରୁଛି । 'ସେହି ଦିନଠାରୁ ମା' ମଲ୍ଲିପୁର ଠାରେ ରହି ପୂଜା ପାଇଆସୁଛନ୍ତି । ଦୈନିକ ମା'ଙ୍କୁ ପାଳିକରି ପଣ୍ଡିତମାନେ ପୂଜା କରନ୍ତି । ସେମାନଙ୍କ ମଧ୍ୟରୁ ମାନ ପଣ୍ଡା ବୋଲି ଜଣେ ମଲ୍ଲିପୁର ବରିଷ୍ଠ ପୂଜକ ମା'ଙ୍କର ପ୍ରିୟ ସେବାୟତ ଥିଲେ । ଅତି ନିଷ୍ଠାର ସହିତ ସେ ବିଭିନ୍ନ ବେଶରେ ସଜାଇ ମନ ପ୍ରାଣ ଦେଇ ଭକ୍ତିଭାବରେ ପୂଜା କରି ମା'ଙ୍କୁ ସନ୍ତୁଷ୍ଟ କରିପାରୁଥିଲେ। ସେଥିପାଇଁ ମାନ ପଣ୍ଡାଙ୍କୁ ମା' ଜୟଚଣ୍ଡୀଙ୍କର ବାପା ବୋଲି ସମ୍ବୋଧନ କରାଯାଏ । ଲୋକେ କୁହନ୍ତି 'ମାନ ପଣ୍ଡାର ଇଚ୍ଛା ନା ମା' ଜୟଚଣ୍ଡୀଙ୍କର ଇଚ୍ଛା' । କୁହାଯାଏ ଜଣେ ଶଙ୍ଖାରୀ ଦିନେ ଶଙ୍ଖା ବ୍ୟବସାୟ କରିବା ପାଇଁ ଏହି ରାସ୍ତା ଦେଇ ଯାଉଥାଏ । ମା' ଶଙ୍ଖାରୀ ଠାରୁ କିଛି ଶଙ୍ଖା ରଖିଲେ । ଶଙ୍ଖାରୀ ତା'ର ପଇସା ମାଗିବାରୁ ମା' କହିଲେ 'ମଲ୍ଲିପୁର ଗ୍ରାମରେ ମୋ ବାପା ମାନ ପଣ୍ଡା ଅଛନ୍ତି, ତାଙ୍କ ଠାରୁ ପଇସା ମାଗି ନେଇଯିବେ । କହିବେ ତମ ଝିଅ ଶଙ୍ଖା ନେଇଛି ।' ଶଙ୍ଖାରୀ ଯାଇ ମାନ ପଣ୍ଡାଙ୍କୁ ପଇସା ମାଗିବାରୁ ମାନ ପଣ୍ଡା କହିଲେ ମୋର କଉ ଝିଅ ତମ ଠାରୁ ଶଙ୍ଖା ନେଲା କେଉଁଠୁ ନେଲା । ତଥାପି ମାନ ପଣ୍ଡା ପଇସା ଦେଲେ । କାରଣ ସେ ସମୟର ଲୋକେ ବିଶ୍ୱାସୀ ଓ ଧର୍ମପରାୟଣ ଥିଲେ । ପୁଣି ଆଉ ଥରେ ସେହି ବାଟ ଦେଇ ଜଣେ ଲୁଗା ବେପାରୀ ଯାଉଥାଏ । ତା' ଠାରୁ ମା' ପାଟ ଲୁଗା ଖଣ୍ଡେ ରଖି, କହିଲେ 'ମଲ୍ଲିପୁର ଗ୍ରାମରେ ମୋ ବାପା ମାନ ପଣ୍ଡା ଅଛନ୍ତି, ତାଙ୍କ ଠାରୁ ପଇସା ମାଗି ନେଇଯିବେ । 'ଲୁଗା ବେପାରୀ ଆସି ପଇସା ମାଗିବାରୁ ମାନ ପଣ୍ଡା ଚକିତ ହୋଇଗଲେ । କିଏ ବାରମ୍ବାର ମୋ ନାଁ କହି ଜିନିଷ ରଖୁଛି ? ପୁଣି କହୁଛି 'ମଲ୍ଲିପୁର ଗ୍ରାମରେ ମୋ ବାପା ମାନ ପଣ୍ଡା ଅଛନ୍ତି, ତାଙ୍କ ଠାରୁ ପଇସା ମାଗି ନେଇଯିବେ ।' ଏମିତି କିଛି ସୂତ୍ରରୁ ମାନ ପଣ୍ଡା ଜାଣି ପାରିଲେ କି ସେ ହେଉଛନ୍ତି ମୋ ମା' ଜୟଚଣ୍ଡୀ। ବହୁ ଭକ୍ତଙ୍କୁ ମଧ୍ୟ ମା' ସ୍ୱପ୍ନରେ ଦେଖା ଦେଇଛନ୍ତି । ସେହି ସ୍ଥାନରେ ମା' ରାତ୍ରି ସମୟରେ ଖେଳାବୁଲା କରିବାରେ ବହୁତ ଭକ୍ତ ମଧ୍ୟ ନିଜ ଆଖିରେ ଦେଖିଛନ୍ତି ।

ଏହି ଐତିହାସିକ ପ୍ରମୁଖ ଧର୍ମସ୍ଥଳୀ କୟାଁ ପଞ୍ଚାୟତର ଆରାଧ୍ୟ ଦେବୀ ତଥା ପୂର୍ବ ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ଜୟଚଣ୍ଡୀ। ଏହି ଶକ୍ତିପୀଠରେ ମା'ଙ୍କ ଉଦ୍ଦେଶ୍ୟରେ ହେଉଥିବା ଅର୍ଥାତ୍ ଶ୍ରଦ୍ଧାଳୁ ମାନଙ୍କ ମଙ୍ଗଳ କାମନା ପାଇଁ ପଞ୍ଚଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଭଳି ପବିତ୍ର ମହୋତ୍ସବ ଅତି ଆଡମ୍ବରରେ ଅନୁଷ୍ଠିତ ହୋଇଥାଏ । ଏହି ଐତିହାସିକ ପ୍ରମୁଖ ବାର୍ଷିକ ପଞ୍ଚଦିବସୀୟ ଅମୃତ ମହୋତ୍ସବ ଫଗୁ ଅଷ୍ଟମୀ ଠାରୁ ଆରମ୍ଭ ହୋଇ ଦ୍ୱାଦଶୀ ପର୍ଯ୍ୟନ୍ତ ଚାଲିଥାଏ । କୟାଁ ପଞ୍ଚାୟତର ଏହି ଐତିହାସିକ ଆଞ୍ଚଳିକ ମେଳା ଜନସାଧାରଣଙ୍କର କଲ୍ୟାଣ ହୋଇ ପାରିଛି। ଅଞ୍ଚଳବାସୀ ମାନେ ବଡ଼ ଧୁମ୍ ଧାମ ରେ ପାଳନ କରନ୍ତି । ବାର ମାସର ତେର ପର୍ବ ମଧ୍ୟରୁ ଏହି ପର୍ବଟି ଅନ୍ୟତମ ପ୍ରମୁଖ ପର୍ବ । ମା'ଙ୍କର ଏହି ଉତ୍ସବରେ ହଜାର ହଜାର ଭକ୍ତମାନଙ୍କର ସମାଗମ ବେଳେ ଯାଜପୁର ସମେତ ଆଉ ଦୁଇ ପଡ଼ୋଶୀ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଶ୍ରଦ୍ଧାଳୁମାନେ ଶୋଭା ଯାତ୍ରାରେ ଅଂଶଗ୍ରହଣ କରି କଳସରେ ଜଳ ଆଣି ଯଜ୍ଞ ବେଦୀରେ ଘଟ ସ୍ଥାପନ କରିଥାନ୍ତି। ଯଜ୍ଞ କାର୍ଯ୍ୟକୁ ପୁରୋଧା ତଥା ମନ୍ଦିରର ପ୍ରମୁଖ ସେବାୟତ ଓ ମଲ୍ଲୀପୁର ଗ୍ରାମଠାରୁ ଆରମ୍ଭ କରି ଯାଜପୁରର ସମସ୍ତ ସହଯୋଗୀ ବାହ୍ମଣ ମାନେ ଅଗ୍ନି ସ୍ଥାପନା କରିବା ସହିତ ଘୃତାହୁତି ପ୍ରଦାନ କରନ୍ତି। ପରେ ସୂର୍ଯ୍ୟ ଦେବତାଙ୍କୁ ପୂଜା, ଗୋ ପୂଜା, ଭୂମି ପୂଜନ, ବାୟୁ ପୂଜା, ଜଳ ପୂଜା ସମେତ ମା' ଜୟଚଣ୍ଡୀଙ୍କ ପୂଜାର୍ଚ୍ଚନା ହୋଇ ଷୋଡ଼ଶ ଉପଚାର ପୂଜା ହେବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥାଏ । ବଡ ବିଚିତ୍ର କଥା ହେଲା ଯଜ୍ଞ କୁଣ୍ଡରେ ଯେଉଁ ଅଗ୍ନି ସଂଯୋଗ କରାଯାଏ ତାହା କେଉଁ ଦିଆସିଲ ବା ଅନ୍ୟ କୌଣସି ଉପାୟରେ ନୁହେଁ, ବରଂସୂର୍ଯ୍ୟଙ୍କର ପ୍ରଖର କିରଣରୁ ଜ୍ୟୋତି ଆଣି ଯଜ୍ଞ କୁଣ୍ଡରେ ଅଗ୍ନି ସଂଯୋଗ କରାଯାଇଥାଏ । ଏହି ଅବସରରେ ପ୍ରତ୍ୟେକ ଆଧାତ୍ମିକ ପ୍ରବଚନ, ଭଜନ, ଜଣାଣ, କୀର୍ତ୍ତନ, ସାଂସ୍କୃତିକ ପାଲା ଇତ୍ୟାଦି ପରିବେଷଣ କରାଯାଇଥାଏ । ସମସ୍ତ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ଦିବାନିଶି ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସାହିତ୍ୟ, କଳା ସଂସ୍କୃତିକୁ ପ୍ରୋତ୍ସାହିତ କରି ଆଗାମୀ ପିଢ଼ି ତଥା ଯୁବ ସମାଜକୁ ଆଧାତ୍ମିକ ଡୋରିରେ ବାନ୍ଧି ରଖିବା ପାଇଁ ଓଡ଼ିଶାର ବହୁ ଲୋକପ୍ରିୟ ସୁନାମଧନ୍ୟ ବରିଷ୍ଠ ଗାୟକ ମାନଙ୍କ ଦ୍ୱାରା ବାଦି ପାଲା ଅନୁଷ୍ଠିତ କରାଯାଇଥାଏ । ଫଳରେ ରୀତିନିତି ଅନୁଯାୟୀ ମନ୍ତ୍ରଧ୍ୱନି ସହିତ ହରିବୋଲ ହୁଳହୁଳି ଯଜ୍ଞସ୍ଥଳରେ ଆଧାତ୍ମିକ ପରିବେଶ ସୃଷ୍ଟି କରିଥାଏ । ମା'ଙ୍କ କୃପା ସାନିଧ ଲାଭ କରିବା ସହିତ ପାଞ୍ଚଦିନ ଧରି ମହୋତ୍ସବ ଚତୁର୍ପାର୍ଶ୍ୱରେ ବିଭିନ୍ନ ଦୋକାନ ବଜାର ପଡ଼ିଥାଏ । ଏହି ଅମୃତ ମହୋତ୍ସବକୁ ଦେଖଭାଲ ଓ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି । ମା'ଙ୍କ ଶକ୍ତିପୀଠରେ ପାଞ୍ଚଦିନ ବ୍ୟାପି ପାଳିତ ଏହି ମହାସମାରୋହରେ କମିଟିର କର୍ମକର୍ତ୍ତାବୃନ୍ଦ ନିଷ୍ଠାର ସହିତ ସେବା କରିଥାନ୍ତି ।

କୟାଁ, ଲକ୍ଷ୍ମୀପୁର, ଗୁଣ୍ଟୁଣିପଡ଼ା, ଗୋପବନ୍ଧୁ ନଗର, କୟାଁଗୋଲା, ଇଚ୍ଛାପୁର, ବଳରାମପୁର, ଧରମପୁର, ଗହିରାପାଳ, ଦରବା, ଗରବନ୍ଧ, କମାରଡିହ, ଲାଲବାଗ, ଦୁବକଣ, ଯୋଗୀମଠ, କୁଳସାହି, ମଲ୍ଲୀପୁର ସମେତ ଇଟାପଡ଼ା ଭଳି ଛୋଟ ବଡ଼ ଗ୍ରାମ ମାନଙ୍କରେ ଚାନ୍ଦା ଆଦାୟ କରାଯାଇଥାଏ। ଅତି ଉଲ୍ଲାସର ସହିତ ଭକ୍ତ ମାନେ ଯିଏ ଯାହା ପାରିଲା ମା'ଙ୍କ ପାଖରେ ସମର୍ପଣ କରିଥାଆନ୍ତି । ମାନସିକ କରି ଘିଅ, ଚାଉଳ, ଫୁଲ, କାଠ, ଧୂପ, ଦୀପ, ପରିବା ଏମିତିକି ଭୋଗ ପର୍ଯ୍ୟନ୍ତ ଆଣି ଅଧିଷ୍ଠାତ୍ରୀ ଦେବୀଙ୍କ ଚରଣରେ ସମର୍ପିତ କରନ୍ତି । ଏହି ଉତ୍ସବରେ ଦେଶ ବିଦେଶରେ ରହୁଥିବା ଅଞ୍ଚଳବାସୀ ମାନେ ଆସି ଯୋଗ ଦେଇଥାଆନ୍ତି । ଏହି ଅମୃତ ମହୋତ୍ସବ ଫାଲ୍ଗୁନ ମାସରେ ପଡ଼ିଥାଏ। ମାତ୍ର ଶିବରାତ୍ରୀ ଦୋଳପୂର୍ଣ୍ଣିମାର ଅନ୍ତରାଳରେ । ଆହୁରି ଏକ ଆନନ୍ଦର ବିଷୟ ଅଞ୍ଚଳବାସୀ ମାନେ ଝିଅ ପୁଅଙ୍କ ବିବାହ ବ୍ରତଭଳି ବିଭିନ୍ନ ଶୁଭ କାର୍ଯ୍ୟ ମଧ୍ୟ ଏହି ଧର୍ମ ପୀଠରେ କରାଇ ଥାଆନ୍ତି । କୟାଁ ପଞ୍ଚାୟତର ଏହା ସର୍ବ ପୁରାତନ ପ୍ରାଚୀନ ମନ୍ଦିର ଅଟେ । ପ୍ରାୟ କୋଡ଼ିଏ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର ଅଟେ । ଆଜିକୁ ସହସହ ବର୍ଷ ତଳେ କାଠରେ ନିର୍ମିତ ଥିଲା ଏହା । ମାତ୍ର ପଚାଶ ବର୍ଷ ତଳେ କୟାଁ ଗ୍ରାମର ଜଣେ ମା'ଙ୍କ ଭକ୍ତ ଶ୍ରୀ ବୈଷ୍ଣବ ଚରଣ ପରିଡ଼ା ମନ୍ଦିର ନିର୍ମାଣ କରିବାରେ ତାଙ୍କର ପ୍ରଥମ ଏକ ସ୍ୱତନ୍ତ୍ର ପ୍ରମୁଖ ଭୂମିକା ରହିଥିଲା । ପରବର୍ତ୍ତୀ ସମୟରେ ଏହି ଐତିହାସିକ ମନ୍ଦିରର ସରକାରଙ୍କ ପକ୍ଷରୁ ପୁନର୍ନିର୍ମାଣ କରାଯାଇଥିଲା ଏହି ମନ୍ଦିରର ମୁଖ୍ୟ ଦ୍ୱାର ପୂର୍ବ ଆଡ଼କୁ ରହିଛି। ଦ୍ୱାର ସାମ୍ନାକୁ ଲାଗି ଏକ ବିରାଟ ଯଜ୍ଞ କୁଣ୍ଡର ନିର୍ମାଣ ହୋଇଛି। ମନ୍ଦିରର ବାମ ପାର୍ଶ୍ୱରେ ଏକ ରୋଷେଇ ଘର ତିଆରି ହୋଇଛି । ଗ୍ରୀଷ୍ମ ତାପରୁ ତୃଷ୍ଣା ମେଣ୍ଟାଇବା ପାଇଁ ନିକଟରେ ଏକ ପୋଖରୀ ନଳକୂପ ଓ ପାଣି ଟ୍ୟାପର ବ୍ୟବସ୍ଥା ରହିଛି । ମନ୍ଦିର ବେଢାକୁ ଲାଗି ଏକ ପାଲା ମଣ୍ଡପ କରାଯାଇଛି। ମନ୍ଦିରର ମୁଖଶାଳାରେ ଦୁଇଗୋଟି ଆକର୍ଷଣୀୟ କଳା ଧଳା ରଙ୍ଗର ଘୋଡ଼ା ରହିଛନ୍ତି । ଯାହାର ଉଚ୍ଚତା ପ୍ରାୟ ସାତ ଫୁଟ୍ ଉଚ୍ଚତା ବିଶିଷ୍ଟ । ଏହା ମନ୍ଦିରକୁ ଆହୁରି ଶାଣିତ ସୌନ୍ଦର୍ଯ୍ୟ କରାଇ ପାରୁଛି । ତା' ଛଡ଼ା ମା' ମଧ୍ୟରାତ୍ରରେ ଘୋଡ଼ାରେ ଚଢ଼ି ବୁଲିବା ପାଇଁ ଯାଆନ୍ତି। ସେହି ପରିପ୍ରେକ୍ଷୀରେ ଦୁଇଗୋଟି ଘୋଡ଼ା ରଖାଯାଇଛି । ମନ୍ଦିର ଭିତର ବାହ୍ୟ ଆଡ଼କୁ ମନଲାଖି ହସ୍ତଶିଳ୍ପ କାରୁକାର୍ଯ୍ୟ କରାଯାଇଛି । ସେ ହେଉଛନ୍ତି ଜଗତର ମାଆ ତାଙ୍କୁ ଯିଏ ଯେପରି ଖୋଜେ ସିଏ ସେପରି ପାଏ। ତାଙ୍କର ଅଗାଧ ମହିମା ଅପାର କରୁଣା। ସେ କିନ୍ତୁ ସମସ୍ତଙ୍କ ଦୁଃଖ ଦୂର କରନ୍ତି। ପରିବେଶକୁ ସ୍ୱଚ୍ଛ ନିର୍ମଳ କରିବା ପାଇଁ ମନ୍ଦିର ପ୍ରାଙ୍ଗଣର ଚତୁର୍ପାର୍ଶ୍ୱରେ ଥିବା ପାଚେରୀ ଭିତରେ ତୁଳସୀ, ବେଲ, ନିମ୍ବ, ଆମ୍ବ ନଡ଼ିଆ ଭଳି ବିଭିନ୍ନ ଫୁଲ ଫଳ ଅନ୍ୟାନ୍ୟ ଗଛ ମଧ୍ୟ ଲଗାଯାଇଛି। ମନ୍ଦିରର ସମସ୍ତ କାର୍ଯ୍ୟ ତୁଲାଇବା ପାଇଁ ନିକଟରେ ଏକ ମୁଖ୍ୟ କାର୍ଯ୍ୟାଳୟ ନିର୍ମାଣ ହୋଇଛି । ଓଡ଼ିଶୀ ନୃତ୍ୟ ଶିକ୍ଷାଦାନ ପାଇଁ ଏକ କଳାବିକାଶ କେନ୍ଦ୍ର ଅଛି । ଅଞ୍ଚଳବାସୀ ତଥା ଭକ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ଏକ ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟ କରାଯାଇଛି। ଆଉ ଏଠାରେ ଏକ କଲ୍ୟାଣ ମଣ୍ଡପ ସହିତ ଶୌଚାଳୟର ବ୍ୟବସ୍ଥା କରାଯାଇଛି । ବିଜୁଳି ପାଣି ଆଧୁନିକରଣ ସିକ୍ୟୁରିଟି କ୍ୟାମେରା ଲାଇଟି ଫିଟିଙ୍ଗ କରାଯାଇଛି। ଏହା ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀରେ ପରିଣତ ହେବାକୁ ଲାଗିଛି । ଏଠି ବିଭିନ୍ନ ଆଡୁ ଭକ୍ତମାନେ ଆସି ନୀତି ପାଳିରେ ନୀତି ପ୍ରଦାନ କରନ୍ତି । ଦୈନିକ ବହୁସଂଖ୍ୟାରେ ଭକ୍ତ ମାନେ ପ୍ରସାଦ/ଭୋଗ ସେବନ କରନ୍ତି। ମା'ଙ୍କର ଅପାର କରୁଣା ସମସ୍ତ ଭକ୍ତମାନଙ୍କ ପ୍ରତି ଥାଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଗୁଣ୍ଡାଏ ଭାତ



ସୁନୀତା କର



ଦୁଆର ଚଉକାଠକୁ ଆଉଜି ଠିଆ ହୋଇଥାଏ ପିଣ୍ଟୁ, ମୋ ମାମୁଁପୁଅ ଭାଇ, ଦୁଇ ହାତକୁ ଛାତି ଉପରେ ଛକି କଲାଭଳି ଢଙ୍ଗରେ। ମୁଣ୍ଡଟା ଟିକେ ଢଳେଇ ନେଇ ସିଧାସଳଖ ଚାହିଁ ରହିଥାଏ ମତେ। ମୁରୁକି ମୁରୁକି ହସୁଥାଏ। ତିନିବର୍ଷ ଛୋଟ ମୋ'ଠାରୁ। କେବଳ ପାଠପଢ଼ା ସମୟ ଛାଡ଼ିଦେଲେ ଆଉ କେତେବେଳେ ଭୟ କରେନି ମୋତେ। କୌଣସି କଥାରେ ଆକଟ କଲେ ପଛପଟୁ ବେକରେ ଓହଳି ପଡ଼େ ନହେଲେ ତ ମୋର ଲମ୍ବା ବେଣୀକୁ ଧରି ଟାଣେ।

ତା'ର ସେ ମୁଚୁକୁନ୍ଦ ହସ ଦେଖି ବୁଝିସାରିଥାଏ ମୁଁ, ନିଶ୍ଚୟ କିଛି କହିବ ସେ। ଗତକାଲି ଗଣିତ ଗୁଡ଼ାଏ ଭୁଲ କରିଥିଲା ବୋଲି କାନକୁ ତା'ର ମୋଡ଼ିଥିଲି ଜୋରକରି। ତା'ର ପ୍ରତିଶୋଧ ନେବ ବୋଧହୁଏ। ହଁ, କହୁ କ'ଣ କହୁଛି। ତେରେଛା ଚାହାଣୀ ଗୋଟେ ତା' ଉପରକୁ ଫୋପାଡ଼ି ଦେଇ ବେଖାତିରିଆ ଭାବରେ, ମୁଁ ଆରାମରେ ଖାଇବାକୁ ଲାଗିଲି।

ମାଇଁ ମତେ ଖୁଆଉ ଥାଆନ୍ତି ଭାତକୁ ଗୁଣ୍ଡା ଗୁଣ୍ଡା କରି ବଳି ଦେଇ, ମୋ ମୁଣ୍ଡ ଉପରେ ହାତକୁ ରଖି, ପିଠି କରି ବସିଥାଆନ୍ତି ସେ ପିଣ୍ଟୁ ଆଡ଼କୁ। ତେଣୁ ଆମ ଦି'ଜଣଙ୍କର ଭିତରେ ଚାଲିଥିବା ଆଖିରେ ଆଖିରେ ଶର ଫିଙ୍ଗାଫୋପଡ଼ା ତାଙ୍କ ନଜରରେ ଆସୁନଥିଲା। ମୁଁ କାହିଁକି ଡରିବି? ଯେତେହେଲେ ବି, ମୁଁ ବଡ଼ ନାନୀ ତା'ର। ଟୋକା କ'ଣ କହୁଛି କହୁ, ଦେଖାଯିବ। ସନ୍ଧ୍ୟା ବେଳକୁ ପୁଣି ପାଠପଢ଼ି ବସିବନି କି ମୋ ପାଖରେ! ସେତେବେଳେ କଡ଼ାଗଣ୍ଡା ହିସାବ କରି ଶୁଝେଇ ଦେବିନି! ହୁଁ, ହସୁଛି: ମତେ ମାଇଁ ଖୁଆଇ ଦେଉଛନ୍ତି ଦେଖିକି।

ପିଣ୍ଟୁ ଆଉ ବେଶି ସମୟ ମୁହଁକୁ ତାଲା ଦେଇ ରଖିପାରିଲାନି। ଫେ କରି ହସିପକାଇଲା।

ମାଇଁ ଚମକିପଡ଼ି ପଛକୁ ଚାହିଁଲେ, ଡାହାଣ ହାତରେ ସେମିତି ଭାତ ଗୁଣ୍ଡାଟେ ଥାଏ, ଆଉ ବାଁ ହାତକୁ ମୋ ମୁଣ୍ଡ ଉପରେ ରଖି ମୁଣ୍ଡକୁ ନୁଆଁଇ ଖୋଇବାର ଉପକ୍ରମ କରୁଥିଲେ ସେ।

ପଛକୁ ବୁଲିପଡ଼ି ପଚାରିଲେ- କ'ଣ ହେଲା କିରେ ?

-ନାଇଁ, ତୁ ତୋ'ର କୁନି ଝିଅକୁ ଖୁଆଇଦେ ଶୀଘ୍ର। ତା'ର ଅଫିସ୍ ଯିବା ସମୟ ହେଲାଣି। ଡେରି ହେଇଯିବ। ଏତିକି କହି ସେ ଯୋରରେ ହସିବାକୁ ଲାଗିଲା।

ତା' ହସ ଶୁଣି ସେପଟ ଘରୁ ଝୁନି, ରୁନି ବାହାରି ଆସିଲେ, ସ୍କୁଲ ଯିବା ଲାଗି ସେମାନେ ମଧ୍ୟ ପ୍ରସ୍ତୁତ ହେଉଥିଲେ। ଏକାସ୍ୱରରେ ଶୁଣାଗଲା।

-ଭାଇନା କ'ଣ ହେଲା ?

-ନାଇଁ, କିଛି ନାହିଁ, ବୋଉ ତା'ର କୁନି ଝିଅକୁ ଖୁଆଉଛି, ଦେଖିବ ଆସ।

ଝୁନି ପାଖକୁ ଆସି ମୋ' ପାଖରେ ବସିଗଲା। କହିଲା- ଭାଇନା, ତୁ'କ'ଣ ଆଜି ନୂଆ ଦେଖିଲୁ ? ବୋଉ ଆମଠୁ ଅଧିକା ଭଲ ପାଏ ନାନୀକୁ।

ରୁନି କହୁଥାଏ, ହଁ, ସେ ପରା ଆମ ସୁନା ନାନୀଟା, ଭଲ ପାଇବନି କେମିତି ? ଆମ ନାନୀ ପରି ଆଉ ଗୋଟେ ଝିଅ ଏ ଖଣ୍ଡ ମଣ୍ଡଳରେ ପାଇବୁ ନା ଆଗ! ଜେଜେ ତ ସେଥିଲାଗି ତାକୁ ସୁନା ବୋଲି ଡାକନ୍ତି।

ମତେ ଖୁଆଉ ଖୁଆଉ ମାଇଁ କହିଲେ- ଆରେ ନାନୀ ଘରର ପ୍ରଥମ ପିଲା। ତୁମେ ସବୁ ମତେ ମାଆ ଡାକିବା ଆଗରୁ ସେ ମୋତେ ମାଇଁ ବୋଲି ଡାକିଛି। ପିଲାଦିନେ ତ ତା' ପାଟିରେ ମାଇଁ ପଶୁନଥିଲା ଯେ, ମାଆ ମାଆ ହେଉଥିଲା। ଆଉ ତା'କୁ ଅଧିକା ସ୍ନେହ କଲେ ତୁମର କ'ଣ ଉଣା ହେଇଯାଉଛି ?

ପିଣ୍ଟୁର ଅସଲ ଆକ୍ଷେପଟା ମାଇଁ ଧରିପାରିଲେନି।

ପିଣ୍ଟୁକୁ ଚାହିଁ ଇସାରାରେ ତା'କୁ ଜଣେଇ ଦେଲି- ରହରେ ଟୋକା ଦେଖୁଛି ତତେ! ପାଠପଢ଼ା ବେଳେ କୁଆଡ଼େ ଯିବୁ!

ମାଇଁଙ୍କୁ କହିଲି ପରିଷ୍କାର କରି ବୁଝେଇ ଦେଉ- ନାଇଁ ମ ମାଇଁ, ତୁମେ ମୋତେ ଖୁଆଇ ଦେଉଛ ତ! ସେଇଆକୁ ଦେଖି ପିଣ୍ଟୁ ହସୁଛି, ଆଉ ଘଡ଼ିଏ ହେଲାଣି ତୁମ ପଛରେ ସେ ଦୁଆର ବନ୍ଧ ପାଖରେ ଠିଆ ହେଇଛି।

କାଇଁ ତା'ର କଲେଜ ନାହିଁକି ଆଜି? ବୁଲିପଡ଼ି ତା' ଆଡ଼କୁ ପଚାରିଲେ ମାଇଁ।

ନାଇଁଲୋ ବୋଉ ଅଛି, ପ୍ରଥମ ପିରିଅଡ଼ଟା ସସ୍‌ପେଣ୍ଡ ହେଇଯିବ। ତା' ପରଟା ବାରଟା ବେଳେ ଅଛି। ଡେରିରେ ଯିବି।

ଓଃ ! ହଉ !

ହଁ, ନାନୀକୁ ତ ତା'ର ବୋଉ ଏ ଅଭ୍ୟାସରେ ପକେଇଛି ଗେଲବସର କରି। ଗୁଣ୍ଡାଏ ଭାତ ନଖୁଆଇ ଦେଲେ ସେ ଖାଇବନି। ସେମିତି ହାତଟେକି ଭାତଥାଳି ପାଖରେ ବସିଥିବ। ଆଉ ଏବେ ଚାକିରୀ କଲା ବୋଲି କ'ଣ ସେ ଅଭ୍ୟାସ ଛାଡ଼ିଯିବ? ଏତିକି କହି ଚିବୁକକୁ ମୋର ହଲେଇ ଦେଇ ମୁଣ୍ଡକୁ ଆଉଁସି ଦେଲେ। ଏଇ କଥୋପକଥନ ଭିତରେ ମୋର ଖାଇବା ଶେଷ ହୋଇଯାଇଥାଏ। ଥାଳି ଉଠେଇବାକୁ ହାତ ନେଲାରୁ, ମାଇଁ ହାତକୁ ଧରି ପକେଇ ସ୍ନେହରେ କହିଲେ- ତୁମେ ଯାଅ, ହାତ ଧୋଇ ଅଫିସ୍ ଯିବାଲାଗି ପ୍ରସ୍ତୁତ ହୁଅ। ଡେରି ହୋଇଯିବ, ମୁଁ ଉଠେଇ ନେଉଛି।

ପିଣ୍ଟୁ ଆଉ ବୋଧେ ରହିପାରିଲାନି। ମାଇଁଙ୍କ ପାଖରେ ଆସି ଆଣ୍ଠୁ ଟେକି ବସିପଡ଼ି ପଚାରିଲା- ଆଲୋ ବୋଉ, ନାନୀ ବାହାସାହା ହେଇ ତା'ର ପିଲାଛୁଆ ହେଲା ପରେ ବି କ'ଣ ଏମିତି ଖୁଆଉଥିବୁ?

ଚଟ୍ କରି ଉତ୍ତର ଦେଲେ ମାଇଁ- ହଁ, ତା'ର ପିଲାଛୁଆ ହେଲେ କ'ଣ ସେ ମୋ' ପାଖରେ ବଡ଼ ହେଇଯିବ? ମୋ' ଛୁଆ ମୋ ନଜରରେ ସବୁବେଳେ ସେମିତି ରହିବେ, ଯେମିତି ଆଜି। ତୁ' ଯା! ତୋ' କାମ କର।

ଓଦା ହେଇ ଯାଉଥିଲି ମୁଁ, ମାଇଁଙ୍କ ଶ୍ରଦ୍ଧା ସରୋବରରେ ଅବଗାହନ କରୁ କରୁ। ମୋ ରୁମ୍‌କୁ ଆସୁଥିଲି ବ୍ୟାଗ୍ ପ୍ରସ୍ତୁତ ଲାଗି, ପଛରୁ ପିଣ୍ଟୁ କୁଣ୍ଢେଇ ପକେଇଲା।

-ମୋ, ସୁନା ନାନୀଟା, ରାଗିଲୁ କି?

-ଉଁ ହୁ! ନା, ରାଗିବି କାହିଁକି?

- ତୋ ମୁହଁରେ ତ ସବୁବେଳେ ହସ। ରାଗିବୁ କେତେବେଳେ କହିଲୁ, ମୁଁ ଦେଖିବି।

-ଆଚ୍ଛା! ଏଇ କଥା? ହଉ ତତେ ପଢ଼େଇବା ବେଳେ ଦେଖିବୁ।

-ସେତେବେଳେ କ'ଣ ତୁ ରାଗୁ? ନା, ତୁ ତ ଚିଡୁ ମୋ ଉପରେ, କାହିଁକି ଭୁଲ କରୁଛି ବୋଲି। ବୁଝେଉ ମତେ।

-ତାହାଲେ ରାଗ ପୁଣି କୋଉଟା ? ବ୍ୟାଗ୍ ପତ୍ର ସଜାଡୁ ସଜାଡୁ ପଚାରିଲି ମୁଁ।

-ରାଗ ?...

ହଁ, ବାପା ମୋର ପ୍ରୋଗେସ୍ ରିପୋର୍ଟ ଦେଖିଲେ ଯେଉଁ ଭାବଟା ତାଙ୍କର ବାହାରେ ସେଇଟା ରାଗ।

ଫିକ୍ କରି ହସର ଲହରୀଟିଏ ବାହାରିଗଲା ମୋ ମୁହଁରୁ। ଗାଲକୁ ତା'ର ଚିମୁଡ଼ି ଦେଇ ସ୍ମିତହାସରେ କହିଲି-

ପୁଅରେ, ତୋ'ର ସିନା ବାରଟା ବେଳେ କ୍ଲାସ ଅଛି, ବହୁତ ସମୟ ତୋ' ପାଖରେ, ମୋର ଡେରି ହେଇଯିବ। ମୁଁ ଚାଲିଲି। ତୁ ଏଠି ବସି ରାଗିବା ଆଉ ଚିଡ଼ିବା ଭିତରେ ଫରକ ବାହାର କରୁଥା, ହଁ! ପଏଣ୍ଟ ଦେଇ ନୋଟ କରି ରଖିଥିବୁ ଆସିଲେ ଚର୍ଚ୍ଚା କରିବା।

ଚପଲ ପିନ୍ଧୁପିନ୍ଧୁ ବୁଲିପଡ଼ି ପଚାରିଲି- ହଇରେ ! ତୋ'ର କ୍ଲାସ ସସ୍‌ପେଣ୍ଡ ବୋଲି ଆଗୁଆ କେମିତି ଜାଣିଲୁ?

-ସାର୍‌ଙ୍କର ଦେହ ଭଲ ନାହିଁ, କାଲିଠୁ ହସ୍ପିଟାଲରେ। ରାମୁ କହୁଥିଲା।

ଓଃ ! ମୁଁ ଭାବିଲି...

କ'ଣ ଭାବିଲୁ..? ମୁଁ ଠକୁଛି ପାଠକୁ? ବୁଝିଲୁ! ମୁଁ ତୋ ଭଳି ଠକ ନୁହେଁ। ଖାଇବାକୁ ଠକୁଥିଲୁ ବୋଲି ଘରେ ତତେ ପିଉସୀ ଖୁଆଉଥିଲେ, ଆଉ ଏଠି ବୋଉ। ଭାତ ଗୁଣ୍ଡେ କିଏ ପାଟିରେ ନଦେଲେ ଖାଇବୁନି ତୁ। ଯା! ତୋ'ର ଅଫିସ୍ ଡେରି ହେବ ପଳା।


ଆରେ! ତୁ କ'ଣ ବୁଝିବୁ, ସେ ଗୁଣ୍ଡାଏ ଭାତର ମହତ୍ତ୍ୱ.....

ସହାସ୍ୟ କହି କହି ଗେଟ ବନ୍ଦ କରି ତରବରରେ ପାଦ ବଢ଼େଇଲି ଆଗକୁ। ଦାଣ୍ଡ ପିଣ୍ଡାରେ ମାଇଁ ଚାହିଁ ରହିଥିଲେ ମୋ ଯିବା ରାସ୍ତାକୁ, ଆଉ ବୋଧହୁଏ ଉପଭୋଗ କରୁଥିଲେ ଆମ ତଳ ଉପର ଭାଇଭଉଣୀଙ୍କର ଖୁପୁରାଖୁପୁରି ହୋଇ କଥା ଫୋପଡ଼ା ଫିଙ୍ଗାକୁ।

ମୋ-୯୯୩୭୦୩୯୭୮୫

## ପୁସ୍ତକ ପରିକ୍ରମା

### ଟ୍ରାଫିକ୍ ଭିଡ଼ରେ କଲମ ବିକୁଥିବା ଲୋକ




ପ୍ରକାଶ ପାଇଛି ଶିବ ଶଙ୍କର ସାହୁଙ୍କ କବିତା ସଂକଳନ 'ଟ୍ରାଫିକ୍ ଭିଡ଼ରେ କଲମ ବିକୁଥିବା ଲୋକ'। ଏହା କବିଙ୍କର ଚତୁର୍ଥ ପୁସ୍ତକ ତଥା ୨ୟ କବିତା ସଂକଳନ। ଶିବ ଶଙ୍କର ଉଭୟ କବିତା ଏବଂ ଗଳ୍ପ ଲେଖି ଓଡ଼ିଆ ସାହିତ୍ୟରେ ନିଜର ଏକ ସ୍ୱତନ୍ତ୍ର ସ୍ୱର ସୃଷ୍ଟି କରିପାରିଛନ୍ତି। ୪୧ଟି ମନୋଜ୍ଞ କବିତାକୁ ନେଇ ସମୃଦ୍ଧ ଏହି ସଂକଳନ ଯେଉଁଥିରେ ସାଧାରଣ ମନୁଷ୍ୟର ସ୍ନେହ ପ୍ରେମ ଆର୍ତ୍ତି, ରଙ୍ଗ ରସ ବ୍ୟଞ୍ଜନାକୁ ନେଇ ଖୁବ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି। କେଉଁଠି ସମାଜର କ୍ରୁର ବ୍ୟବସ୍ଥା ପ୍ରତି ତୀବ୍ର କଟାକ୍ଷ କରାଯାଇଛି ତ କେଉଁଠି ପ୍ରୀତିର ଗଜରାରେ ପ୍ରେମ ସମ୍ଭାଷଣ ପାଠକଙ୍କ ଆହ୍ଲାଦ ପାଇଁ ଖୋରାକ ଯୋଗାଇଛି। ପରିବାର ପ୍ରତିପୋଷଣପାଇଁ କରୁଣ ପ୍ରାର୍ଥନା କରି କଲମ ବିକ୍ରି କରୁଥାଏ ବୁଢାଟିଏ, ପେଟ ଆଖି ପଶିଯାଇଥାଏ। ଟ୍ରାଫିକ ସମୟ ସରିଗଲେ ଗାଡିବାଲା ବାବୁ ଚାଲିଯିବେ, ତେଣୁ ସେହି ସମୟ ମଧ୍ୟରେ ଯେତୋଟି କଲମ ବିକ୍ରି ହେବ ତାହା ତା ପରିବାର ପ୍ରତିପାଳନରେ ସହାୟକ ହେବ। ଅଥଚ ଶୀତତାପ ନିୟନ୍ତ୍ରିତ ଗାଡିରେ ବସିଥିବା ବାବୁମାନେ ନିଜ ନିଜ ପରିପୂର୍ଣ୍ଣତାକୁ ଆକଳନ କରି ଉଲ୍ଲସିତ ହେଉଥାନ୍ତି। କଲମ କଥା କିଏ ପଚାରେ? ନିଜ ଅନୁଭବକୁ ସୁନ୍ଦରଭାବେ ଚିତ୍ରଣ କରିପାରିଛନ୍ତି ଶିବ ଶଙ୍କର । ସେହିପରି ସେ ଭୋକ କବିତାକୁ ନେଇ ମାର୍ମିକ ଉପସ୍ଥାପନା କରିଛନ୍ତି-ଭୋକ ଅଛି ବୋଲି/ ଆୟୁଷ ଅଛି/ଇତର ହେଉ ଅବା ମହତର/ ଜନ୍ତୁଜୁନ୍ତା, ଗଛବୃଛ, ମଣିଷ/ ସବୁଥର ଭୋକ ନିଜକୁ ନିଜେ/ଜାହିର କରିଛି। ଚମତ୍କାର ଶବ୍ଦବିନ୍ୟାସ କବିଙ୍କର। ଭାବାର୍ଥ ମଧ୍ୟ ବୋଧଗମ୍ୟ। ଥରେ କବି ଆଖିରେ ଯେଉଁଦୃଶ୍ୟ ଘର କରିଯାଏ ତାକୁ ନେଇ ସେ କଳ୍ପନାରେ ବୁଡିଯାଏ ଏବଂ ସେଥିରୁ ପ୍ରସୂତ ହୁଏ ନୂଆ ଗଳ୍ପ, କବିତା, ଉପନ୍ୟାସ। ପାଠକ ପାଖରେ ପହଞ୍ଚିଯାଏ କେଉଁ ନା କେଉଁ ବାଟ ଦେଇ। ଲେଖକ ପାଇଥାଏ ଏକ ଅନିର୍ବଚନୀୟ ଶାନ୍ତି। ନିଜ ଯୁକ୍ତିକୁ ଉପସ୍ଥାପନା କରିବାପାଇଁ ତା ମଧ୍ୟରେ ଆଗ୍ରହ ଦ୍ୱିଗୁଣିତ ହୋଇଥାଏ। କବି ଶିବ ଶଙ୍କର ନିତିଦିନର ଘଟୁଥିବା ଘଟଣାବଳୀକୁ ନିଜ ମନ ମଧ୍ୟରେ କଏଦ କରିନେଇଛନ୍ତି ସଂଗୋପନରେ। ସମୟାନ୍ତରରେ ତାକୁ ପାଠକଙ୍କ ସାମନାରେ ଉପସ୍ଥାପନା କରୁଛନ୍ତି ବିଭିନ୍ନ ମାଧ୍ୟମ ଦେଇ। ପାଠକ ବହିଟିକୁ ଆଦରିନେବେ ଆଶା କରାଯାଏ। ରତ୍ନଚିରା ପବ୍ଲିକେସନ୍ସ ଦ୍ୱାରା ପ୍ରକାଶିତ ୧୦୪ ପୃଷ୍ଠାର ଏହି ପୁସ୍ତକର ମୂଲ୍ୟ ରହିଛି ମାତ୍ର ୧୯୫ ଟଙ୍କା।

## ମାଟି ମଗ୍ନ

ସଂଯୁକ୍ତା ଦାଶ



ଗୋଡ ଦୁଇଟି ମାଟିରେ ପୋତି ହୋଇ ଯାଇଛି
ଯେତେ ଚେଷ୍ଟା କଲେ ବି
ବାହାରିବ କ'ଣ
ଆହୁରି ଭିତରକୁ ଠେଲି ହୋଇ ଯାଉଛି
ନା ମୁଁ ଜାଣି ଜାଣି ଭିତରେ ପୋତି ହୋଇ ଯାଉଛି !

ଏତେ ସହଜ ନୁହେଁ
ମାଟିର ଅଳତାକୁ ପାଦରୁ ଲିଭାଇବା
ମାଟିର ବେହରଣରୁ କାୟାକୁ ଅଲଗା କରିବା
ଆକାଶର ଦୂରନ୍ତ ମାୟାରେ
ଆତ୍ମାକୁ ଛିନ୍ନମୂଳ କରିବା
ସେଥିପାଇଁ
ପାଦର ସ୍ଥବିରତା ଠାରେ ମନର କ୍ଷିପ୍ରତା
ବାରବାର ପରାସ୍ତ ହେଉଛି ।।

କେମିତି ଆଡେଇ ଯିବି
ସେଇ କଳିକା ମାନଙ୍କୁ
ଯିଏ ପାଖୁଡା ମେଲିବାର ପ୍ରୟାସ କରୁଛନ୍ତି
ମାଟି ଗର୍ଭରୁ ପାଣିର ଅତଳ ଗହୀରରୁ
ଯେଉଁମାନଙ୍କ କୁଆଁ କୁଆଁକୁ ମୁଁ କାନ ଡେରିଥାଏ
ମୋର ଆତୁର ଅପେକ୍ଷା ଆଉ କାତର ଦୃଷ୍ଟିକୁ
ସେମାନେ ବି ଏକ ଅତିନ୍ଦ୍ରୀୟ ଚେତନାରେ
ଅନୁଭବ କରୁଥାନ୍ତି...
ସେମାନଙ୍କୁ କହିବି କେମିତି ଯେ
ସାରା ସଂସାର ଝଲସି ଯିବ ତାଙ୍କ ପୁଷ୍ପିତ ଆଭାରେ
ଅଥଚ ତାଙ୍କ ଖୋଜିଲା ଆଖି ପାଖେ ମୁଁ ନଥିବି

କେମିତି ଉପେକ୍ଷା କରିବି
କଥା କହୁ ନଥିବା ଅଥଚ ଦୃଷ୍ଟିର ଆଇନାରେ
ଅସଂଖ୍ୟ ଶବ୍ଦ ଆଉ ଅନୁଭବକୁ ଆଙ୍କି ପାରୁଥିବା
ସେଇ ନିଷ୍ପାପ ଜୀବଙ୍କୁ
ଟିକିଏ ଆଦର ମୁଠାଏ ଆଧାର ପାଇଁ
କୋଳକୁ ଆଉଜି ଯାଉଥିବା ଚତୁଷ୍ପଦ ମାନଙ୍କୁ
ଦିନ ରାତି କିଚିରି ମିଚିରି ଶବ୍ଦରେ
ଘର ଅଳିନ୍ଦରୁ ହୃଦୟର ନିଳୟ ଯାଏଁ
ଜୀଇଁବାର ମନ୍ତ୍ର ଭରୁଥିବା ଶାବକ ମାନଙ୍କୁ
ଆପଣାଇ ନିଅ ମୋର ଏଇ ସାମୟିକ ଅବର୍ତ୍ତମାନକୁ !

ଏତିକି ଅନ୍ତତଃ ମନେରଖ
ମା'ଟିଏ ଚିର କାଳ
ଲମ୍ବାଇ ଦେଉଥାଏ ତା ଅଣଓସାରିଆ ପଣତକୁ
ମାଟିରୁ ଆକାଶ ଆଡକୁ
ସାଉଁଟି ନେଉଥାଏ ଗୋଟି ଗୋଟିକରି
ତା ଅସ୍ତିତ୍ୱର ଟୁକୁଡା ମାନଙ୍କୁ
ଥାଉ ବା ନଥାଉ ପାଖରେ
ନିଜ ସୃଷ୍ଟିର ସାମ୍ରାଜ୍ୟରେ ବିଞ୍ଚି ଦେଉଥାଏ
ତା' ବାତ୍ସଲ୍ୟର ଅସଂଖ୍ୟ ଭଗ୍ନାଂଶକୁ ।।

ମୋ-୮୪୨୦୮୯୬୫୪୬

## ଗୁଞ୍ଜରଣ

ଶରତ ଦାଶ

ଲିଭି ଲିଭି ଯାଏ ଆକାଶୁ ସୂରୁଜ
ଅନ୍ଧାର ଆସେ ମାଡ଼ି
ସଞ୍ଜବେଳାରେ ଦୂର ଚକ୍ରବାଳ
ଲୁଚାଏ ଘନ କୁହୁଡି ।।
ଆଲୋକ ହେଲାଣି କ୍ଷୀଣ ଅତି କ୍ଷୀଣ
ଆକାଶ ଫିକା କଜଳ
ଧରଣୀରାଣୀର ମୁହଁ ଲୁଚିଲାଣି
ଦୃଶ୍ୟ ଖାଲି ଅନ୍ଧକାର ।।
ଘଣ୍ଟ ଘଣ୍ଟା ଧ୍ୱନୀ କମ୍ପାଇ ମେଦିନୀ
ଉଠିଲାଣି ଉପରକୁ
ସଞ୍ଜଆଳତିର ପ୍ରଜ୍ୱଳିତ ଅଗ୍ନି
ଜଳେ ଏବେ ଦୁକୁ ଦୁକୁ ।।
ଆଶାର ସିନ୍ଦୁକେ ପଡ଼ିଲାଣି ଚାବି
ପ୍ରେମ ତଟିନୀର ଜଳ
ବହିଲାଣି ହୋଇ ଉନ୍ମତ୍ତ ଅତିଷ୍ଠ
ଲଂଘି କୂଳ ଉପକୂଳ ।।

ଆକାଶରେ ତାରା ହୋଇଲେଣି ଲେସି
ଚନ୍ଦ୍ରମା ଲୁଚାଏ ମୁହଁ
କଜଳ ବାଦଲ ଭାସୁଛି ଅସ୍ଥିରେ
କାହାକୁ ଖୋଜୁଛି କୁହ ।।
କାହାକୁ ଖୋଜୁଛି ମାନସ ବାସୁରା
କାହାପାଇଁ ଆନମନା
କିଏ ବା ବୁଝିବ ଅନ୍ତର ବେଦନା
ଦେବ ଟିକେ ଆଶ୍ୱାସନା ।।
ଅନ୍ଧାର ଠାରୁ ବେଶୀ ଭୟଙ୍କର
ମନର ବିଭ୍ରମ ଭୀତି
ରାତ୍ରି ଠାରୁ ବି ଅତି ଭୟାନକ
ଦୁର୍ଜନଜନର ପ୍ରୀତି ।।
ଅନ୍ଧାର ଯାଏ ଅପସରି ବେଗେ
ମୋହନବଂଶୀସ୍ୱନ
ଗୁଞ୍ଜରି ଉଠେ ଯେବେ ଶ୍ରବଣରେ
ଜୀବନକୁ କରି ଧନ୍ୟ ।।

ଭୁବନେଶ୍ୱର



## ମୋ ମାଆ

ଡ. ଚନ୍ଦ୍ରକଳା ନାୟକ



ଚଉଦ ବରଷର ବହୁଟୋରି
ଓ ଖପରା ଡିଆଁ ଖେଳ ଛାଡି
ମୋ ମାଆ ସାଥୀରେ ହାରମୋନିୟମ ଧରି
ଏ ଗାଁକୁ ବୋହୂ ହୋଇ ଆସିଲା।
ନଡା ଛପର ଘର
ଝାଟିମାଟିର କାନ୍ଥ
ନଈଁ ନଈଁ ଭାତ ତିଅଣ ରାନ୍ଧି
ସମସ୍ତଙ୍କୁ ବାଢୁ ବାଢୁ
ମୋ ମାଆକୁ ବାର୍ଦ୍ଧକ୍ୟ ଗ୍ରାସିଲା।
ଅତୀତକୁ ବଖାଣି ବାପା କହନ୍ତି
ରାତି ଚାରିଟାରୁ ଉଠି
ତା କାମ କାଳେ ଜମା ସରେନା
ବାସନ ମଜା ଓ ପହଁରା ଶବ୍ଦ ଭିତରେ
ତା ଜୀବନର ଗତି ଚାଲିଥାଏ ଅନବରତ।
ପିଲାଙ୍କ ଖାଇବା, ଧାନଉଁସା, ବଡ଼ିପରା
ଚୁଲିର ଉସୁନା ପୋଡପିଠା
ଦୁଧ ଗଇଁଠା ଓ ତା ସାଥୀରେ
ବାଡିର ଶାଗ କିଆରୀ ବଛା
ସବୁ ଯେପରି ମାଆର ହାତରେ
ତା ସହ ସମୟ ବି ଦଉଡୁଥାଏ
କୋଉଥିରେ ଟିକେ ଉଣା ନାହିଁ
କି ଡେରି ବି ନାହିଁ ।
ମଗୁସୁର ମାସ ଆସିଲେ
ତା କାମ ଢେର ବଢିଯାଏ
ଛୋଟ ଛୋଟ ଲକ୍ଷ୍ମୀପାଦ
ଆଉ ପଦୁଅଁର କଢ
ମାଆର ଚାଉଳ ଭଜା ଓସା
ଚିତାବୋଳା ସେର
ଧାନ କଉଡିର ସମ୍ଭାର
ତା ସହ ପରିବାର ସାରା ଖୁସିର ପସରା
ତା ସହିତ ପୁଣି ମଣ୍ଡାପିଠାର ଆସର ।
ମୋ ମାଆ ପାଇଁ କାଳେ ସବୁ ହସେ
ଗାଁ ଦାଣ୍ଡ, ଅଗଣା
ଗୋବର ଲିପା ମାଟି ପିଣ୍ଡା
ଆଉ ବଅଁଶସାରା
ସେ ନଥିଲେ ସବୁ ଶୁଷ୍କ
ନିସ୍ତବ୍ଧ ଗାଁ ଖାଁ ଖାଁ ଗୋଡାଏ
ଯେମିତି ଉଜୁଡା ଘର ।
ଚମ୍ପାଫୁଲ ପରି
ମୋ ମାଆର ହଳଦିଆ ଗୋରା ମୁହଁ
ପାଖରେ ହାର ମାନିଯାଏ
ପୂର୍ଣ୍ଣିମାର ଜହ୍ନର ସୌନ୍ଦର୍ଯ୍ୟ
ମନ୍ଦ ମନ୍ଦ ପବନ
କୋଇଲିର କୁହୁତାନ
ଆମ୍ବ ବଉଳର ବାସ୍ନା
ବାସ୍ ପୃଥିବୀର ସବୁ ସମାହାର ।
ବାପା ଯିବା ପରେ ତା ଧର୍ଯ୍ୟଟା ହିମାଳୟ
ସେ କିନ୍ତୁ ଅଧର୍ଯ୍ୟର ମେଘଖଣ୍ଡ
ସୁଖ ଖୋଜୁଥିବା ଏରୁଣ୍ଡି ବନ୍ଧଟା
ଏବେ ତା ପାଇଁ ନିଃସଙ୍ଗ ଜୀବନ ଦଣ୍ଡ।
ମାଆକୁ ଏବେ ଆଉ ଶୁଭୁନି
ହାରମୋନିୟମର ଧୁନ୍ ଆଉ ବାଜୁନି
ସବୁ କିଛି ନୀରବି ଯାଇଛି
ଠାକୁରଙ୍କୁ ଦିନରାତି ହାତ ଯୋଡୁଛି
ମୋତେ ଟିକେ ନେଇଯାଅ
ସେଇଠିକି, ଯେଉଁଠି ତା
ଗେରସ୍ତ ରହିଛି ଅନାଇ
ଯାହାର ପ୍ରେତ ଆତ୍ମାକୁ ସେ
ନିଇତି ପାଣି ପିଆଉଛି।

ଅଧାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର
ମୋ-୯୪୩୭୯୫୭୬୧୭



## ଜୀବନ ପ୍ରଦୀପ

ଡ଼ ସୀତାକାନ୍ତ ତ୍ରିପାଠୀ

ଦାରୁଣ ନିଦାଘେ ବର୍ଷା ବରଷିଲେ
ଶାନ୍ତ ହୋଇଯାଏ ଧରା,
ଦୁଃଖର ସାଗରେ ଭାସିଗଲା ବେଳେ
ବନ୍ଧୁ ଦିଏ ଆଶା ଭାରା।

ଜ୍ଞାନର ଭଣ୍ଡାର ପୂର୍ଣ୍ଣ ହୋଇଯାଏ
ମିଶିଗଲେ ଆମ ଭକ୍ତି,
ଆଶା ଆସକ୍ତିରୁ ମୁକ୍ତ ହେଲେ ଯାଇ
ମନକୁ ମିଳଇ ଶକ୍ତି।

ଦେଶର ବିକାଶ ସପନକୁ ନେଇ
କେତେ କାମ ଆମେ କରୁ,
ବିକାଶ ନାଁରେ ବିନାଶକୁ ଡାକି
ଆଖିରେ ଲୋତକ ଭରୁ।

ଶାନ୍ତିର କପୋତ ଉଡ଼ାଇବା ବେଳେ
ମନେ ଥାଏ କେତେ ଆଶା,
ଯୁଦ୍ଧର ବାଦଲେ ହିଂସାର ବିଜୁଳି
ଧୂଳିଚାଟେ ସବୁ ଭରଷା।

ଜୀବନ ପ୍ରଦୀପ ଜଳି ଜଳି ଯାଏ
ହସ ଫୁଟାଇବା ପାଇଁ,
ହସ ଯେବେ ହୁଏ ଲୋତକର ଧାର
ଜୀଇଁବା କେଉଁଥି ପାଇଁ।

ତଳଗୋପ ବିନ୍ଧା, ଅର୍ଣ୍ଣପାଳ, ଭଦ୍ରକ
ମୋ-୯୭୭୮୭୬୪୩୯୪

## ବିଶ୍ୱାସ

ତନିମା ବାଳା ପରିଡ଼ା



ବିଶ୍ୱାସ, ହୃଦୟ ଗହ୍ୱରୁ ଝରି ଆସୁଥିବା
ଏକ ଅମୀୟ ଧାରା ।
ନିସଂଶୟ ପ୍ରତ୍ୟୟ ସେ ଆଶ୍ୱସ୍ତି ଭରା ।
ଚହଟ ଚମ୍ପା, ମହକିତ ଏକ ଶାନ୍ତ ବିଭାବରୀ
ଯାହାର ସ୍ପର୍ଶରେ ଗହଳ ଅନ୍ଧାରେ
ସ୍ୱପ୍ନିଳ ଆଖି ଘୁମେଇପଡ଼େ
ଏକ ସତେଜ ସକାଳ ମୋହରେ ।

ବିଶ୍ୱାସ, ସେ ଏକ କଅଁଳ ଶିଶୁର ନିଷ୍କପଟ ହସ ।
ନଥାଏ ସେଥିରେ ଆପଣା ପରର ଭେଦ।
ତା ନିରୀହ ଚାହାଣି, ଦରୋଟି ଭାଷାରେ
ଭରିଥାଏ ତରଙ୍ଗାୟିତ ଆବେଗ,
ଏକ କମନୀୟ ଆବେଶ ।



ବିଶ୍ୱାସ ଅସ୍ତଗାମୀ ସୂର୍ଯ୍ୟର ବିଦାୟୀ ବେଳାରେ
ଦେଇଥିବା ଏକ ପ୍ରତିଶ୍ରୁତି ପରି ।
ପୁନଶ୍ଚ ଫେରିବାକୁ ଉଦୟ ରାଗରେ
ଆଲୋକ ରାଶିର ସମ୍ଭାର ଧରି ।
ନାଉରି ଗୀତରୁ ଶୁଭେ ଏକ ଭରସାର ସ୍ୱର ।
ସେ ସଙ୍ଗୀତରେ ସମ୍ମୋହିତ ଯାତ୍ରୀର
ମନରେ ନଥାଏ ଉଛୁଳା ନଈକୁ ପାରିହେବା ପାଇଁ
ଝଡ଼ ଅବା ବତାସର ଡର ।

ଲାଗୁନି କି ଏବେ ଏମିତି, ଭରସା ଓ ବିଶ୍ୱାସ
ଅବକ୍ଷୟର ଧାରାରେ କ୍ଷୟ ହେଉଛି ?
କିଛି ସମ୍ପର୍କ ହେଉ ଅବା ବ୍ୟବସ୍ଥାରେ ଛଳନା ଓ
ପ୍ରତାରଣାର କଣ୍ଟକିନୀ ଆବୋରି ବସିଛି,
କ୍ଷତାକ୍ତ କରୁଛି, ଲହୁ ଲୁହାଣ କରୁଛି ।


ବି-୧୦୨, ସାଇ ଗାର୍ଡେନ୍ ଆପାର୍ଟମେଣ୍ଟ, ଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ-୯୪୩୭୦୮୯୮୫୮

## ମୋହାବିଷ୍ଟ

ଅରୁଣ କୁମାର ଦାସ



ଜୀବନର ଗୁରୁତ୍ୱପୂର୍ଣ୍ଣ ଦୁଇ ଅଙ୍ଗିକା
ଗୋଟିଏ ଅଳିନ୍ଦ ଓ ଅନ୍ୟଟି ନିଳୟ
ଉଭୟ ପରିପୂରକ
ଗୋଟିଏ ବ୍ୟତିରେକ ଅନ୍ୟ ମୂଲ୍ୟ ହୀନ।
ଜୀବନ ଜଞ୍ଜାଳରେ ଝାଞ୍ଜି ବହିଲେ
ମମତା ମୂଳ ମାଗି ବସିଲା
ସେଇଠୁ ସରିଲା ସମ୍ପର୍କ
ସବୁ ପାଣିଚିଆ ହୋଇଗଲା।



ଲହୁ ଲୁହ ଏକାକାର କରି
ମଣିଷଟିଏ ପରି ମଣିଷ କରିବାର ବ୍ୟର୍ଥ ସାଧନା
ତୁଚ୍ଛ ହୋଇଯାଇଛି
ବକ୍ଷୁ ଅମୃତ ନିଗାଡି ଗର୍ଭ ଧାରଣୀ ମା
ଧିକାର କରୁଛି ନିଜକୁ
ଆଖିର ଲୁହ ପୋଛିବାକୁ ପାଇଁ କେହି ନାହିଁ ।
କର୍ମ ଫଳ ଓ ଭାଗ୍ୟ ଫଳ ମଧ୍ୟେ
ପେଶୀ ହୋଇଯାଇଛି
ଆଜିର ବାସ୍ତବତା
କଣ ସତ୍ୟତା
ସବୁ ସେଇ ପରମ ପିତାଙ୍କୁ ଜଣା।

ଠାକୁରା, ପୁରୁଣା ବଉଳମାଳ, ଧର୍ମଶାଳା, ଯାଜପୁର
ମୋ-୯୯୩୮୭୩୩୦୭୫

## ଫେରିଯିବା ଯଦି ରତୁଟିଏ ହୁଏ

ଚନ୍ଦନ କୁମାର ଦାସ



ତୁମ ଅପେକ୍ଷା ଠୁଁ ଆସିବାରେ ଥାଏ
ବେଶି ବିଡ଼ମ୍ବନା, ବେଶି ଅବସୋସ
କାହିଁକି କେଜାଣି ଅପେକ୍ଷାର ବେଦନା
ତୁମେ ଆସି ଫେରିଯିବାର ବେଦନା ଠାରୁ
ବଳିଯାଏ କାହିଁ କେତେ ଗୁଣରେ
ଠିକ୍ ଏତିକିବେଳେ
ମୋର ପ୍ରତିଟି ଶିହରିତ ସ୍ପନ୍ଦନରେ ଶୁଭେ ଖାଲି
ଗୋଟିଏ ନିବିଡ଼ ଆଶ୍ଳେଷର
ବିଜନ ବିଭାନ୍ତର-'ତୁମେ'

ହଁ...ତୁମକୁ ଦେବୀଟିଏ କରି ପୂଜିବା ଆଗରୁ
ତୁମେ କିନ୍ତୁ ସବୁଥର ଫେରିଯାଅ
ଛାଡ଼ିଦେଇ ପୁଣି ଏକ ଅପେକ୍ଷାର ଆର୍ଦ୍ର ପରଦାରେ
ଅସହାୟତାର ଅଦୃଶ୍ୟ ପରଳ
ଭିଜିବାର ନିଶାରେ
ମୁଁ ମାଟି ହୋଇଗଲେ ଲାଭ କଣ!
ତୁମେ ତ ପାଲଟିଯାଅ ଆକାଶ ଛାତିରେ
ଭଙ୍ଗା ବଉଦର ପୁଣି ଏକ ମିଥ୍ୟା ପ୍ରତିଶ୍ରୁତି
ତୁମ ମୋହମଗ୍ନା ସମ୍ମୋହନରେ ମୁଁ ଭୋଗୁଥାଏ
ପ୍ରତିକ୍ଷଣେ ପ୍ରଣୟର ନିଃଶବ୍ଦ ଯନ୍ତ୍ରଣା

ଏଠି ଫେରିଯିବା ଯଦି
ରତୁଟିଏ ହୁଏ

କୁହ... କାହି ପାଇଁ ତଟିନୀଟେ ଫେରେ ନାହିଁ
ସାଗର କୋଳରୁ?
ବାରମ୍ବାର ତୁମକୁ ଦେଖିବା ପରେ ମଧ୍ୟ
ଲେଉଟେନାହିଁ କାହିଁ ପାଇଁ ହୃଦୟରୁ
ତୁମକୁ ପୁଣି ଥରେ ଦେଖିବାର ଦୁର୍ବାର ତୃଷ୍ଣା ?
ତୁମ ଉତ୍ତରର ଅପେକ୍ଷାରେ
ଆତୁର ପ୍ରେମିକ ମୁଁ ଜାଣିଛି ନିଶ୍ଚୟ
ମୋ ନିଶିକ୍ତ ପ୍ରଶ୍ନର ନିରବ ଜୋଛନାରେ
ମହମହ ବାସୁଥାଏ
ନିଇତି ତୁମ ଆସିବାର ସବୁଜ ସମ୍ଭାବନା ।

ଭୋଗରାଇ, ବାଲେଶ୍ୱର
ଦୂ.ଭା-୯୭୭୬୭୪୬୨୭୧

# ଏସିଆନ ଗେମ୍ସରୁ ବାଦ୍ ପଡ଼ିଲେ ଭିନେଶ ଫୋଗଟ : ଡବ୍ଲୁଏଫଆଇ ହାଇକୋର୍ଟଙ୍କ ଭର୍ତ୍ସନା



ନୂଆଦିଲ୍ଲୀ

ଶୁକ୍ରବାର (୨୨ ମଇ) ଦିଲ୍ଲୀ ହାଇକୋର୍ଟ ରେସଲର ଭିନେଶ ଫୋଗଟଙ୍କୁ ବଡ଼ ଆଶ୍ୱସ୍ତି ପ୍ରଦାନ କରି କେନ୍ଦ୍ର ସରକାରଙ୍କୁ ତାଙ୍କ ମାମଲା ଯାଞ୍ଚ ଏବଂ ମୂଲ୍ୟାଙ୍କନ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଏହା ମଧ୍ୟ ସର୍ତ୍ତ ରଖିଛନ୍ତି ଯେ ୨୦୨୬ ଏସୀୟ କ୍ରୀଡ଼ା ପାଇଁ ଚୟନ ଟ୍ରାଏଲରେ ଭିନେଶ ଅଂଶଗ୍ରହଣ କରିପାରିବେ କି ନାହିଁ ତାହା ନିଶ୍ଚିତ କରିବାକୁ ପଡିବ।

ଏହା ବ୍ୟତୀତ, ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫଆଇ)କୁ ଭର୍ତ୍ସନା କରି କୋର୍ଟ ଭିନେଶଙ୍କୁ ଘରୋଇ ପ୍ରତିଯୋଗିତା ପାଇଁ 'ଅଯୋଗ୍ୟ' ଘୋଷଣା କରିବାର କାରଣ ବିଷୟରେ ସ୍ପଷ୍ଟୀକରଣ ଦାବି କରିଛନ୍ତି।

ଶୁଣାଣି ସମୟରେ, ହାଇକୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଖେଳାଳି ଏବଂ ଫେଡେରେସନ ମଧ୍ୟରେ ଚାଲିଥିବା ବିବାଦକୁ ଖେଳ ଉପରେ ପ୍ରତିକୂଳ ପ୍ରଭାବ ପକାଇବାକୁ ଦିଆଯିବା ଉଚିତ ନୁହେଁ। ଏହାର ପର୍ଯ୍ୟବେକ୍ଷଣ କରିବା ସମୟରେ, କୋର୍ଟ ମନ୍ତବ୍ୟ ଦେଇଛନ୍ତି ଯେ ଯେକୌଣସି ପାର୍ଥକ୍ୟ ପ୍ରକୃତି ନିର୍ବିଶେଷରେ, କୁସ୍ତି ଏବଂ ଖେଳାଳିଙ୍କ ସ୍ୱାର୍ଥ ସର୍ବୋପରି ରହିବା ଉଚିତ।

# ବେଙ୍ଗାଲୁରୁକୁ ୫୫ ରନ୍‌ରେ ପରାସ୍ତ କଲା ହାଇଦ୍ରାବାଦ

ହାଇଦ୍ରାବାଦ

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୬୭ତମ ମୁକାବିଲାରେ ହାଇଦ୍ରାବାଦ ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଦମ୍‌ଦାର ପ୍ରଦର୍ଶନ କରିଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୫୫ ରନ୍‌ରେ ପରାସ୍ତ କରି ସନରାଇଜର୍ସ ହାଇଦ୍ରାବାଦ ବିଜୟୀ ହୋଇଛି। ବେଙ୍ଗାଲୁରୁ ୨୦ ଓଭରରେ ୪ଟି ୱିକେଟ ହରାଇ ୨୦୦ ରନ୍ ସଂଗ୍ରହ କରିପାରିଛି।



ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ବେଙ୍ଗାଲୁରୁ ୨୫୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ବେଙ୍ଗାଲୁରୁର ପ୍ରାରମ୍ଭିକ ବ୍ୟାଟିଂ ଭଲ ଥିଲା। କିନ୍ତୁ କମ ସମୟ ମଧ୍ୟରେ ଦଳ ଆଗଧାଡ଼ିରେ ୩ ଜଣ ଖେଳାଳିଙ୍କୁ ହରାଇଥିଲା। ସ୍କୋର ୬୦ ରନ୍‌ରେ ପ୍ରାରମ୍ଭିକ ବ୍ୟାଟର ଭେଙ୍କଟେଶ ଆୟର, ୭୪ ରନ୍‌ରେ ବିରାଟ କୋହଲି ଏବଂ ୯୪ ରନ୍‌ରେ ଦେବଦୂତ ପଡ୍ଡିକଲ ଆଉଟ୍ ହୋଇଥିଲେ। ଆୟର ବ୍ୟକ୍ତିଗତ ଭାବେ ୪୪ ରନ୍ ସଂଗ୍ରହ କରିଥିଲେ। ସେ ୧୯ଟି ବଲ୍ ଖେଳି ୪ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ବିରାଟ କୋହଲି ୧୧ଟି ବଲ୍ ଖେଳି ୨ଟି ଚୌକା ସହାୟତାରେ ୧୫ ରନ୍ କରିଥିଲେ। ଦେବଦୂତ ପଡ୍ଡିକଲ ୧୪ଟି ବଲ୍‌ରୁ ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୧ ରନ୍ ସଂଗ୍ରହ କରିଥିଲେ।

ଟସ୍ ଜିଣି ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ପେଟ କମିନ୍ସଙ୍କ ନେତୃତ୍ୱରେ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ୍ ହରାଇ ୨୫୫ ରନ୍ ସଂଗ୍ରହ କରିଥିଲା। ଘରୋଇ ଦଳ ସଫଳ ରଣନୀତି କରି ରନ୍ ସ୍କୋରକୁ ଏକ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ଦଳର ସମସ୍ତ ବ୍ୟାଟର ଏକ ଲୟରେ ଖେଳିଥିଲେ। ସମସ୍ତ ବ୍ୟାଟର ନିଜର ଉତ୍ତମ ପ୍ରଦର୍ଶନ ଦେବାକୁ ଉଦ୍ୟମ କରିଥିଲେ। ପ୍ରାରମ୍ଭିକ ବ୍ୟାଟିଂ ଠାରୁ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ରନ୍‌ର ଗତି ଏକ ଲକ୍ଷ୍ୟ ନେଇ ଆଗକୁ ବଢିଥିଲା।

ହାଇଦ୍ରାବାଦର ବ୍ୟାଟିଂ ଆରମ୍ଭ କରିଥିଲେ ଅଭିଷେକ ଶର୍ମା ଏବଂ ଟ୍ରାଭିସ ହେଡ୍। ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୪୫ ରନ୍‌ର ଭାଗିଦାରୀ କରିପାରିଥିଲେ। ଏଥିରୁ ଟ୍ରାଭିସ ହେଡ୍ ବ୍ୟକ୍ତିଗତ ଭାବେ ୨୬ ରନ୍ ଯୋଗଦାନ ଦେଇଥିଲେ। ସେ ୧୬ଟି ବଲ୍ ସାମ୍ନା କରିଥିଲେ ଏବଂ ୫ଟି ଚୌକା ମାରିଥିଲେ। ବେଙ୍ଗାଲୁରୁର ଦ୍ୱିତୀୟ ଶିକାର ହୋଇଥିଲେ ଅଭିଷେକ ଶର୍ମା, ଯିଏକି ୫୬ ରନ୍ ସଂଗ୍ରହ କରିଥିଲେ। ସେ ୨୨ଟି ବଲ୍ ଖେଳି ୪ଟି ଚୌକା ଏବଂ ୫ଟି ଛକା ମାରିଥିଲେ। ଏହା ପୂର୍ବରୁ ସେ ହେନରି କ୍ଲାସେଁଙ୍କ ସହିତ ୪୭ ରନ୍‌ର ଭାଗିଦାରୀ କରିଥିଲେ।

ତେବେ ହାଇଦ୍ରାବାଦର ଖେଳାଳି କ୍ଲାସେଁ ଏବଂ ଈଶାନ କିଶନ ତୃତୀୟ ୱିକେଟ ପାଇଁ ଶତକୀୟ ଭାଗିଦାରୀ କରିଥିଲେ। ଉଭୟ ଖେଳାଳି ନିଜ ଦଳ ପାଇଁ ୧୧୩ ରନ୍ ଯୋଡ଼ିଥିଲେ। ଏଥିରେ କ୍ଲାସେଁଙ୍କ ଯୋଗଦାନ ୫୧ ରନ୍ ଥିଲା। ସେ ୨୪ଟି ବଲ୍ ସାମ୍ନା କରିଥିଲେ ଏବଂ ୨ଟି ଚୌକା ଏବଂ ୫ଟି ଛକା ମାରିଥିଲେ।

ହାଇଦ୍ରାବାଦ ପାଇଁ ଈଶାନ କିଶନ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୬ଟି ବଲ୍ ସାମ୍ନା କରିଥିଲେ ଏବଂ ୮ଟି ଚୌକା ଓ ୩ଟି ଛକା ବଳରେ ୭୯ ରନ୍ କରିଥିଲେ। ଯୁବ ବ୍ୟାଟର ନୀତିଶ କୁମାର ରେଡ୍ଡୀ ଅପରାଜିତ ୨୯ ରନ୍ କରିଥିଲେ। ଏଥିରେ ସେ ଗୋଟିଏ ଚୌକା ଏବଂ ୩ଟି ଛକା ସାମିଲ କରିଥିଲେ। ବେଙ୍ଗାଲୁରୁ ପକ୍ଷରୁ ରସିକ ସାଲମ ଡାର ୨ଟି ୱିକେଟ ଅକ୍ତିଆର କରିଥିଲେ। ସୂର୍ଯ୍ୟାଂଶ ଶର୍ମା ଏବଂ କୃଣାଲ ପାଣ୍ଡ୍ୟା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

# ଅଗଷ୍ଟ ୨୩ରୁ ସମ୍ମାନଜନକ ଦୁଲିପ ଟ୍ରଫିରୁ ଆରମ୍ଭ ହେବ ନୂଆ ଘରୋଇ ଋତୁ

ନୂଆଦିଲ୍ଲୀ



ବିସିସିଆଇ ପକ୍ଷରୁ ୨୦୨୬-୨୭ ଘରୋଇ ଋତୁର ଖେଳସୂଚୀ ଘୋଷଣା କରାଯାଇଛି। ଏବର୍ଷ ବିଭିନ୍ନ ବୟସ ଶ୍ରେଣୀ ଓ ଫର୍ମାଟ୍‌ରେ ତଥା ଉଭୟ ମହିଳା ଓ ପୁରୁଷ ବର୍ଗରେ ମୋଟ ୧୭୮୮ଟି ମ୍ୟାଚ୍ ଖେଳାଯିବ। ପୁରୁଷ ବର୍ଗରେ ବରିଷ୍ଠ, ୨୩ ବର୍ଷରୁ କମ୍, ୧୯ ବର୍ଷରୁ କମ୍ ଓ ୧୬ ବର୍ଷରୁ କମ୍ ବୟସ ଶ୍ରେଣୀରେ ପ୍ରତିଯୋଗିତା ଆୟୋଜନ ହେବ। ସେହିପରି ମହିଳା ବର୍ଗରେ ବରିଷ୍ଠ, ୨୩ ବର୍ଷରୁ କମ୍, ୧୯ ବର୍ଷରୁ କମ୍ ଓ ୧୫ ବର୍ଷରୁ କମ୍ ବୟସ ଶ୍ରେଣୀରେ ପ୍ରତିଯୋଗିତା କରାଯିବ।

୨୩ ଅଗଷ୍ଟରେ ସମ୍ମାନଜନକ ଦୁଲିପ ଟ୍ରଫିରୁ ନୂଆ ଘରୋଇ ଋତୁ ଶୁଭାରମ୍ଭ ହେବ। ବେଙ୍ଗାଲୁରୁର ବିସିସିଆଇ ଉତ୍କର୍ଷ କେନ୍ଦ୍ରରେ ୬ଟି ଜୋନାଲ୍ ଦଳଙ୍କୁ ନେଇ ପ୍ରତିଯୋଗିତା ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଚାଲିବ। ଅକ୍ଟୋବର ୧ରୁ ଇରାନୀ କପ୍ ଆରମ୍ଭ ହେବ। ରଣଜୀ ଟ୍ରଫି ଓ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ରଣଜୀ ଏଲିଟ୍ ଗ୍ରୁପରେ ୩୨ ଦଳ ଓ ପ୍ଲେଟ୍ ଗ୍ରୁପରେ ୬ ଦଳ ରହିବେ। ରଣଜୀ ଏଲିଟ୍‌ର ପ୍ରଥମ ପର୍ଯ୍ୟାୟ ୧୧ ଅକ୍ଟୋବରରୁ ୫ ନଭେମ୍ବର ପର୍ଯ୍ୟନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟ ୧୭ ଜାନୁଆରୀରୁ ୪ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ଖେଳାଯିବ। ପ୍ଲେଟ୍ ଗ୍ରୁପର ପ୍ରଥମ ପର୍ଯ୍ୟାୟ ମ୍ୟାଚଗୁଡ଼ିକ ୧୧ ଅକ୍ଟୋବରରୁ ୫ ନଭେମ୍ବର ପର୍ଯ୍ୟନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟ ୧୭ ଜାନୁଆରୀରୁ ୨୦ ଜାନୁଆରୀ ୨୦୨୭ ପର୍ଯ୍ୟନ୍ତ ଖେଳାଯିବ।

ବିସିସିଆଇ ପକ୍ଷରୁ କରାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା ଅନୁସାରେ ଏଥର ପୁରୁଷ ୨୩ ବର୍ଷରୁ କମ ଷ୍ଟେଟ୍ 'ଏ' ଟ୍ରଫି ଓ ଭିଜି ଟ୍ରଫି ପୂର୍ବର ଦିନିକିଆ ଫର୍ମାଟ୍ ବଦଳରେ ଟ୍ୱେଣ୍ଟି-୨୦ ଫର୍ମାଟ୍‌ରେ ଖେଳାଯିବ। ସେହିପରି କୁଚ୍ ବିହାର ଟ୍ରଫିର ନକ୍‌ଆଉଟ୍ ପର୍ଯ୍ୟାୟ ବେଙ୍ଗାଲୁରୁ ଓ ମହୀଶୂରରେ ଖେଳାଯିବ। ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ନଭେମ୍ବରରୁ ଜାନୁଆରୀ ମଧ୍ୟରେ ଖେଳାଯିବ।

# ମ୍ୟାଚ୍ ଫି'ର ୨୫% ହରାଇଲେ ସିଏସ୍‌କେ ଅଧିନାୟକ

ଅହମଦାବାଦ

ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ଏକ ସ୍ଲୋ ଓଭର-ରେଟ୍ ପାଇଁ ଚେନ୍ନାଇ ସୁପର କିଙ୍ଗ୍ (ସିଏସ୍‌କେ) ଅଧିନାୟକ ଋତୁରାଜ ଗାଏକ୍‌ୱାଡ୍‌ଙ୍କୁ ଜରିମାନା କରାଯାଇଛି। ଗୁଜରାଟ ଟାଇଟାନ୍ସ ଶେଷ ଲିଗ୍ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍‌କୁ ପରାସ୍ତ କରି ଆଇପିଏଲ୍ ପ୍ଲେଅଫରେ ଶ୍ରେଷ୍ଠ ୨ରେ ଏହାର ସ୍ଥାନ ପକ୍କା କରିଛି। ଅନ୍ୟପକ୍ଷରେ ଏହି ପରାଜୟ ଦ୍ୱାରା ଶ୍ରେଷ୍ଠ ୪ ପାଇଁ ସିଏସ୍‌କେର ଯେଉଁ ଆଶା ଥିଲା, ତାହା ତୁଟି ଯାଇଛି। ଆଇପିଏଲ୍ ଆଚରଣ ସଂହିତାର ଧାରା ୨.୨୨ ଅନୁଯାୟୀ ଚଳିତ ସିଜନରେ ତାଙ୍କ ଦଳର ଏହା ଦ୍ୱିତୀୟ ଅପରାଧ (ମ୍ୟାଚ ୧୮ରେ ତାଙ୍କ ଦଳର ପ୍ରଥମ ଅପରାଧ) ଥିଲା, ସର୍ବନିମ୍ନ ଓଭର-ରେଟ୍ ଅପରାଧ ପାଇଁ ଗାଏକ୍‌ୱାଡ୍‌ଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଇମ୍ପାକ୍ଟ ଖେଳାଳିଙ୍କ ସମେତ ଦଳର ଅବଶିଷ୍ଟ ଖେଳାଳି ପ୍ରତ୍ୟେକଙ୍କୁ ୬ ଲକ୍ଷ ଟଙ୍କା ଅବା ସେମାନଙ୍କ ମ୍ୟାଚ ଫି'ର ୨୫ ପ୍ରତିଶତ, ଯେଉଁଟା ସର୍ବନିମ୍ନ ତାହା ଜରିମାନା କରାଯାଇଛି।

# ଓଡିଆଇ ବିଶ୍ୱକପ୍‌ରୁ ବାଦ୍ ପଡ଼ିପାରନ୍ତି ରୋହିତ ଶର୍ମା

ନୂଆଦିଲ୍ଲୀ

ଆଇସିସି ଓଡିଆଇ ବିଶ୍ୱକପରେ ପୂର୍ବତନ ଭାରତୀୟ ଅଧିନାୟକ ରୋହିତ ଶର୍ମା ଏବଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଂଶଗ୍ରହଣକୁ ନେଇ ପ୍ରଶ୍ନ ଉଠିଛି। ଚୟନକର୍ତ୍ତାମାନେ ଆସନ୍ତା ବର୍ଷ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହେବାକୁ ଥିବା ଓଡିଆଇ ବିଶ୍ୱକପ ପାଇଁ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରୁଥିଲେ। ରୋହିତ ଶର୍ମା ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଫିଟ୍‌ନେସ୍ ନେଇ ଦ୍ୱନ୍ଦ୍ୱ ଥିଲା। ଫିଟ୍‌ନେସ୍ ଆଧାରରେ ଆଫଗାନିସ୍ତାନ ବିପକ୍ଷରେ ତିନି ମ୍ୟାଚ ବିଶିଷ୍ଟ ଓଡିଆଇ ସିରିଜ୍ ପାଇଁ ଉଭୟଙ୍କୁ ଚୟନ କରାଯାଇନଥିଲା।



ସୂଚନା ଅନୁଯାୟୀ, ଚୟନକର୍ତ୍ତା, ଦଳ ପରିଚାଳନା ଏବଂ ଉଭରେ ହାର୍ଦ୍ଦିକଙ୍କ ପୂର୍ଣ୍ଣ ଶକ୍ତିରେ ୧୦ ଓଭର ବୋଲିଂ କରିବାର କ୍ଷମତାକୁ ନେଇ ଚିନ୍ତିତ। ଆସନ୍ତା ବର୍ଷ ଅକ୍ଟୋବର-ନଭେମ୍ବର ସୁଦ୍ଧା ବିଶ୍ୱକପ ପାଇଁ ରୋହିତଙ୍କ ଫିଟ୍‌ନେସ୍ ନେଇ ଚିନ୍ତା ବୃଦ୍ଧି ପାଇଛି। ହାମଷ୍ଟ୍ରିଙ୍ଗ ଆଘାତ ଯୋଗୁଁ ରୋହିତ ଆଇପିଏଲର ତିନି ସପ୍ତାହ ହରାଇଥିଲେ ଚୟନକର୍ତ୍ତାମାନେ ତାଙ୍କ ଫିଟ୍‌ନେସ୍ ରିପୋର୍ଟ ମାଗିଥିଲେ। ବିସିସିଆଇର ଜଣେ ସୂତ୍ର କହିଛି, "ରୋହିତ ଗତ ତିନି ସପ୍ତାହ ପାଇଁ ବିସିସିଆଇର ଉତ୍କର୍ଷ କେନ୍ଦ୍ରକୁ ରିପୋର୍ଟ କରି ନଥିଲେ। ସେ ଦୁର୍ବଳ ହୋଇଯାଇଛନ୍ତି, କିନ୍ତୁ ତାଙ୍କ ଶରୀର ଉଚ୍ଚ-ପ୍ରଦର୍ଶନକାରୀ ଖେଳର ଭାର ସମ୍ଭାଳି ପାରିବ କି ନାହିଁ ସେ ବିଷୟରେ ଚିନ୍ତା ରହିଛି। ତାଙ୍କୁ ୫୦ଓଭର ପାଇଁ କ୍ଷେତ୍ରରକ୍ଷଣ କରିବାକୁ ପଡ଼ିବ। ଓଡିଆଇ କ୍ରିକେଟ ଆଇପିଏଲ ପରି ପ୍ରଭାବଶାଳୀ ଖେଳାଳିଙ୍କ ବିକଳ୍ପ ପ୍ରଦାନ କରେ ନାହିଁ। ସୂତ୍ରଟି କହିଛି, "ଚୟନ ବୈଠକର ୪୮ ଘଣ୍ଟା ପୂର୍ବରୁ ହାର୍ଦ୍ଦିକଙ୍କୁ ତାଙ୍କ ଫିଟ୍‌ନେସ୍ ବିଷୟରେ କୌଣସି ସୂଚନା ଦିଆଯାଇ ନଥିଲା। ସେ ମେ' ୨ ତାରିଖରୁ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ୪ଟି ମ୍ୟାଚ ଖେଳି ନାହାନ୍ତି। ବେଙ୍ଗାଲୁରୁ ମ୍ୟାଚ୍ ପରେ ସେ ପିଠି କଷ୍ଟ ଅଭିଯୋଗ କରିଥିଲେ କିନ୍ତୁ ସେବେଠାରୁ ସେ ଖେଳି ନାହାନ୍ତି। ସେ ରିଲାଏନ୍ସ ସୁବିଧା ଏବଂ ୱାଙ୍ଖେଡେ ଷ୍ଟାଡିୟମରେ ତାଲିମ ନେଉଥିବା ଜଣାପଡ଼ିଛି। ସେ ଦଳରେ ଫେରିଛନ୍ତି, କିନ୍ତୁ ତାଙ୍କ ଫିଟନେସ ପ୍ରମାଣ କରିବା ପାଇଁ ତାଙ୍କୁ କ'ଣ କରିବାକୁ ପଡିବ ତାହା ସ୍ପଷ୍ଟ ନୁହେଁ। ଚୟନକର୍ତ୍ତାମାନେ କେବଳ ତାଙ୍କୁ ୧୦ ଓଭର ବୋଲିଂ ନକରିବା ବିଷୟରେ ଚିନ୍ତିତ।"

# ଫିଫା ବିଶ୍ୱକପ୍ : କ୍ଲୋଜଙ୍କ ରେକର୍ଡଠୁ ୩ ଗୋଲ୍ ଦୂରରେ ମେସି

ନୂଆଦିଲ୍ଲୀ

ଆଗାମୀ ଫିଫା ବିଶ୍ୱକପ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ ଆର୍ଜେଣ୍ଟିନା ଟାଇଟଲ ବଜାୟ ରଖିବା ପାଇଁ ପ୍ରସ୍ତୁତ ରହିଛି। ଏଥର ବିଶ୍ୱକପ୍ ସହ ଦଳର ବିଶ୍ୱ ପ୍ରସିଦ୍ଧ ଖେଳାଳି ଲିଓନେଲ ମେସି କିଛି ରେକର୍ଡ ସ୍ଥାପନ କରିବାର ସୁଯୋଗ ରହିଛି।

ଷଷ୍ଠ ବିଶ୍ୱକପ୍ ଖେଳିବାକୁ ଯାଉଥିବା ମେସି ଏଥର ବିଶ୍ୱକପ୍‌ରେ ସର୍ବାଧିକ ଗୋଲ ସ୍କୋରର୍ ଭାବେ ରେକର୍ଡ କରିବା ସମ୍ଭାବନା ରହିଛି। ସେ ବିଶ୍ୱକପ୍‌ରେ ୨୬ଟି ମ୍ୟାଚ୍ ଖେଳି ମୋଟ୍ ୧୩ଟି ଗୋଲ ସ୍କୋର କରିବା ସହ ୮ଟି ଗୋଲ୍ ସହାୟତା କରିସାରିଛନ୍ତି। ଆଉ ୪ଟି ଗୋଲ୍ କଲେ ସେ ଜର୍ମାନୀର ମିରୋସ୍ଲାଭ କ୍ଲୋଜଙ୍କ ନାମରେ ରହିଥିବା ୧୬ଗୋଲ୍ ରେକର୍ଡ ଭାଙ୍ଗି ପାରିବେ। କ୍ଲୋଜଙ୍କ ନାମରେ ସର୍ବାଧିକ ଗୋଲ୍ ରେକର୍ଡ ରହିଥିବାବେଳେ ବ୍ରାଜିଲ୍‌ର ରୋନାଲ୍ଡୋ ନାଜାରିଓ ବିଶ୍ୱକପ୍‌ରେ ୧୫ଟି ଗୋଲ୍, ଜର୍ମାନୀର ଗ୍ରେଡ ମୁଲର ୧୪ଟି ଗୋଲ୍ କରି ପରବର୍ତ୍ତୀ ସ୍ଥାନରେ ରହିଛନ୍ତି।

୨୦୦୬ ଜର୍ମାନୀ ବିଶ୍ୱକପ୍‌ରେ ମେସି ପଦାର୍ପଣ କରିଥିଲେ ଓ ସର୍ବିୟା ବିପକ୍ଷରେ କ୍ୟାରିୟରର ପ୍ରଥମ ବିଶ୍ୱକପ୍ ଗୋଲ୍ ଦେଇଥିଲେ। ୨୦୧୦ ଦକ୍ଷିଣ ଆଫ୍ରିକା ବିଶ୍ୱକପରେ ସେ ଗୋଲ୍ କରିପାରି ନଥିଲେ। ୨୦୧୪ ବ୍ରାଜିଲ ବିଶ୍ୱକପ୍‌ରେ ମେସି ୪ଟି ଗୋଲ୍ ଦେଇଥିଲେ। ବୋସନିଆ ଓ ହାର୍ଜେଗୋଭିନା ବିପକ୍ଷରେ ୨ଟି, ଇରାନ ଓ ନାଇଜେରିଆ ବିପକ୍ଷରେ ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ ମେସି।

୨୦୧୮ ବିଶ୍ୱକପ୍‌ରେ ସେ କେବଳ ନାଇଜେରିଆ ବିପକ୍ଷରେ ଗୋଟିଏ ଗୋଲ୍ ଦେଇଥିଲେ। ୨୦୨୨ କତାର ବିଶ୍ୱକପ୍‌ରେ ମେସି ୭ଟି ଗୋଲ୍ ଦେଇ ଦଳକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଫ୍ରାନ୍ସର ଜଷ୍ଟ ଫଣ୍ଟାଇନଙ୍କ ୧୩ ଗୋଲ୍ ରେକର୍ଡ ସହ ସମକକ୍ଷ ହୋଇଥିଲେ। ସେ ସାଉଦି ଆରବ, ମେକ୍ସିକୋ, ଅଷ୍ଟ୍ରେଲିଆ, ନେଦରଲାଣ୍ଡ ଓ କ୍ରୋଏସିଆ ବିପକ୍ଷରେ ଗୋଟିଏ ଲେଖାଏଁ ଗୋଲ୍ କରିଥିବାବେଳେ ଫାଇନାଲ୍‌ରେ ଫ୍ରାନ୍ସ ବିପକ୍ଷରେ ୨ଟି ଗୋଲ୍ ଦେଇଥିଲେ।



ବିଶ୍ୱକପ୍ ଇତିହାସରେ ମେସି ଏକମାତ୍ର ଖେଳାଳି ଭାବେ ୨ଥର ଗୋଲଡେନ ବଲ୍ ପୁରସ୍କାର ହାସଲ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ମେସି ୨୦୧୪ ଓ ୨୦୨୨ ବିଶ୍ୱକପ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବିଶ୍ୱକପ୍‌ର ନକ୍ ଆଉଟ୍ ରାଉଣ୍ଡରେ ସର୍ବାଧିକ ଗୋଲ୍ ସହାୟତା ରେକର୍ଡ ଭାଙ୍ଗିବାର ସୁଯୋଗ ମେସିଙ୍କ ନିକଟରେ ରହିଛି। ସେ ନକ୍ ଆଉଟ୍‌ରେ ମୋଟ୍ ୬ଟି ଗୋଲରେ ସହାୟତା କରି ବ୍ରାଜିଲର କିମ୍ବଦନ୍ତୀ ଫୁଟବଲ୍ ଖେଳାଳି ପେଲେଙ୍କ ରେକର୍ଡ ସହ ସମକକ୍ଷ ରହିଛନ୍ତି।

# ବରଗଡ଼ ଜିଲ୍ଲାରେ ଜନ ଭାଗିଦାରୀ ଅଭିଯାନର ଶୁଭାରମ୍ଭ

ବରଗଡ଼, ନ୍ୟୁଜ୍‌ବ୍ୟୁରୋ

ସୋହେଲା ବ୍ଲକ ସମ୍ମିଳନୀ କକ୍ଷଠାରେ ଜନଜାତି ଗରିମା ଅଭିଯାନ ଅନ୍ତର୍ଗତ ଜିଲ୍ଲାସ୍ତରୀୟ 'ଜନ ଭାଗିଦାରୀ- ସବସେ ଦୂର, ସବ୍‌ସେ ପହଲେ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗର ନିର୍ଦ୍ଦେଶକ୍ରମେ ମେ' ମାସ ୧୮ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ପରିଚାଳିତ ହେଉଥିବା ଜିଲ୍ଲାର ୧୫୭ ଗୋଟି ଜନଜାତି ବହୁଳ ଗ୍ରାମରେ ଏହି ଅଭିଯାନ ମାଧ୍ୟମରେ ଦୂରଦୂରାନ୍ତରରେ ବସବାସ କରୁଥିବା ଆଦିବାସୀ ଏବଂ ବିଶେଷ ଭାବେ ବିପନ୍ନ ଜନଜାତି ସମୁଦାୟଙ୍କ ପାଖରେ ସମସ୍ତ ସରକାରୀ ଯୋଜନାର ଶତପ୍ରତିଶତ ସୁବିଧା ପହଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନ ତଥା ଶିକ୍ଷା, ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ ଏବଂ ମିଶନ ଶକ୍ତି ସମେତ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି ଓ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ଏହି ଅଭିଯାନରେ କାର୍ଯ୍ୟ କରିବେ। ସୂଚନାଯୋଗ୍ୟକୀ, ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ୧୫୭ ଗୋଟି ଜନଜାତି ବହୁଳ ଗ୍ରାମରେ ବିଶେଷ କ୍ୟାମ୍ପ ଆୟୋଜନ କରାଯାଇ ଜନଜାତି ସମ୍ପ୍ରଦାୟର ଯୋଗ୍ୟ ହିତାଧିକାରୀମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ଅଧୀନରେ ସମ୍ପୂର୍ଣ୍ଣ ସୁବିଧା ପ୍ରଦାନ ସହ ଆଧାର କାର୍ଡ ପଞ୍ଜୀକରଣ ଓ ସଂଶୋଧନ, ଆୟୁଷ୍ମାନ ଭାରତ, ରେସନ କାର୍ଡ, ସାମାଜିକ ଭତ୍ତା, ବ୍ୟାଙ୍କ ଆକାଉଣ୍ଟ ଏବଂ ଜାତିଗତ ପ୍ରମାଣପତ୍ର ଭଳି ଅତ୍ୟାବଶ୍ୟକ ସରକାରୀ ସେବା ଲୋକଙ୍କୁ ସିଧାସଳଖ ନିଜ ଗାଁରେ ଯୋଗାଇ ଦିଆଯାଉଛି। ଏହି ଅବସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସମସ୍ତ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ନିଜ ନିଜ ମଧ୍ୟରେ ସମନ୍ୱୟ ରଖି ସକ୍ରିୟ ଭାବେ ଅଂଶଗ୍ରହଣ କରିବା ସହ ପ୍ରତ୍ୟେକ ଗ୍ରାମର ଯୋଗ୍ୟ ହିତାଧିକାରୀଙ୍କୁ ସ୍ଥାନୀୟ ଭାବେ ସେବା ଯୋଗାଇ ଦେବାରେ ସାହାଯ୍ୟ କରିବାକୁ ଅନୁରୋଧ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ପଦମପୁର ଉପ-ଜିଲ୍ଲାପାଳ ଶ୍ରୀ ହେମସାଗର ଭୋଇ ଏବଂ ସୋହେଲା ବ୍ଲକ ଅଧକ୍ଷା ବବି ପ୍ରଧାନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।



# ଯୁକ୍ତ ୨ ପରୀକ୍ଷା : ଦକ୍ଷିଣାଞ୍ଚଳର ପାସ୍ ହାର୍ ୮୪.୯%

ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇଛି। ଦକ୍ଷିଣାଞ୍ଚଳ ଜୋନ୍‌ର ୮ଟି ଜିଲ୍ଲାରେ ଚଳିତବର୍ଷ ମୋଟ ପାସ୍ ହାର ୮୪.୦୯ ପ୍ରତିଶତ ରହିଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରୁ ଗଞ୍ଜାମ ଜିଲ୍ଲାର ସର୍ବାଧିକ ୧୩ ହଜାର ୬୮ ଜଣ ବିଦ୍ୟାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷ ଗଞ୍ଜାମ ଜିଲ୍ଲାର ୩୪ ହଜାର ୨୨୨ ଜଣ ଛାତ୍ରଛାତ୍ରୀ ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାରେ ପରୀକ୍ଷା ଦେଇଥିଲେ। ସେଥିରୁ ୩୦ ହଜାର ୧୦୫ ଜଣ ପାସ୍ କରିଛନ୍ତି। ଜିଲ୍ଲାର ମୋଟ ପାସ୍ ହାର ୮୭.୯୭ ପ୍ରତିଶତ ରହିଛି। ବିଜ୍ଞାନରେ ୧୦ ହଜାର ୬୨୬ ଜଣ ପାସ୍ କରିଥିବା ବେଳେ କଳାରେ ୧୭ ହଜାର ୩୦୯ ଜଣ, ବାଣିଜ୍ୟରେ ୧୯୯୦ ଜଣ ଓ ଧନ୍ଦାମୂଳକ ଶିକ୍ଷାରେ ୧୮୦ ଜଣ ପାସ୍ କରିଛନ୍ତି। ବିଜ୍ଞାନରେ ପାସ୍ ହାର ୮୯.୫୨% ରହିଥିବା ବେଳେ କଳାରେ ୮୭.୧୮, ବାଣିଜ୍ୟରେ ୯୮.୩୧, ଧନ୍ଦାମୂଳକ ଶିକ୍ଷାରେ ୬୬.୪୨% ରହିଛି। ଦକ୍ଷିଣାଞ୍ଚଳର ଅନ୍ୟ ୭ଟି ଜିଲ୍ଲା ଅପେକ୍ଷା ଗଞ୍ଜାମରେ ସର୍ବାଧିକ ୧୩ ହଜାର ୬୮ ଜଣ ଛାତ୍ରଛାତ୍ରୀ ନିଜ ନିଜ ବିଷୟରେ ୬୦%ରୁ ଅଧିକ ମାର୍କ ରଖି ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ସରକାରୀ ଶିକ୍ଷାନୁଷ୍ଠାନ ମଧ୍ୟରୁ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ତେଜେଶ୍ୱର ସେଠୀ ୯୬.୬୮ ମାର୍କ ରଖି ଟପ୍ପର ହୋଇଛନ୍ତି। ସେହିପରି ବ୍ରହ୍ମପୁରର ଘରୋଇ ଶିକ୍ଷାନୁଷ୍ଠାନ ନାଳନ୍ଦାଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ର ଦୁର୍ଗାମାଧବ ବାରିକ ୫୯୬ (୯୯.୩୩%) ମାର୍କ ରଖିଥିବା ବେଳେ ନାଳନ୍ଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଅଂଶୁମାନ ଷଡ଼ଙ୍ଗୀ ୫୯୫ ମାର୍କ (୯୯.୧୬) ରଖିଛନ୍ତି। ବ୍ରହ୍ମପୁର ସ୍ଥିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଜୋନ୍‌ର ଉପସଚିବ ପ୍ରଦୀପ୍ତ କୁମାର ସା ଦେଇଥିବା ସୂଚନା ପ୍ରକାରେ ଚଳିତବର୍ଷ ଦକ୍ଷିଣାଞ୍ଚଳର ୮ଟି ଜିଲ୍ଲା ଯଥା ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ାରେ ମୋଟ ପାସ ହାର ୮୪.୦୯% ରହିଛି। ୮ଟି ଜିଲ୍ଲାରେ ମୋଟ ୮୬ ହଜାର ୪୮୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୭୨ ହଜାର ୭୩୦ ଜଣ ପାସ୍ କରିଛନ୍ତି। ଏହି ୮ଟି ଜିଲ୍ଲାରୁ ୨୩ ହଜାର ୪୭ ଜଣ ଛାତ୍ରଛାତ୍ରୀ ୬୦%ରୁ ଅଧିକ ମାର୍କ ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷ ଗଜପତି ଜିଲ୍ଲାର ପାସ୍ ହାର ୭୯.୭୩% ରହିଛି। ଏହି ଜିଲ୍ଲାର ୫୪୯୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୩୮୭ ଜଣ ପାସ୍ ହୋଇଛନ୍ତି। ସେହିପରି କନ୍ଧମାଳ ଜିଲ୍ଲାରେ ଚଳିତ ବର୍ଷ ୭୩୩୮ ଜଣ ପରୀକ୍ଷା ଦେଇଥିବା ବେଳେ ୫୭୫୨ ଜଣ ପାସ୍ କରିଛନ୍ତି। କନ୍ଧମାଳ ପାସ୍ ହାର ୮୭.୩୯ ପ୍ରତିଶତ ରହିଛି।

# ବାରିପଦା ନିର୍ବାଚନ ମଣ୍ଡଳୀରେ ନାରୀ ଅଧିକାର ଲଢେଇରେ ସାମିଲ ହେଲା ବିଜେଡି

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ନାରୀ ଅଧିକାର ଲଢେଇ ଅଭିଯାନରେ ସାମିଲ ହୋଇ ଶକ୍ତି ପ୍ରଦର୍ଶନ କଲା ବାରିପଦା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ। ପୂର୍ବତନ ଉପବାଚସ୍ପତି ତଥା ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାର୍ଣ୍ଡିଙ୍କ ନେତୃତ୍ୱରେ ଆୟୋଜିତ ଏହି ନାରୀ ଅଧିକାର ଲଢେଇ ପଦଯାତ୍ରାରେ ୫୦୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇ କେନ୍ଦ୍ର ସରକାରଙ୍କର ଦୋ ମୁହାଁ ନୀତିକୁ ନିନ୍ଦା କରିଥିଲେ। ବିଜୁ ଭବନ ଠାରୁ ଏହି ବିଶାଳ ପଦଯାତ୍ରା ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଛକ ଠାରେ ବିଜୁ ପଟ୍ଟନାୟକଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ବିଶାଳ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପର୍ଯ୍ୟବେକ୍ଷକ ପ୍ରିୟବ୍ରତ ମାଝୀ ଓ ଭାରତୀ ସିଂ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ




ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ଜିଲ୍ଲା ବିଜେଡି ସଭାପତି ସୁଦାମ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ରାଜକିଶୋର ଦାସ, ଗଣେଶ୍ୱର ପାତ୍ର, ମୟୂରଭଞ୍ଜ ସଦର ସଭାପତି ଡ. ଦେବାଶିଷ ମାର୍ଣ୍ଡି, ବାରିପଦା ପୌରପରିଷଦ ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ରାଜ୍ୟ ସମ୍ପାଦକ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି, ଦୀପକ ମଢୁଆଲ, ଉପନଗରପାଳ ସୀମା ଦାସ, ମହିଳା ଜୋନାଲ ସଭାପତି ପ୍ରୀତିନନ୍ଦା କାନୁନଗୋ, ମହିଳା ରାଜ୍ୟ ସମ୍ପାଦକ ଶ୍ରାବଣୀ ଦାସ, ସବିତା ବେହେରା, ନାରୀ ନେତ୍ରୀ ବୀଣାପାଣି ସାହୁ, ସମ୍ପା ମୋଜୁମଦାର, ପାର୍ବତୀ ହେମ୍ବ୍ରମ, ପୁଷ୍ପଲତା ମାର୍ଣ୍ଡି, ପ୍ରଭାତ ମହାନ୍ତି, ପ୍ରଭାତ ନାୟକ, ସୁଧନ୍ୟ ନାଏକ, ସୁନ୍ଦର ସିଂ, ସରୋଜ ମହାପାତ୍ର, ଗୀତାରାଣୀ ବେହେରା, କାଉନସିଲର ସୁକେଶିନି ସେଠୀ, ଅନୁରାଧା ମହାନ୍ତି, ରାଜ ଗୁପ୍ତା, ପୂଜା ତୋରେଇ, ମୂର୍ଚ୍ଛନା ମହାନ୍ତି, ପ୍ରଭାତୀ ପୃଷ୍ଟି, ମହେଶ ଭଞ୍ଜଦେଓ, ଦେବାଶିଷ ଦାସ, ଲିଟନ ମହାପାତ୍ର, ଦର୍ପ ନାରାୟଣ ପାଲ, କୁମାର ମୁଖୀ, ସୁଧୀର ବାରିକ, ଅନନ୍ତ ଦାସ, ଦେବାଶିଷ ପାତ୍ର, ଅନିତା ସେଠୀ, ଅଭିଜିତ୍ କଲିଆ, ମନୀଷ ବେହେରା ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କୁ ତିରସ୍କାର କରିଥିଲେ।

# ସୁକିନ୍ଦାର ଦୁର୍ଗମ ଅଞ୍ଚଳରେ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ

ଯାଜପୁର, ନ୍ୟୁଜ୍‌ବ୍ୟୁରୋ

ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତର ଉପର-ଗୁହିଆଶାଳ ଗ୍ରାମରେ ସମସ୍ତ ଜନସାଧାରଣଙ୍କୁ ମ୍ୟାଲେରିଆ ଦାଉରୁ ରକ୍ଷା ପାଇଁ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କରାଯାଇଛି। ସୂଚନାଯୋଗ୍ୟ, ଗତ ଦୁଇ ସପ୍ତାହ ମଧ୍ୟରେ ଉପରଗୁହିଆ ଶାଳ ଗ୍ରାମରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଏହି ଖବର ପାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଛି। ବଣ ପାହାଡ଼ ଘେରା ଏହି ଗାଁରେ ସମସ୍ତ ହିତାଧିକାରୀଙ୍କୁ ୬୫ ଟି ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କରାଯିବା ସହ ମଶାରିର ବ୍ୟବହାର ଓ ରକ୍ଷଣାବେକ୍ଷଣ ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଯାଇଥିଲା। ଏହି ମଶାରୀର କୀଟନାଶକ ଧାରଣ କ୍ଷମତା ୩ ରୁ ୪ ବର୍ଷ ରହିବ ଏବଂ ଏହାକୁ ପ୍ରତ୍ୟେକ ଦିନ ବ୍ୟବହାର କରିବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଛି। ଆଗାମୀ ଦିନରେ ଆଉ ଏକ ଦୁର୍ଗମ ଅଞ୍ଚଳ ତୁମୁଣିରେ ମଧ ମଶାରୀ ବଣ୍ଟନ କରାଯିବା ନେଇ ଯୋଜନା ରହିଛି। ଏହାସହ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ପ୍ରତ୍ୟେକ ସପ୍ତାହରେ ୨ ଥର ଉକ୍ତ ଗ୍ରାମଗୁଡିକୁ ସ୍ୱାସ୍ଥ୍ୟ ଟିମ୍ ପଠାଯାଇ ଜ୍ୱରରେ ପୀଡ଼ିତ ରୋଗୀଙ୍କ ରକ୍ତ ପରୀକ୍ଷା କରିବା ସହିତ ତୁରନ୍ତ ମ୍ୟାଲେରିଆ ଔଷଧ ସେବନ କରିବାକୁ ଦିଆଯାଉଛି। ସୁକିନ୍ଦାରେ ଥିବା ଦୁର୍ଗମ ଅପହଞ୍ଚ ଇଲାକାରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ସହ ପ୍ରୟାସ କରାଯାଉଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର କହିଛନ୍ତି।



# ବଜ୍ରପାତ ନିରାପତ୍ତା କ୍ଷେତ୍ରରେ ଦକ୍ଷ ପ୍ରଶିକ୍ଷକ ସୃଷ୍ଟି ସଂପର୍କିତ କର୍ମଶାଳା

ବାଲେଶ୍ୱର, ନ୍ୟୁଜ୍

ଉତ୍ତର ଓଡ଼ିଶାରେ ବଜ୍ରପାତ ଜନିତ ବିପଦ ସମ୍ପର୍କରେ ସଚେତନତା, ପ୍ରସ୍ତୁତି ଓ ବିପଦ ହ୍ରାସ କରିବାର ପ୍ରୟାସକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରବନ୍ଧନ ପ୍ରାଧିକରଣ (ଓଏସ୍‌ଡିଏମ୍‌ଏ)ର ମିଳିତ ଉଦ୍ୟମରେ "ଲାଇଟନିଂ ସେଫ୍ ନର୍ଥ ଓଡ଼ିଶା : ମାଷ୍ଟର ଟ୍ରେନର କର୍ମଶାଳା" ଶୀର୍ଷକ ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ନିଜ ଅଭିଭାଷଣରେ ସେ ବଜ୍ରପାତ ସୁରକ୍ଷା ସମ୍ପର୍କିତ ସଚେତନତାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ସମାଜରେ ସଚେତନତା ଦୂତ ସୃଷ୍ଟି କରିବା ସହ ମୁଖ୍ୟତଃ ଉତ୍ତର ଓଡ଼ିଶାରେ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟରେ ପହଞ୍ଚାଇବା ଲକ୍ଷ୍ୟରେ ସମସ୍ତଙ୍କୁ ସମନ୍ୱିତ ଭାବେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଭୂଗୋଳ ବିଭାଗର ପ୍ରଫେସର ନିହାର ରଞ୍ଜନ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର ମନୋରଞ୍ଜନ ମିଶ୍ର କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହିତ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମଧ୍ୟ ନିଜ ବକ୍ତବ୍ୟରେ ବିଷୟଭିତ୍ତିକ ମୂଲ୍ୟବାନ ମତାମତ ଉପସ୍ଥାପନ କରିଥିଲେ। ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ କର୍ମଶାଳାରେ ଯୋଗଦେଇ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାରୁ ଯୋଗଦେଇଥିବା ଅଧିକାରୀମାନଙ୍କୁ କର୍ମଶାଳାରେ ଆଲୋଚିତ ବିଷୟଗୁଡ଼ିକୁ କ୍ଷେତ୍ରସ୍ତରରେ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ।




ଓଏସ୍‌ଡିଏମ୍‌ଏର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର କମଳ ଲୋଚନ ମିଶ୍ର ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗଦେଇ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ବଜ୍ରପାତ ସଂପର୍କରେ ସଚେତନତାର ଅଭିଯାନ, ଉଦ୍ୟମ ଓ ଗବେଷଣାମୂଳକ ଅବଦାନକୁ ପ୍ରଶଂସା କରିଥିଲେ ତଥା ଏହି ସଚେତନତା ଅଭିଯାନକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସରକାରୀ ସଂସ୍ଥା, ବିଶ୍ୱବିଦ୍ୟାଳୟ, ସ୍ୱେଚ୍ଛାସେବୀ ସଂଗଠନ ଓ ସମୁଦାୟ ମଧ୍ୟରେ ସମନ୍ୱିତ ସହଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ବିପର୍ଯ୍ୟୟ ପ୍ରବନ୍ଧନ କ୍ଷେତ୍ରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ଏକ ଉଦୀୟମାନ ଜ୍ଞାନ-ସହଭାଗୀ ଭାବେ ସେ ବର୍ଣ୍ଣନା କରିଥିଲେ। ଏହି କର୍ମଶାଳାରେ ଓଏସ୍‌ଡିଏମ୍‌ଏ, ଏନ୍‌ଡିଆରଏଫ୍, ବିଭିନ୍ନ ଜିଲ୍ଲା ଓ ବ୍ଲକ ପ୍ରଶାସନର ଅଧିକାରୀ, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଓ ଜାତୀୟ ଦୂର-ସଂବେଦନ କେନ୍ଦ୍ର (ଏନ୍‌ଆରଏସ୍‌ସି)ର ବିଶେଷଜ୍ଞମାନଙ୍କ ସମେତ ମୋଟ ୧୯୦ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

ବୈଷୟିକ ଅଧିବେଶନରେ "ଉତ୍ତର ଓଡ଼ିଶାରେ ବଜ୍ରପାତଜନିତ ମୃତ୍ୟୁ ହ୍ରାସ : ପ୍ରମାଣଭିତ୍ତିକ କୌଶଳ ଓ ସମାଧାନ" ବିଷୟରେ ପ୍ରଫେସର ମନୋରଞ୍ଜନ ମିଶ୍ର ଆଲୋଚନା କରିଥିଲେ। ଡକ୍ଟର ଆଲୋକ ତାଓରୀ ଓ ଏନ୍‌ଆରଏସ୍‌ସି ଦଳ ପକ୍ଷରୁ ବଜ୍ରପାତ ନିରୀକ୍ଷଣ ଓ ପୂର୍ବାନୁମାନ ପରୀକ୍ଷାର ପ୍ରଦର୍ଶନ କରାଯାଇଥିଲା। ଆଇଏମ୍‌ଡି ପକ୍ଷରୁ ପୂର୍ବାନୁମାନ ଉପକରଣ ସମ୍ପର୍କରେ ଅଧିବେଶନ ଏବଂ ଆନ୍ତର୍ଜାତିକ ବିଦ୍ୟୁତ୍ ପ୍ରାଯୁକ୍ତିକ ଆୟୋଗର ସଦସ୍ୟ ଡକ୍ଟର ଗୋପ କୁମାରଙ୍କ ଦ୍ୱାରା ଯାନ୍ତ୍ରିକ ଭିତ୍ତିକ ବଜ୍ରପାତ ସୁରକ୍ଷା ବ୍ୟବସ୍ଥା ଉପରେ ବ୍ୟାଖ୍ୟାନ ପ୍ରଦାନ କରାଯାଇଥିଲା।

କର୍ମଶାଳାର ଏକ ପ୍ରମୁଖ ଆକର୍ଷଣ ଥିଲା ଜିଲ୍ଲା ଜରୁରୀକାଳୀନ ଅଧିକାରୀ (ଡିଇଓ), ଜିଲ୍ଲା ପ୍ରକଳ୍ପ ଅଧିକାରୀ (ଡିପିଓ) ଓ ବ୍ଲକସ୍ତରୀୟ ଅନ୍ୟାନ୍ୟ ଅଧିକାରୀମାନଙ୍କ ସହ ଆୟୋଜିତ ଏକ ସାମୂହିକ ଆଲୋଚନାଚକ୍ର। ଏଥିରେ ବଜ୍ରପାତ ଜନିତ ଦୁର୍ଘଟଣାର ପ୍ରବୃତ୍ତି, ପୂର୍ବ ସତର୍କ ସୂଚନାର ବ୍ୟବହାର, ସଂବେଦନଶୀଳ ଅଞ୍ଚଳ ଚିହ୍ନଟ ଏବଂ ଶେଷ ପର୍ଯ୍ୟାୟର ସୂଚନା ପ୍ରସାରଣ ଆଦି ବିଷୟକୁ ଗୁରୁତ୍ୱ ଦେଇ ଜିଲ୍ଲାଭିତ୍ତିକ ମାନକ କାର୍ଯ୍ୟ ପ୍ରଣାଳୀ (ଏସ.ଓ.ପି) ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ଡକ୍ଟର ସସ୍ମିତା ରାଉତ ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଭୂଗୋଳ ବିଭାଗର ସହକାରୀ ଅଧ୍ୟାପିକା ଡ. ସବିତା ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।

କର୍ମଶାଳାଟି ଉତ୍ତର ଓଡ଼ିଶାରେ ବଜ୍ରପାତ ଜନିତ କ୍ଷୟକ୍ଷତି ହ୍ରାସ ଦିଗରେ ଏକ ଫଳପ୍ରଦ ଓ ସମୟୋପଯୋଗୀ ପଦକ୍ଷେପ ଭାବେ ପରିଗଣିତ ହେବାନେଇ ଆଶାବ୍ୟକ୍ତ କରାଯାଇଛି। ବୈଜ୍ଞାନିକ, ପ୍ରଶାସନ ଓ ସ୍ଥାନୀୟ ଅଞ୍ଚଳର ସଚେତନ ଜନସାଧାରଣଙ୍କ ମିଳିତ ସହଯୋଗରେ ବଜ୍ରପାତ ଜନିତ ମୃତ୍ୟୁହାରକୁ ନିଶ୍ଚିତ ଭାବେ କମ୍ କରାଯାଇପାରିବ ବୋଲି କର୍ମଶାଳାରେ ମତପ୍ରକାଶ କରାଯାଇଛି।

ଭୁବନେଶ୍ୱର, ୨୩ ମଇ, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27


# ତୈଳ ସଙ୍କଟ : ରାଜ୍ୟ ପ୍ରଶାସନ ପାଇଁ ମୁଖ୍ୟମନ୍ତ୍ରୀ ଜାରି କଲେ ୮ ସୂତ୍ରୀ ମାର୍ଗଦର୍ଶିକା

**ଭୁବନେଶ୍ୱର,୨୨।୫:ନ୍ୟୁଜ୍‌ବ୍ୟୁରୋ**

ସରକାରୀ ଗାଡ଼ି ଗୁଡ଼ିକର ଚଳପ୍ରଚଳ ବାବଦକୁ ମାସିକ ପେଟ୍ରୋଲ ଓ ଡିଜେଲ ବ୍ୟବହାର ପରିମାଣ ଯେପରି ଅତିକମ୍‌ରେ ୧୦ ପ୍ରତିଶତ କମିବ, ସେ ଦିଗରେ ସମସ୍ତ ଅଫିସ୍ ସୁଚିନ୍ତିତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଯୋଗୁ ଦେଶରେ ତୈଳ ସଙ୍କଟର ଆଶଙ୍କା ସୃଷ୍ଟି ହୋଇଛି। ଆଉ ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ପେଟ୍ରୋଲ ଓ ଡିଜେଲ୍ ଖର୍ଚ୍ଚ ଉପରେ ସରକାରୀସ୍ତରରେ ଅଙ୍କୁଶ ଲଗାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର କଡ଼ା ନିଷ୍ପତ୍ତି ନେଇଛନ୍ତି। ଜୁନ୍ ପହିଲାରୁ ରାଜ୍ୟର ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଯାହାବି ନୂଆ ଦୁଇଚକିଆ ଓ ଚାରିଚକିଆ ଯାନ କିଣାଯିବ ତାହା ବୈଦ୍ୟୁତିକ ଯାନ ବା ଇଭି ହେବା ସମ୍ପୂର୍ଣ୍ଣ ବାଧ୍ୟତାମୂଳକ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ତୈଳ ସଙ୍କଟର ମୁକାବିଲା ଓ ସରକାରୀ ଗାଡ଼ିଗୁଡ଼ିକର ବ୍ୟବହାର ହ୍ରାସ ନିମନ୍ତେ ରାଜ୍ୟ ପ୍ରଶାସନ ପାଇଁ ମୁଖ୍ୟମନ୍ତ୍ରୀ ୮ସୂତ୍ରୀ ଗାଇଡଲାଇନ୍ ଜାରି କରି ଏହାକୁ ତୁରନ୍ତ ରାଜ୍ୟରେ ଲାଗୁ କରିବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜାରି କରିଥିବା ୮ଟି ନିର୍ଦ୍ଦେଶନାମା ଅନୁସାରେ, ଏଣିକି ସରକାରୀ ସ୍ତରର ବିଭିନ୍ନ ବୈଠକ, ସମୀକ୍ଷା, ପ୍ରଶିକ୍ଷଣ ଓ କର୍ମଶାଳା ଆଦି ଅତି ଆବଶ୍ୟକ ନ ହେଲେ କେବଳ ଭର୍ଚ୍ୟୁଆଲ ମୋଡ୍‌ରେ ହିଁ କରାଯିବ। ଯେଉଁଠି ପ୍ରତ୍ୟକ୍ଷ ଉପସ୍ଥିତିର ଅତି ଆବଶ୍ୟକତା ଥିବ, ସେଠାରେ କେବଳ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ହିଁ ସିଧାସଳଖ ଯୋଗ ଦେଇପାରିବେ ଏବଂ ବାକି ଅନ୍ୟ ସମସ୍ତେ ଭର୍ଚ୍ୟୁଆଲ ମୋଡ୍‌ରେ ଯୋଗ ଦେବେ।

ସେହିପରି ଆସନ୍ତା ଜୁନ୍ ପହିଲାରୁ ସରକାରୀ ଅଫିସଗୁଡ଼ିକରେ ଯେଉଁ ନୂଆ ଦୁଇଚକିଆ ଓ ଚାରିଚକିଆ ଯାନ କିଣାଯିବ, ସେଗୁଡ଼ିକ ବୈଦ୍ୟୁତିକ ଯାନ ବା ଇଭି ହେବା ସମ୍ପୂର୍ଣ୍ଣ ବାଧ୍ୟତାମୂଳକ। କେବଳ ବିଶେଷ ଆବଶ୍ୟକତା ଥିଲେ ହିଁ ପେଟ୍ରୋଲ କିମ୍ବା ଡିଜେଲ ଯାନ କିଣିବାକୁ ଅନୁମତି ଦିଆଯିବ। ଏପରିକି ଜୁନ୍ ପହିଲାରୁ ସରକାରୀ ଅଫିସରେ ଭଡ଼ା ସୂତ୍ରରେ ନିଆଯାଉଥିବା ସରକାରୀ ଚାରିଚକିଆ ଯାନଗୁଡ଼ିକ ମଧ୍ୟ ଇଭି ହେବା ବାଧ୍ୟତାମୂଳକ।

ବ୍ୟକ୍ତିଗତ ସରକାରୀ ବ୍ୟବହାର ପାଇଁ ଗାଡ଼ି ପାଇଥିବା ବରିଷ୍ଠ ଅଧିକାରୀମାନେ ଏଣିକି ନିଜ ନିଜ ମଧ୍ୟରେ କାରପୁଲିଂ କରିବେ, ଅର୍ଥାତ୍ ଯିବା ଆସିବା ପାଇଁ କେବଳ ଗୋଟିଏ ଗାଡ଼ି ବ୍ୟବହାର କରିବେ ଓ ସେହି ଅନୁଯାୟୀ ସରକାରୀ ଯାନ ବ୍ୟବହାର ପାଇଁ ମିଳୁଥିବା ରାଶିର ପରିମାଣକୁ ମଧ୍ୟ ଅଧା କରାଯିବ। ପ୍ରଶାସନର କେଉଁ ପାହ୍ୟାର ବରିଷ୍ଠ ଅଧିକାରୀମାନେ ବ୍ୟକ୍ତିଗତ ଭାବେ ସରକାରୀ ଗାଡ଼ି ବ୍ୟବହାର କରିପାରିବେ, ସେଥିପାଇଁ ଅର୍ଥ ବିଭାଗ ଆସନ୍ତା ୧୫ ଦିନ ମଧ୍ୟରେ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିବ।

ଉଲ୍ଲେଖଯୋଗ୍ୟ , ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜେ ଉଦାହରଣ ସାଜି ନିକଟରେ ତାଙ୍କ କାରକେଡ଼ର ଗାଡ଼ି ସଂଖ୍ୟାକୁ ଅଧା କରିବା ସହ ପେଟ୍ରୋଲ-ଡିଜେଲ ଖର୍ଚ୍ଚ କମ୍ କରିବାକୁ ସାଧାରଣ ଜନତାଙ୍କୁ ମଧ୍ୟ ନିବେଦନ କରିଥିଲେ। ଏବେ ସେହି କ୍ରମରେ ସମ୍ପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି।

## ୧୯ତମ ରୋଜଗାର ମେଳା

# ଆଜି ଓଡ଼ିଶାର ୧୮୬ ଜଣ ପ୍ରାର୍ଥୀ ପାଇବେ ନିଯୁକ୍ତି

**ଭୁବନେଶ୍ୱର,୨୨।୫:ନ୍ୟୁଜ୍‌ବ୍ୟୁରୋ**

ଶନିବାର ପୂର୍ବାହ୍ନ ୧୧ ଟାରେ ଦେଶର ୪୭ଟି ସ୍ଥାନରେ ୧୯ତମ ରୋଜଗାର ମେଳା ଆୟୋଜିତ ହେବ, ଯେଉଁଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୫୧,୦୦୦ରୁ ଅଧିକ ନବନିଯୁକ୍ତ ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିବେ ଏବଂ ଏହି ଅବସରରେ ସମାବେଶକୁ ସମ୍ବୋଧିତ କରିବେ।

ଦେଶବ୍ୟାପୀ ପାଳିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଏକ ଅଂଶ ସ୍ୱରୂପ, ଭୁବନେଶ୍ୱରଠାରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଅଧ୍ୟକ୍ଷତାରେ ରେଳୱେ ଅଡିଟୋରିୟମରେ ରୋଜଗାର ମେଳା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ସମୟରେ ଓଡ଼ିଶାର ୧୮୬ ଜଣ ପ୍ରାର୍ଥୀ ବିଭିନ୍ନ ସରକାରୀ ପଦବୀ ପାଇଁ ନିଯୁକ୍ତି ପତ୍ର ଗ୍ରହଣ କରିବେ।

ନବନିଯୁକ୍ତ ପ୍ରାର୍ଥୀମାନେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ଯୋଗଦେବେ, ଯେଉଁଥିରେ ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ଅନ୍ୟାନ୍ୟ ବିଭାଗ ସାମିଲ ରହିଛି।

ରୋଜଗାର ମେଳା ହେଉଛି ଭାରତ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାର ଉଦ୍ଦେଶ୍ୟ ହେଉଛି ରୋଜଗାର ସୃଷ୍ଟିକୁ ତ୍ୱରାନ୍ୱିତ କରିବା ଏବଂ ଯୁବକଯୁବତୀମାନଙ୍କୁ ସାର୍ଥକ ସୁଯୋଗ ପ୍ରଦାନ କରିବା। ଏହାର ଆରମ୍ଭଠାରୁ, ଦେଶରେ ଆୟୋଜିତ ୧୮ଟି ରୋଜଗାର ମେଳା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନିଯୁକ୍ତି ପତ୍ର ବଣ୍ଟନ କରାଯାଇସାରିଛି, ଯାହା ରୋଜଗାର ସୃଷ୍ଟି ଏବଂ ଯୁବ ସଶକ୍ତିକରଣ ପ୍ରତି ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

# କିଟ୍ ଏବଂ ୟୁଏନ୍‌ଏସ୍‌ଏସ୍‌ସି ଓ ୟୁଏନ୍‌ଭି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ




**ଭୁବନେଶ୍ୱର,୨୨।୫:ନ୍ୟୁଜ୍‌ବ୍ୟୁରୋ**

ବିଶ୍ୱସ୍ତରୀୟ ସହଯୋଗ ଏବଂ ସେବା ଦିଗରେ କିଟ୍ ୟୁନାଇଟେଡ୍ ଭଲ୍ୟୁଣ୍ଟିୟରସ (ୟୁଏନ୍‌ଭି) ଓ ୟୁନାଇଟେଡ୍ ନେସନ୍ସ ସିଷ୍ଟମ ଷ୍ଟାଫ୍ କଲେଜ (ୟୁଏନ୍‌ଏସ୍‌ଏସ୍‌ସି) ମଧ୍ୟରେ ଦୁଇଟି ପୃଥକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଜର୍ମାନ ଗସ୍ତ ଅବସରରେ ବନ୍‌ଠାରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି।

ଏହି ଅବସରରେ ୟୁଏନ୍‌ଭି ସହ ସ୍ୱତନ୍ତ୍ର ସ୍ୱେଚ୍ଛାସେବକ ସହଯୋଗ ସଂପର୍କରେ ଡ. ସାମନ୍ତ ଫଳପ୍ରଦ ଆଲୋଚନା କରିଥିଲେ। ଏହା ଦ୍ୱାରା କିଟ୍‌ର ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାସେବା ମାଧ୍ୟମରେ ବିଶ୍ୱ ସମ୍ପର୍କରେ ଅଧିକ ଜାଣିବା, ସେବା କରିବା ଓ ବିଶ୍ୱ ସମ୍ପର୍କରେ ଜ୍ଞାନ ଆହରଣ କରିବାର ସୁଯୋଗ ପାଇବେ। ଯୁବ ସ୍ୱେଚ୍ଛାସେବା ପାଇଁ ଜାତିସଂଘ ସହିତ ଏପରି ଏକ ପଥ ପ୍ରତିଷ୍ଠା କରିବାରେ କିଟ୍ ହେଉଛି ଦକ୍ଷିଣ ଏସିଆର ପ୍ରଥମ ବିଶ୍ୱବିଦ୍ୟାଳୟ।

ଏହା ସହିତ ନେଲସନ୍ ମାଣ୍ଡେଲା ଗ୍ଲୋବାଲ୍ ଏକାଡେମୀ ଫର ସୋସିଆଲ୍ ଚେଞ୍ଜ ମାଧ୍ୟମରେ ୟୁଏନ୍‌ଏସ୍‌ଏସ୍‌ସି ସହିତ କିଟ୍‌ର ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହା କିଟ୍ ଛାତ୍ରଛାତ୍ରୀଙ୍କ ପାଇଁ ସାମାଜିକ ପରିବର୍ତ୍ତନ, ନେତୃତ୍ୱ, ଆଲୋଚନା ଏବଂ ସମାଜ ସେବା ବିଷୟରେ ଶିଖିବାର ସୁଯୋଗ ସୃଷ୍ଟି କରିବ।

ଏଥିରେ ଖୁସି ବ୍ୟକ୍ତ କରି ଡ. ସାମନ୍ତ କହିଲେ, ଶିକ୍ଷା କେବଳ ଜ୍ଞାନ ଆହରଣ ନୁହେଁ; ଏହା ହେଉଛି କରୁଣା, ଦାୟିତ୍ୱ ଏବଂ ମାନବତା ପ୍ରତି ସେବା। କିଟ୍ ସହ ଏଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା କରିଥିବାରୁ ଡ. ସାମନ୍ତ ୟୁଏନ୍‌ଭି ଓ ୟୁଏନ୍‌ଏସ୍‌ଏସ୍‌ସି କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ବୁଝାମଣାପତ୍ର କିଟ୍ ତଥା କିସ୍ ଛାତ୍ରଛାତ୍ରୀ ଏବଂ ଭାରତର ଯୁବଗୋଷ୍ଠୀଙ୍କ ପାଇଁ ବିଶ୍ୱସ୍ତରୀୟ ପ୍ଲାଟଫର୍ମରୁ ଶିଖିବା ଓ ସମାଜ ସେବା ପାଇଁ ନୂତନ ଦ୍ୱାର ଖୋଲିବ ବୋଲି ଡ. ସାମନ୍ତ କହିଛନ୍ତି। ଉଭୟ କାର୍ଯ୍ୟକ୍ରମରେ ୟୁଏନ୍‌ଏସ୍‌ଏସ୍‌ସିର ଡେପୁଟି ଡାଇରେକ୍ଟର ସିଲ୍‌କେ ୱେନ୍‌ଲିଚ ଓ ୟୁଏନ୍‌ଭି ପକ୍ଷରୁ ଡେପୁଟୀ ଏକ୍‌ଜିକ୍ୟୁଟି କୋଅର୍ଡିଟେର ଲାଉସ ଚାମ୍ବରଲେନ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

# କଟକ, ବରଗଡ଼ ଓ ଯାଜପୁରରେପ୍ରତିଷ୍ଠା ହେବ ହସ୍ତତନ୍ତ ହବ୍ ଓ ପାର୍କ

**ଭୁବନେଶ୍ୱର,୨୨।୫**
**ନ୍ୟୁଜ୍‌ବ୍ୟୁରୋ**

କଟକ, ବରଗଡ଼ ଏବଂ ଯାଜପୁର ଜିଲ୍ଲାରେ ହସ୍ତତନ୍ତ ହବ୍ ଓ ପାର୍କ ପ୍ରତିଷ୍ଠା ନେଇ ଏକ ଉଚ୍ଚସ୍ତରୀୟ ବୈଠକ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲ୍ଲାର ଅଭିମାନପୁରଠାରେ ୧୩.୫୧ କୋଟି ଟଙ୍କା ବ୍ୟୟରେ ୨.୭୭ ଏକର ସ୍ଥାନରେ ଏ.ଆଇ ଓ ବ୍ଲକ ଚେନ ସମର୍ଥିତ ହସ୍ତତନ୍ତ ହବ୍ ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା। ଏଠାରେ ପ୍ରଶାସନିକ କାର୍ଯ୍ୟାଳୟ ସହ ଅତିଥି ଗୃହ, ଡିସ୍‌ପ୍ଲେ ସପ୍, କପଡ଼ା ବୟନ କେନ୍ଦ୍ର ପ୍ରଦର୍ଶନୀ ଅଞ୍ଚଳ ସହ ବିକ୍ରୟ ଷ୍ଟଲ, ଗୋଦାମ ଗୃହ ଆଦି କ୍ଷେତ୍ର ନିର୍ମିତ ହେବ। ଏହା ସ୍ଥାନୀୟ ଅଞ୍ଚଳରେ ହସ୍ତତନ୍ତ, ହସ୍ତଶିଳ୍ପ ଓ ଟେରାକୋଟା କ୍ଷେତ୍ରକୁ ଏକ ନୂତନ ଦିଗ ଦେବା ସହ ସ୍ଥାନୀୟ ନିଯୁକ୍ତିକୁ ପ୍ରୋତ୍ସାହିତ କରିବ।

ସେହିପରି ବରଗଡ଼ ଜିଲ୍ଲାରେ ୨୦ କୋଟି ଟଙ୍କା ବ୍ୟୟରେ ହସ୍ତତନ୍ତ ଓ ପୋଷାକ ପାର୍କ ପ୍ରତିଷ୍ଠା ନେଇଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ବରଗଡ଼ର ଗୋବିନ୍ଦପୁର ମଉଜାରେ ୯.୩୫ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ପାର୍କ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୁବର୍ଣ୍ଣପୁର ଓ ବଲାଙ୍ଗିର ଅଞ୍ଚଳ ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହେବ। ଏଠାରେ ଲଙ୍ଗ ୱାରପିଂ, ୱାଇଣ୍ଡିଂ, ବୁଣା କାର୍ଯ୍ୟ ସହିତ ଉଚ୍ଚ ମାନର ସିଲାଇ ମେସିନ୍‌ର ବ୍ୟବହାର କରି ୩୦୦ରୁ ଅଧିକ କାରିଗରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପୋଷାକ ପ୍ରସ୍ତୁତି ସମ୍ଭବ ହୋଇପାରିବ।

ବରଗଡ଼ ଜିଲ୍ଲାର ବେହେରା ବାଲିଜୁରୀ ଠାରେ ବୁଣାକାର ହାଟ ସ୍ଥାପନ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ହସ୍ତତନ୍ତ ପଣ୍ୟ ପ୍ରଦର୍ଶନ ଓ ବିକ୍ରୟ ପାଇଁ ୨୦୦୦ଟି



ପିଣ୍ଡିର ବିକାଶ ସହ ସାମଗ୍ରୀ ପରିବହନ ଓ ଯାତାୟାତ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ, ପାର୍କିଂ ବ୍ୟବସ୍ଥା ଓ ଫୁଡ୍ ଷ୍ଟଲ୍‌ର ବ୍ୟବସ୍ଥା ରହିବ। ୨୯.୧୨ ଏକର ଅଞ୍ଚଳରେ ନିର୍ମାଣ ହେବାକୁ ଥିବା ବୁଣାକାର ହାଟ ଲାଗି ୨୭.୫୭ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି।

ସେହିପରି ଯାଜପୁର ଜିଲ୍ଲାର ଗୋପାଳପୁରଠାରେ ଏଆଇ ଏବଂ ବ୍ଲକ୍‌ଚେନ୍ ସମର୍ଥିତ ହସ୍ତତନ୍ତ ହବ୍ ପ୍ରତିଷ୍ଠା ନେଇ ଆଲୋଚନା ହୋଇଛି। ପ୍ରାୟ ୨ ଏକର ଜମିରେ ୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ହବ୍ ସିଲ୍‌କ ଶାଢ଼ି, ବସ୍ତ୍ର ଓ ଗୃହସଜ୍ଜା ସାମଗ୍ରୀ ଉତ୍ପାଦନ ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ। ଏଠାରେ ଉତ୍ପାଦନ ଭିତ୍ତିଭୂମି, ଯୋଗାଣ ଶୃଙ୍ଖଳ, ପ୍ରଶିକ୍ଷଣ ଓ ବିପଣନ ସୁବିଧା, ସ୍ୱତନ୍ତ୍ର ଷ୍ଟଲ୍, ପ୍ରଶାସନିକ କାର୍ଯ୍ୟାଳୟ ରହିବା ସହ ରେଶମ ଓଡ଼ିଶା ଆଉଟ୍‌ଲେଟ୍ ପ୍ରତିଷ୍ଠା କରାଯିବ। ଏହି ବୈଠକରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ପର୍ଯ୍ୟଟନ ବିଭାଗ କମିଶନ ତଥା ଶାସନ ସଚିବ ବଲବନ୍ତ ସିଂ, ନିର୍ମାଣ ବିଭାଗର ସ୍ୱତନ୍ତ୍ରେ ଶାସନ ସଚିବ ଇଂ ଏଲ୍.କେ. ପାତ୍ରୀ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ଅତିରିକ୍ତ ନିର୍ଦ୍ଦେଶକ (ରେଶମ) ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ଉପନିର୍ଦ୍ଦେଶକ (ବୟନଶିଳ୍ପ) ଆଶୁତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଓବିସି ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ଟିପ୍ପଣୀ

**ନୂଆଦିଲ୍ଲୀ,୨୨।୫**



ସୁପ୍ରିମକୋର୍ଟ ଓବିସି ସଂରକ୍ଷଣ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ ଟିପ୍ପଣୀ କରିଛନ୍ତି ଯେ, ଯଦି ମାତାପିତା ଆଇଏଏସ ଅଧିକାରୀ ତେବେ ସେମାନେ କାହିଁକି ସଂରକ୍ଷଣ ପାଇବାକୁ ହକ୍‌ଦାର ହେବେ। ପଛୁଆ ବର୍ଗ ମଧ୍ୟରେ 'କ୍ରିମି ଲେୟାର' ପାଇଁ ସଂରକ୍ଷଣ ସମ୍ପର୍କିତ ଏକ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି କଥା କହିଛନ୍ତି। ଶୁଣାଣି ସମୟରେ, ଜଷ୍ଟିସ ନାଗାରଥନା ମତ ଦେଇଥିଲେ ଯେ, ଯଦି ମାତାପିତା ଉଭୟ ଆଇଏଏସ୍ ଅଧିକାରୀ, ତେବେ ସେମାନେ କାହିଁକି ସଂରକ୍ଷଣର ଲାଭ ପାଇବାକୁ ହକ୍‌ଦାର ହେବେ? ସାମାଜିକ ଗତିଶୀଳତା ଶିକ୍ଷାଗତ ଏବଂ ଆର୍ଥିକ ସଶକ୍ତିକରଣରୁ ଉତ୍ପନ୍ନ ହୁଏ। ତେଣୁ ପିଲାମାନଙ୍କ ପାଇଁ ସଂରକ୍ଷଣ ଦାବି କରିବା ଦ୍ୱାରା ଏହି ବ୍ୟବସ୍ଥାରୁ କେବେବି ପରିବର୍ତ୍ତନ ହେବ ନାହିଁ। ଏହା ଏକ ପ୍ରସଙ୍ଗ ଯାହା ଉପରେ ଆମର ଧ୍ୟାନ ଦେବା ଆବଶ୍ୟକ।

ସେ ଆହୁରି ମଧ୍ୟ କହିଥିଲେ, ଛାତ୍ରୀଛାତ୍ରମାନଙ୍କ ମାତାପିତା ଭଲ ଚାକିରି କରନ୍ତି ଏବଂ ଯଥେଷ୍ଟ ଆୟ କରନ୍ତି, ତଥାପି ପିଲାମାନେ ସଂରକ୍ଷଣ ଦାବି କରିଚାଲିଛନ୍ତି। ସେମାନଙ୍କୁ ସଂରକ୍ଷଣର ଆବଶ୍ୟକତାଠାରୁ ଆଗକୁ ବଢ଼ିବା ଉଚିତ। ଏହି ପ୍ରସଙ୍ଗ ଗଭୀର ବିଚାର ବିମର୍ଶ ଆବଶ୍ୟକ। ଇଡବ୍ଲୁଏସ୍ ବର୍ଗ ଏବଂ 'କ୍ରିମି ଲେୟାର' ମଧ୍ୟରେ ମଧ୍ୟ ଏକ ପାର୍ଥକ୍ୟ ରହିବା ଉଚିତ୍।

## ଆମେରିକା-ଇରାନ ମହାଯୁଦ୍ଧରେ ପେଣ୍ଟାଗନକୁ ବଡ଼ ଝଟକା

**ୱାଶିଂଟନ/ତେହେରାନ,୨୨।୫**

ଇରାନ ବିରୋଧରେ ଆମେରିକା ନେତୃତ୍ୱରେ ଚାଲିଥିବା ସାମରିକ ଅଭିଯାନର ମୂଲ୍ୟ ୱାଶିଂଟନକୁ ଅତ୍ୟନ୍ତ ମହଙ୍ଗା ପଡ଼ିବାରେ ଲାଗିଛି। ଗତ ଫେବୃୟାରୀ ମାସରୁ ଆରମ୍ଭ ହୋଇଥିବା ଏହି ଭୟଙ୍କର ସଂଘର୍ଷ ମଧ୍ୟରେ ଇରାନ ଆମେରିକାର ସବୁଠାରୁ ପ୍ରତିଷ୍ଠିତ ଏବଂ ମୂଲ୍ୟବାନ ପ୍ରାୟ ୧ ବିଲିୟନ ଆମେରିକୀୟ ଡଲାର (ପ୍ରାୟ ୮,୫୦୦ କୋଟିରୁ ଅଧିକ ଟଙ୍କା) ମୂଲ୍ୟର 'ଏମକ୍ୟୁ-୯ ରିପର' ଡ୍ରୋନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛି। ଯୁଦ୍ଧରେ ଆମେରିକା ସେନା ନିଜର ଅତି କମ୍‌ରେ ୨୪ ରୁ ୩୦ଟି ରିପର ଡ୍ରୋନ୍ ହରାଇଛି, ଯାହା ପେଣ୍ଟାଗନର ଯୁଦ୍ଧ ପୂର୍ବରୁ ଥିବା ସମଗ୍ର ଡ୍ରୋନ ଇନଭେଣ୍ଟ୍ରିର ପ୍ରାୟ ୨୦ ପ୍ରତିଶତ ଅଟେ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୨/୦୫/୨୦୨୬
୬,୧୭,୨୨୧/- ଟଙ୍କା
ସୁନା:- ୦୩ ଗ୍ରାମ୍ ୧୦୦ ମିଲିଗ୍ରାମ
ରୂପା:- ୧୬ ଗ୍ରାମ୍ ୨୦୦ ମିଲିଗ୍ରାମ

# ଟ୍ରିବ୍ୟୁନାଲରେ ଉପସ୍ଥାପିତ ମହାନଦୀ ସଂକ୍ରାନ୍ତୀୟ ତଥ୍ୟକୁ ସାର୍ବଜନୀନ କରାଯାଉ : ବିଜେଡି

**ଭୁବନେଶ୍ୱର,୨୨।୫**
**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ଜୀବନରେଖା ମହାନଦୀର ଜଳ ସ୍ରୋତକୁ ଦୀର୍ଘ ବର୍ଷ ଧରି ଏକଚାଟିଆ ଭାବେ ଛତିଶଗଡ଼ ଅଟକାଇ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରିଆସୁଛି। ଲଗାତାର ଭାବେ କେନ୍ଦ୍ର ସରକାର ଓ ଛତିଶଗଡ଼ ସରକାରଙ୍କୁ ଅନୁରୋଧ କରି କୌଣସି ସୁଫଳ ନମିଳିବାରୁ ଓଡ଼ିଶା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଆନ୍ତରାଜ୍ୟ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଏହି ବିବାଦ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ କହିଥିଲେ ମଧ୍ୟ ଏଥିରେ କୌଣସି ସୁଫଳ ମିଳିପାରିଲା ନାହିଁ କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ।

ଶୁକ୍ରବାର ଏକ ପ୍ରେସ୍ ବିବୃତ୍ତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ବିଜେପି ସରକାରଙ୍କ କୌଣସି ସ୍ୱଷ୍ଟ ଆଭିମୁଖ୍ୟ ନାହିଁ। ସରକାର ଦ୍ୱନ୍ଦ୍ୱରେ ଅଛନ୍ତି। ପ୍ରଥମେ ଆପୋସ ଆଲୋଚନା ମାଧ୍ୟମରେ ସମାଧାନର ରାସ୍ତା ବାହାର କରାଯିବ ବୋଲି କୁହାଗଲା, କିନ୍ତୁ ସେ ଦିଗରେ କୌଣସି ଅଗ୍ରଗତି ହେଲା ନାହିଁ ବୋଲି କହିଥିଲେ।

ଡ. ଲେନିନ ମହାନ୍ତି କହିଥିଲେ ଯେ, ରାଜ୍ୟ ବିଜେପି ସରକାର ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ବସିଛି। ଛତିଶଗଡ଼ ଓଡ଼ିଶା ସରକାରଙ୍କ କଥାକୁ ଶୁଣିବାକୁ ପ୍ରସ୍ତୁତ ନୁହେଁ ଓ କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ରାଜ୍ୟ ବିଜେପି ସରକାରଙ୍କ କେନ୍ଦ୍ର ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସାହସ ନାହିଁ। ଛତିଶଗଡ଼ ଏବେ ଅଧିକ ଜଳ ରୋକିବା ପାଇଁ ତଳ ଅଞ୍ଚଳରେ ଓ ଉପ ନଦୀରେ ମଧ୍ୟ ଚେକ୍ ଡ୍ୟାମ୍ ଓ ବାଲି ବନ୍ଧ ନିର୍ମାଣ କରୁଛି। ଗୋଟିଏ ପଟେ ଓଡ଼ିଶାର ଲୋକେ ପାଣି ମୁନ୍ଦିଏ ପାଇବା ପାଇଁ ତହଳ ବିକଳ ହେଉଛନ୍ତି, ଆର ପଟରେ ଛତିଶଗଡ଼ ଶିଳ୍ପକୁ ଜଳ ବିକ୍ରି କରୁଛି। ସମସ୍ୟା ସମାଧାନର ରାସ୍ତା ବାହାର କରିବା ପରିବର୍ତ୍ତେ ରାଜ୍ୟ ବିଜେପି ସରକାର ନାଟକବାଜି କରୁଛନ୍ତି।

ଡ. ମହାନ୍ତି ଆହୁରି କହିଥିଲେ ଯେ, ଇତିମଧ୍ୟରେ ମହାନଦୀ ଟ୍ରିବ୍ୟୁନାଲର ନିର୍ଦ୍ଦେଶ କ୍ରମେ ଓଡ଼ିଶା ଓ ଛତିଶଗଡ଼ ପକ୍ଷରୁ ମହାନଦୀରେ ଉପଲବ୍ଧ ଜଳରାଶି



ସଂକ୍ରାନ୍ତୀୟ ତଥ୍ୟ ଉପସ୍ଥାପନ କରିଛନ୍ତି ବୋଲି ଘୋଷଣା କରାଯାଇଛି। ଟ୍ରିବ୍ୟୁନାଲରେ ଦିଆଯାଇଥିବା ତଥ୍ୟକୁ ନେଇ 'ମହାନଦୀ ବଞ୍ଚାଓ ଆନ୍ଦୋଳନ' ପ୍ରଶ୍ନ କରିଥିଲେ। ଏହି ମର୍ମରେ ମହାନଦୀ ବଞ୍ଚାଓ ଆନ୍ଦୋଳନ ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖିଥିଲେ ଏବଂ ତାଙ୍କ ସହିତ ଆଲୋଚନା କରିବା ନିମନ୍ତେ ଏକ ସମୟ ନିର୍ଦ୍ଧାରଣ ପାଇଁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ନା ଅନୁରୋଧ ରକ୍ଷା କଲେ ନା 'ମହାନଦୀ ବଞ୍ଚାଓ ଆନ୍ଦୋଳନ'କୁ କୌଣସି ସମୟ ଦେଲେ। ମଇ ୨୦ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପାଇଁ ସୁଯୋଗ ନମିଳିବାରୁ ଶୁକ୍ରବାର 'ମହାନଦୀ ବଞ୍ଚାଓ ଆନ୍ଦୋଳନ'ର କର୍ମକର୍ତ୍ତାଗଣ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ତାଙ୍କ ସହିତ ଆଲୋଚନା କରିବାକୁ ପ୍ରୟାସ କରି ବିଫଳ ହୋଇଥିଲେ। ଏହା ପରେ କମିଶନରେଟ ପୋଲିସ ଦ୍ୱାରା ମହାନଦୀ ପାଇଁ ଆନ୍ଦୋଳନରତ କର୍ମୀମାନଙ୍କୁ ସେଠାରୁ ଅଗଣତାନ୍ତ୍ରିକ ଭାବେ ଜୋରଜବରଦସ୍ତ ଉଠାଇ ନେଇଥିଲେ।

ମହାନଦୀ ଜଳରାଶି ସଂକ୍ରାନ୍ତୀୟ ଯେଉଁ ତଥ୍ୟ ୨ଟି ରାଜ୍ୟ ଉପସ୍ଥାପିତ କରିଛନ୍ତି, ତାହା ସାର୍ବଜନୀନ ହେବା ଦରକାର ବୋଲି ବିଜୁ ଜନତା ଦଳ ମନେକରେ। ସ୍ୱଚ୍ଛତାର ସହ ମହାନଦୀ ସଂକ୍ରାନ୍ତୀୟ ତଥ୍ୟକୁ ସାର୍ବଜନୀନ କରିବା ପରିବର୍ତ୍ତେ ଯେଉଁମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଚାହିଁଥିଲେ ଏବଂ ମହାନଦୀ ଉପରେ ଚର୍ଚ୍ଚା କରିବା ପାଇଁ ଚାହିଁଥିଲେ, ତାଙ୍କୁ ପୋଲିସ୍ ଉଠାଇନେଲା। ଏହା ସୂଚାଉଛି ଯେ, ରାଜ୍ୟ ସରକାର କିଛି ତଥ୍ୟ ଲୁଚାଇବା ପାଇଁ ଅପଚେଷ୍ଟା କରୁଛନ୍ତି। ଯଦି ରାଜ୍ୟ ସରକାର ମହାନଦୀ ଜଳରାଶି ଉପରେ ସଠିକ୍ ତଥ୍ୟ ଦେଉଛନ୍ତି, ତାହେଲେ ତାହାକୁ ସାର୍ବଜନୀନ କରିବାରେ ଅସୁବିଧା କ'ଣ? ମହାନଦୀ ପରି ଗୋଟେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟରେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଡ. ମହାନ୍ତି କହିଛନ୍ତି।

## ତେଲ ପାଇଁ ଭେନେଜୁଏଲା ଭରସା

**ନୂଆଦିଲ୍ଲୀ,୨୨।୫**

ଯୁଦ୍ଧ ସଙ୍କଟ ମଧ୍ୟରେ ପାରମ୍ପରିକ ଯୋଗାଣକାରୀ ଦେଶରୁ ତେଲ ମଗାଇବା କଷ୍ଟକର ହେଉଥିବାରୁ ଭାରତ ସରକାର ବିକଳ୍ପ ଉତ୍ସ ଖୋଜିବାରେ ସଫଳ ହୋଇଛନ୍ତି। ଚଳିତ ମାସରେ ତୃତୀୟ ସର୍ବାଧିକ ତେଲ ଭେନେଜୁଏଲାରୁ ମଗାଯାଇଛି। ସୁଲଭ ମୂଲ୍ୟରେ ମିଳୁଥିବାରୁ ସେହି ତେଲକୁ ଭାରତ ବିପୁଳ ପରିମାଣରେ କିଣିବା ଆରମ୍ଭ କରିଛି। ସାଉଦି ଆରବ ଓ ଆମେରିକା ତୁଳନାରେ ଭେନେଜୁଏଲାରୁ ଅଧିକ ତେଲ କିଣିବାକୁ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଉଚିତ ମଣିଛନ୍ତି। ଶକ୍ତି ବଜାର ତଥ୍ୟ ପ୍ରଦାନ କରୁଥିବା ସଂସ୍ଥା କେପଲର୍‌ର ସୂଚନା ଅନୁସାରେ ଚଳିତ ମାସରେ ଭେନେଜୁଏଲା ଭାରତକୁ ଦୈନିକ ୪,୧୭,୦୦୦ ବ୍ୟାରେଲ୍ ତେଲ ପଠାଇଛି। ଗତ ୯ ମାସ ମଧ୍ୟରେ ସେହି ଦକ୍ଷିଣ ଆମେରିକୀୟ ଦେଶରୁ ଭାରତ କୌଣସି ତେଲ କିଣିନଥିଲା। ମେ' ମାସରେ ଭାରତ ସର୍ବାଧିକ ରୁଷ୍‌ରୁ ଓ ଦ୍ୱିତୀୟ ସର୍ବାଧିକ ତେଲ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରୁ କିଣିଛି। ଚଳିତ ବର୍ଷ ଫେବୃୟାରୀରେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଭାରତ ଏହାର ତୃତୀୟ ସର୍ବାଧିକ ତେଲ ସାଉଦି ଆରବରୁ ମଗାଉଥିଲା। କିନ୍ତୁ ବର୍ତ୍ତମାନ ସମୟରେ ସେହି ତେଲ ଦର ଅଧିକ ଥିବାରୁ ଭାରତ ବିକଳ୍ପ ଉତ୍ସ ଭାବେ ଭେନେଜୁଏଲାକୁ ଚୟନ କରିଛି।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


## ଭଦ୍ରକରେ ଏସୟୁଜେର ପ୍ରାନ୍ତୀୟ ସମାବେଶ

# ବ୍ରେକିଂ ନ୍ୟୁଜ୍ ସାମ୍ବାଦିକଙ୍କୁ ଚାପଗ୍ରସ୍ତ କରୁଛି : ମନ୍ତ୍ରୀ

**ଭଦ୍ରକ,୨୨।୫:ନ୍ୟୁଜ୍‌ବ୍ୟୁରୋ**

ବ୍ରେକିଙ୍ଗ ନିୟୁଜ ସାମ୍ବାଦିକ ମାନଙ୍କୁ ଚାପଗ୍ରସ୍ତ କରୁଛି। ଖବର ସଂଗ୍ରହ ଏବଂ ଏହାର ପ୍ରସାରଣ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା, ପ୍ରସାରିତ ଖବର ଯଥାର୍ଥତା ପ୍ରତିପାଦନ କରିବାକୁ ସାମ୍ବାଦିକଟିଏ ଉପଯୁକ୍ତ ସମୟ ପାଉ ନାହିଁ। ଫଳରେ ପ୍ରସାରିତ ଖବର ପାଇଁ ନେତା, ଜନତା, ସରକାର ଏପରିକି ପ୍ରକାଶିତ ଗଣମାଧ୍ୟମ ସଂସ୍ଥା ମାଲିକଙ୍କ ନିକଟରେ ସାମ୍ବାଦିକଙ୍କୁ ଉତ୍ତରଦାୟୀ ହେବାକୁ ପଡୁଛି। ତେବେ ପ୍ରସାରିତ ଖବର ପାଇଁ ସମାଜ ନିକଟରେ ଉତ୍ତରଦାୟୀ ରହିବାକୁ ହେଲେ ଜଣେ ସାମ୍ବାଦିକଙ୍କୁ ନିଜ ବିବେକ ଅନୁମୋଦିତ ଖବର ସଂଗ୍ରହ ଏବଂ ଏହାର ପ୍ରସାରଣ ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା, ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ଶୁକ୍ରବାର ଭଦ୍ରକ ପ୍ରଜାପତି କଲ୍ୟାଣ ମଣ୍ଡପ ଠାରେ ଷ୍ଟେଟ୍ ୟୁନିୟନ୍ ଅଫ୍ ଜର୍ଣ୍ଣାଲିଷ୍ଟ (ଏସୟୁଜେ)ର ପ୍ରାନ୍ତୀୟ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ସୁରଜ ଏହି କଥା କହିଛନ୍ତି। ସାମ୍ବାଦିକତା କ୍ଷେତ୍ରରେ




ମହିଳାମାନଙ୍କ ଅନ୍ତର୍ଭୁକ୍ତିକରଣ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଥିଲେ ଯେ ଜନସଂଖ୍ୟାର ଅଧା ମହିଳା ବର୍ଗର ହୋଇଥିବାରୁ ସାମାଜିକ ସ୍ତରରେ ମହିଳାମାନଙ୍କୁ ଆଗକୁ ଆଣିବାକୁ ହେଲେ ସାମ୍ବାଦିକତା କ୍ଷେତ୍ରରେ ଅଧିକରୁ ଅଧିକ ନାରୀମାନଙ୍କ ଅନ୍ତର୍ଭୁକ୍ତିକରଣର ଆବଶ୍ୟକତା ରହିଛି। ସେହିଭଳି ସମ୍ବାଦ ସଂଗ୍ରହ ଏବଂ ପରିବେଷଣ କ୍ଷେତ୍ରରେ ଆମକୁ ସତ୍ୟର ଅନୁସରଣ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ କହିଥିଲେ। ଉତ୍ସବରେ ଅନ୍ୟତମ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ସାମ୍ବାଦିକମାନଙ୍କ ସୁରକ୍ଷା, ସାମାଜିକ ଦାୟିତ୍ୱ ଏବଂ ଅଧିକାର ପ୍ରତି ସରକାର ସମ୍ବେଦନଶୀଳ ଅଛନ୍ତି ଏବଂ ସେଗୁଡିକର ସମାଧନ ପର୍ଯ୍ୟାୟକ୍ରମେ ହେବ ବୋଲି କହିଥିଲେ। ଉତ୍ସବର ଅନ୍ୟତମ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ ସାମ୍ବାଦିକମାନେ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରି ଆସୁଥିବା ବେଳେ ସେମାନଙ୍କ ସ୍ୱାର୍ଥ ଏବଂ ସୁରକ୍ଷା ପ୍ରତି ଅନୁରୂପ ପ୍ରଯତ୍ନ ହେଉନଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଉତ୍ସବର ଅନ୍ୟତମ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଶାସନ, ପ୍ରଶାସନକୁ ସଠିକ ବାଟରେ ପରିଚାଳନା କ୍ଷେତ୍ରରେ ଗଣ ମାଧ୍ୟମ ଭୂମିକା ସମ୍ପର୍କରେ ଆଲୋଚନା କରିବା ସହିତ ସାମ୍ବାଦିକମାନଙ୍କ ସମସ୍ୟା ଗୁଡିକ କିଭଳି ସମାଧାନ ହୋଇପାରିବ ସେନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଏସୟୁଜେ ଭଦ୍ରକ ଜିଲ୍ଲା ଶାଖା ସଭାପତି ବରିଷ୍ଠ ସାମ୍ବାଦିକ ନିହାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ସଂଗଠନର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା, ପେନସନ, ସ୍ୱାସ୍ଥ୍ୟବୀମାରେ ସାମ୍ବାଦିକଙ୍କ ପିତା ମାତାଙ୍କୁ ସାମିଲ କରିବା, ରାଜଧାନୀ ଭୁବନେଶ୍ୱରରେ ସବୁବର୍ଗର ସାମ୍ବାଦିକ ରହିବା ପାଇଁ ଏକ ସାମ୍ବାଦିକ ଭବନ ନିର୍ମାଣ କରିବା ଆଦି ୯ ଦଫା ଦାବି ଉପସ୍ଥାପନା କରିଥିଲେ। ଏସୟୁଜେ ରାଜ୍ୟ ଉପସଭାପତି ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ସଭା ସଂଚାଳନ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାମ୍ବାଦିକ ରାଜେନ୍ଦ୍ର ପ୍ରସାଦ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏସୟୁଜେ ଜିଲ୍ଲା ସମ୍ପାଦକ ବରିଷ୍ଠ ସାମ୍ବାଦିକ ପ୍ରତାପ ଦାସ ବିବରଣୀ ପାଠ କରିଥିବା ବେଳେ ଜିଲ୍ଲା ଉପ ସଭାପତି ରଜତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭଦ୍ରକ ଜିଲ୍ଲାର ବରିଷ୍ଠ ଭେଷଜ ଡାକ୍ତର ତଥା ଭାରତୀୟ ଚିକିତ୍ସକ ସଂଘ ଭଦ୍ରକ ଜିଲ୍ଲା ସଭାପତି ଡା ରବିନ୍ଦ୍ର ନାୟକ, ବିଶିଷ୍ଟ ସମାଜସେବୀ ତଥା ସିଆରଏସଆରର ମୁଖ୍ୟ ଭଗବାନ ପରିଡ଼ା, ଉଦ୍ୟୋଗପତି ମନୋଜ କୁମାର ରାୟ, ବରିଷ୍ଠ ସାମ୍ବାଦିକ ପ୍ରତାପ ଦାସ, ପ୍ରମୋଦ କୁମାର ରାଏ, ଉମାକଲ୍ୟାଣ ମହାପାତ୍ର, ତପନ ସ୍ୱାଇଁ, ଶିବାନନ୍ଦ ଦାସ ଏବଂ ବିକାଶ କୁମାର ଧଳ ସାମନ୍ତଙ୍କୁ ସେମାନଙ୍କ ବୃତ୍ତିରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଂଜୟ ସିଂ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ମଧୁପ ରଞ୍ଜନ ନନ୍ଦ, ଜୁଲ ଫିକର ହୁସେନ, ରାଜ୍ୟ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶଶୀ ଭୂଷଣ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତପନ ସ୍ୱାଇଁ, ସୌଭାଗ୍ୟ ମହାରଣା, ସେକ ମନିରୁଦ୍ଦିନ, ସଦାଶିବ ମହାପାତ୍ର, ଜଗନ୍ନାଥ ଧଳ, ଟୁନା ଜେନାଙ୍କ ସହିତ କଟକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂପୁର, ନୟାଗଡ଼, ପୁରୀ, ଅନଗୁଳ ପ୍ରଭୃତି ୧୫ ଗୋଟି ଜିଲ୍ଲାର ସଭାପତି, ସମ୍ପାଦକ ଏବଂ କାର୍ଯ୍ୟକର୍ତ୍ତାଙ୍କୁ ମିଶାଇ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ।